READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୧୦ ୨୦ - ୨୬ ମାର୍ଚ୍ଚ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-10 20th - 26th MARCH, 2023 BHUBANESWAR ₹ 5/- (8 Pages)

## ସରକାରୀ ଜମି ବନ୍ଧା ଦେଇ ଋଣ ନେଇଛନ୍ତି ୩୮ ଶିଳ୍ପ ସଂସ୍ଥା

**ଭୁବନେଶ୍ୱର:** ରାଜ୍ୟରେ ଶିଳ୍ପ ସ୍ଥାପନ କରିବା ନିମନ୍ତେ ଇଡକୋ ମାଧ୍ୟମରେ ସରକାରୀ ଜମି ନେଇ ୩୮ଟି ଶିଳ୍ପ ସଂସ୍ଥା ତାକୁ ବ୍ୟାଙ୍କରେ ବନ୍ଧା ପକାଇ ଋଣ ନେଇଛନ୍ତି। ଏହି ୩୮ଟି ପ୍ରମୁଖ ଶିଳ୍ପ ସଂସ୍ଥା ମଧ୍ୟରେ ଜିନ୍ଦଲ ଷ୍ଟିଲ ଓ ପାୱାର, ଭୂଷଣ ପାୱାର, ବେଦାନ୍ତ ଓ ହିଣ୍ଡାଲକୋ ଅଧିକ ପରିମାଣର ଜମି ବନ୍ଧା ପକାଇଛନ୍ତି। ଆଉ ଏସବୁ ଜମି ବନ୍ଧା ରଖିବା ନିମନ୍ତେ ଇଡକୋ ମଧ୍ୟ ଅନାପତ୍ତି ପ୍ରମାଣ ପତ୍ର(ଏନଓସି) ଯୋଗାଇ ଦେଇଛି। ଯଦିଓ ୨୦୧୪ ମସିହାରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ନିଜର ରିପୋର୍ଟ ପ୍ରଦାନ କରି ଶିଳ୍ପ ସଂସ୍ଥାଗୁଡ଼ିକ ସେମାନଙ୍କୁ ଆବଣ୍ଟିତ ଇଡ଼କୋ ଜମିକୁ ବନ୍ଧା ପକାଇବା ଉପରେ ଆପତ୍ତି ଉଠାଇଥିଲେ ଓ ଏନେଇ ନିର୍ଦ୍ଦିଷ୍ଟ ଭାବେ ଆଇନ ଆଣିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଧାନସଭାରେ ➤ ପୃ-୬

### ଡ୍ରପ୍ଆଉଟରେ ଓଡ଼ିଶା ଦେଶରେ ଏକ ନମ୍ବର

# କୁଆଡେ ଗଲେ ୧୮ ହଜାର ମାଟ୍ରିକ୍ ଛାତ୍ରଛାତ୍ରୀ

**ଭୁବନେଶ୍ୱରେ :** ରାଜ୍ୟର ଶିକ୍ଷା ବ୍ୟବସ୍ଥା ଥରୁଛି। ଡ୍ରପ୍ଆଉଟ ଅନୁପାତରେ ପୂରା ଭାରତରେ ଓଡିଶା ଏକ ନମ୍ବର। ମାଟ୍ରିକ୍ ପରୀକ୍ଷାରେ ୧୮ ହଜାରରୁ ଅଧିକ ପିଲା ଅନୁପସ୍ଥିତ। ପରୀକ୍ଷା ବେଳେ ମନ୍ତ୍ରୀ ପରିଦର୍ଶନ ନାଁରେ ସ୍କୁଲ ଯାଇ ପିଲାଙ୍କ ସହ ଫଟୋ ଉଠାଉଛନ୍ତି। ଏହାଦ୍ୱାରା ପିଲାଙ୍କ ସ୍ଥିରତା ଉପରେ ପ୍ରଭାବ ପଡୁ ନାହିଁ କି ? ଓଡିଶାର ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ବସିଛନ୍ତି। ସ୍କୁଲ ଗୁଡିକୁ ରଙ୍ଗିନ୍ କରିଦେଲେ ସ୍କୁଲଗୁଡିକର ଉନ୍ନତି ହେବ ନାହିଁ। ଏହା ଛଡ଼ା ଅନେକ ସ୍କୁଲରେ ଶିକ୍ଷକ ନାହାନ୍ତି। ଷଷ୍ଠ କ୍ଲାସର ପିଲା ଅ ଠାରୁ କ୍ଷ ପର୍ଯ୍ୟନ୍ତ ବି କହିପାରୁନାହାନ୍ତି। ରାଜ୍ୟର ଡ୍ରପ୍ଆଉଟ ହାର ଏବେ ଚିନ୍ତାର କାରଣ ପାଲଟିଛି। ଏହାକୁ ନେଇ ବିଧାନସଭାରେ ବିରୋଧୀଙ୍କ ତରଫରୁ ସ୍ୱର ଉଠିଥିଲା। ସୂଚନାଥାଉ କି, ମାଟ୍ରିକ୍ ପରୀକ୍ଷା ସରିଯାଇଛି। ହେଲେ ପରୀକ୍ଷା ଆରମ୍ଭର ପ୍ରଥମ ଦିନର ଚିତ୍ର ଯାହା ଥିଲା ଦ୍ୱିତୀୟ ଦିନରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିବା ୧୮ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସି ନଥିଲେ। ଚୂଡ଼ାନ୍ତ ରିପୋର୍ଟ ଗଣଶିକ୍ଷା ବିଭାଗ ହସ୍ତଗତ ହୋଇ ନ ଥିଲେ ମଧ୍ୟ ଅନୁପସ୍ଥିତଙ୍କ ସଂଖ୍ୟା ୨୦ ହଜାର ଭିତରେ ହୋଇପାରେ ବୋଲି ଆକଳନ କରାଯାଉଛି। ଏଭଳି ତଥ୍ୟ ଆସିବା ପରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିଜ



ପ୍ରତିକ୍ରିୟାରେ କହିଥିଲେ ଯେ, କେଉଁଠି ତ୍ରୁଟି ରହିଲା ତାହାର ଅନୁଧ୍ୟାନ କରାଯିବା ସହ ଅଧାରୁ ପାଠପଢ଼ା ଛାଡ଼ିଥିବା ପିଲାଙ୍କୁ ପୁଣିଥରେ ମୁଖ୍ୟସ୍ରୋତରେ ସାମିଲ କରିବା ଦିଗରେ ପଦକ୍ଷେପ ନିଆଯିବ। ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଦାଶ ଆହୁରି ମଧ୍ୟ କହିଥିଲେ ଯେ, ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତି ସମ୍ପର୍କରେ କହିବା ପୂର୍ବରୁ ଆମକୁ ସାମାଜିକ ଓ ଅର୍ଥିକ ଦୃଷ୍ଟିକୋଣକୁ ଦେଖିବାକୁ ପଡ଼ିବ। ରାଜ୍ୟର କେତେକ ସ୍ଥାନରେ ଛାତ୍ରୀମାନେ ପରୀକ୍ଷା ପୂର୍ବରୁ ବିବାହ କରିଥିବା ସତ। ସେଠାରେ ପିଲାଙ୍କ ସାମାଜିକ ସ୍ଥିତିକୁ ଦେଖିବାକୁ ପଡ଼ିବ। ଆଗକୁ ଏଭଳି ସ୍ଥିତି ଯେମିତି ନ ହୁଏ ତାହାକୁ ଗୁରୁତର ସହ ନିଆଯାଇଛି। ସମେଟିଭ୍ ଆସେସ୍‌ମେଣ୍ଟ(ଏସ୍ଏ)-୨ ବେଳକୁ ଫର୍ମ ପୂରଣ ସମୟରେ ପିଲାଙ୍କୁ ଅର୍ଥ ଦେବାକୁ ପଡ଼ିଲା ନାହିଁ। ମାଗଣାରେ ଫର୍ମ ପୂରଣ କରାଯାଉଥିବାରୁ ଏସ୍ଏ-୧ ବେଳେ ଫର୍ମ ପୂରଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ କରାଗଲା। ମାତ୍ର ଆମ ବ୍ୟବସ୍ଥା ଅନୁଯାୟୀ ଯେଉଁମାନେ ➤ ପୃ-୬

## ବାକିରେ ଚାଲିଛି 'ପିଏମ୍ ପୋଷଣ'

**ଭୁବନେଶ୍ୱର :** ରାତି ପାହିଲେ ଶିକ୍ଷକମାନଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ଚିନ୍ତା ଘାରୁଛି। ଦୀର୍ଘ ଦିନ ହେବ ସେମାନଙ୍କୁ ଏମଡିଏମ୍ ବାବଦକୁ ଅନୁଦାନ ରାଶି ମିଳି ନଥିବାରୁ ଏଭଳି ସମସ୍ୟା ଉପୁଜିଛି। ମାସେ କି ଦୁଇ ମାସ ନୁହଁ; ୪ ମାସ ହେବ ଶିକ୍ଷକମାନଙ୍କୁ ମଧ୍ୟାହ୍ନଭୋଜନ ବାବଦ ଅର୍ଥ ମିଳିନି। କେନ୍ଦ୍ର

**ଚାରି ମାସ ହେଲା କେନ୍ଦ୍ର ଦେଇନି ମଧ୍ୟାହ୍ନଭୋଜନ ଅର୍ଥ**
**ମଧ୍ୟାହ୍ନଭୋଜନ ପରିଚାଳନା ନେଇ ଚିନ୍ତାରେ ଶିକ୍ଷକ**

ସରକାରଙ୍କ ଅବହେଳା ପାଇଁ ବାକିରେ ଚାଲିଛି ମଧ୍ୟାହ୍ନଭୋଜନ (ପିଏମ୍ ପୋଷଣ) ଯୋଜନା। ଶିକ୍ଷକମାନେ ସେମାନଙ୍କ ଦରମାରୁ ମଧ୍ୟାହ୍ନ ଭୋଜନ ଚଳାଉଥିବା ବେଳେ ଅର୍ଥାଭାବ ଯୋଗୁଁ ଏମଡିଏମ୍ ବନ୍ଦ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଶିକ୍ଷକମାନଙ୍କ ଅଭିଯୋଗ ଅନୁସାରେ, କେନ୍ଦ୍ରରୁ ପିଏମ୍ ପୋଷଣ ବାବଦ ଅନୁଦାନ ମିଳି ନଥିବାରୁ ଏଭଳି ସମସ୍ୟା ହେଉଛି। ସେମାନଙ୍କ ଦରମା ଟଙ୍କା ଏବଂ ସ୍ଥାନୀୟ ଦୋକାନରୁ ବାକି କରି ମଧ୍ୟାହ୍ନ ଭୋଜନ ଚଳାଉଛନ୍ତି। ବଜାରରେ ଦରଦାମ୍ ହୁ ହୁ ହୋଇ ବଢ଼ି ଚାଲିଥିବାବେଳେ ମଧ୍ୟାହ୍ନ ଭୋଜନ ବାବଦ ଅର୍ଥ ସେମାନେ ଯୋଗାଡ଼ ➤ ପୃ-୬

### ଟାଇମ୍ ମାଗାଜିନରେ ଓଡ଼ିଶାର କାହାଣୀ

## ବିଶ୍ୱର ୫୦ ପ୍ରାକୃତିକ ସ୍ଥାନରେ ମୟୁରଭଞ୍ଜ

**ଭୁବନେଶ୍ୱର :** ଟାଇମ୍ ମାଗାଜିନରେ ବିଶ୍ୱ ପଢିବ ଓଡ଼ିଶାର ଗାରିମା। ପାଠକ ଦେଖିବେ ମୟୂରଭଞ୍ଜର ପ୍ରାକୃତିକ ଶୋଭା। ବିଶ୍ୱର ୫୦ଟି ସର୍ବଶ୍ରେଷ୍ଠ ପ୍ରାକୃତିକ ସ୍ଥାନ ତାଲିକାରେ ସାମିଲ ରହିଛି ମୟୁରଭଞ୍ଜ। ଟାଇମ୍ ମାଗାଜିନ ପକ୍ଷରୁ ଏହି ସବୁ ସ୍ଥାନ ଗୁଡିକ ଉପରେ ଅନୁସନ୍ଧାନ କରାଯିବ। କାରଣ ବିଶ୍ୱର ୫୦ଟି ଅସାଧାରଣ ଗନ୍ତବ୍ୟସ୍ଥଳକୁ ନେଇ ପ୍ରସ୍ତୁତ ହେଉଛି ମାଗାଜିନ। ମୟୁରଭଞ୍ଜ ବ୍ୟତୀତ ଲଦାଖ ଭାରତର ଦ୍ୱିତୀୟ ଅସାଧାରଣ ଗନ୍ତବ୍ୟସ୍ଥଳ ତାଲିକାରେ ରହିଛି। ମୟୁରଭଞ୍ଜ ଓଡ଼ିଶା ପାଇଁ ପ୍ରକୃତିର ଅପୂର୍ବ ଦାନ। ଶିମିଳିପାଳ ଜାତୀୟ ଉଦ୍ୟାନ ମୟୁରଭଞ୍ଜ ଜିଲ୍ଲାରେ ଅବସ୍ଥିତ। ଯାହା ଜାତୀୟ ଉଦ୍ୟାନ ଭାବେ ପରିଚିତ। ଯେଉଁଠିକୁ ଦେଶ ବାହାରୁ ଧାଇଁ ଆସନ୍ତି ପର୍ଯ୍ୟଟକ। ପୃଥିବୀର ଏକମାତ୍ର




ସ୍ଥାନ, ଯେଉଁଠି କଳା ବାଘର ବିଚରଣକୁ ଦେଖିବାର ସୁଯୋଗ ମିଳିଥାଏ। ଏଠାରେ ମହାବଳ ବାଘ, ହରିଣ ଓ ହାତୀଙ୍କ ବ୍ୟତୀତ ବିଭିନ୍ନ ଦେଶୀ ଜୀବଜନ୍ତୁ ବାସ କରନ୍ତି। ଅଭୟାରଣ୍ୟର ଆୟତନ ୮୪୫.୭୦ ବର୍ଗ କିଲୋମିଟର। ଏହା ମଧ୍ୟରେ ➤ ପୃ-୬

### କଂଗ୍ରେସକୁ ବାଦ ଦେଇ ନୂଆ ମେଣ୍ଟ ପାଇଁ ମମତା-ଅଖିଲେଶ ରାଜି

# ଫୋକସରେ ନବୀନ

**ନୂଆଦିଲ୍ଲୀ :** ଦେଶର ୩ ପ୍ରମୁଖ ବିରୋଧୀ ଦଳ ଉଭୟ କଂଗ୍ରେସ ଓ ବିଜେପି ଠାରୁ ସମଦୂରତା ଅବଲମ୍ବନ କରିବାକୁ ରାଜି ହୋଇଛନ୍ତି। ସେମାନେ ଉଭୟ ଦଳ ପ୍ରତି ସମାନ ଆଭିମୁଖ୍ୟ ରଖି ବିରୋଧୀ ମେଣ୍ଟ ଗଠନ କରିବେ ବୋଲି ସଙ୍କେତ ଦେଇଛନ୍ତି। କୋଲକାତାରେ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଲେଶ ଯାଦବ ତୃଣମୂଳ କଂଗ୍ରେସର ମୁଖ୍ୟ ମମତା ବାନାର୍ଜୀଙ୍କୁ ଭେଟିବା ପରେ ଏପରି ସମୀକରଣ ସାମ୍ନାକୁ ଆସିଛି। କଂଗ୍ରେସକୁ ବାଦ ଦେଇ ନୂଆ ମେଣ୍ଟ ଗଠନ କରିବାକୁ ମମତା ଓ ଅଖିଲେଶ ରାଜି ହୋଇଛନ୍ତି। ଏବେ ସେମାନଙ୍କ ଫୋକସରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରହିଛନ୍ତି। ନବୀନ ମଧ୍ୟ ସବୁବେଳେ ବିଜେପି-



କଂଗ୍ରେସ ଠାରୁ ସମଦୂରତା ସପକ୍ଷରେ ମତ ରଖିଥିଲେ। ଏବେ ଏହାକୁ କାର୍ଯ୍ୟକାରୀ କରିବାକୁ ମମତା କମାଣ ସମ୍ଭାଳିଛନ୍ତି। ଏନେଇ ଆସନ୍ତା ସପ୍ତାହରେ ନିଜେ ମମତା ଓଡ଼ିଶା ଆସିବେ। ଏହି ସମୟରେ ସେ ନବୀନଙ୍କୁ ଭେଟି ନୂଆ ମେଣ୍ଟ ସପକ୍ଷରେ ଆଲୋଚନା କରିବେ। ଗୋଟିଏ ପଟେ ବିଜେପି ରାହୁଲ ଗାନ୍ଧିଙ୍କୁ ବିରୋଧୀ ଚେହେରା ଭାବେ ଚିତ୍ରଣ କରି ଏହାର ଫାଇଦା ହାସଲ କରିବାକୁ ଉଦ୍ୟମ କରୁଛି। ଏହାକୁ କାଉଣ୍ଟର କରିବା ପାଇଁ ଏପରି ଯୋଜନା ହୋଇଥିବା କୁହାଯାଉଛି। ସଂସଦରେ ବିରୋଧୀଙ୍କ ମାଇକ ବନ୍ଦ କରି ଦିଆଯାଉଥିବା ରାହୁଲ ଗାନ୍ଧି ଅଭିଯୋଗ କରିଥିବା ବେଳେ ବିଜେପି ତାଙ୍କର ଲଣ୍ଡନ ସ୍ପିଚ୍‌କୁ ନେଇ କ୍ଷମା ମାଗିବାକୁ ଜିଦ କରୁଛି। ରାହୁଲ ବିରୋଧୀଙ୍କ ଚେହେରା ଭାବେ ନିଜକୁ ପ୍ରଦର୍ଶିତ କରୁଥିବା ବେଳେ ଏବେ ମମତା-ଅଖିଲେଶ ନୂଆ ଟ୍ୱିଷ୍ଟ ଆଣିଛନ୍ତି। ଟିଏମସି ସାଂସଦ ସୁଦୀପ ବନ୍ଦ୍ୟୋପାଧ୍ୟାୟ କହିଛନ୍ତି, ➤ ପୃ-୬

## ରାଜ୍ୟରେ ଦେଢ଼ ଲକ୍ଷ ବାଂଲାଦେଶୀ ଶରଣାର୍ଥୀ

**ଭୁବନେଶ୍ୱର :** ବର୍ତ୍ତମାନ ରାଜ୍ୟରେ ୧ ଲକ୍ଷ ୫୭ହଜାର ୪୩୨ ଜଣ ବାଂଲାଦେଶୀ ଶରଣାର୍ଥୀ ଅଛନ୍ତି। ତେବେ ଶରଣାର୍ଥୀଙ୍କ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ସବୁଠୁ ଆଗରେ ରହିଛି। ମାଲକାନଗିରିରେ ୧ଲକ୍ଷ ୪ ହଜାର୨ ୩୩ ଜଣ ଶରଣାର୍ଥୀ ଥିବା ବେଳେ ପଛକୁ ନବରଙ୍ଗପୁରରେ ୪୬ ହଜାର ୮୪୮ ଜଣ ଅଛନ୍ତି। ଖୋର୍ଦ୍ଧାରେ ୪୬୫୩, କେନ୍ଦ୍ରାପଡ଼ାରେ ୪୪୧, ଯାଜପୁରରେ ୩୭୯, ରାୟଗଡ଼ାରେ ୩୦୪ ଜଣ, କୋରାପୁଟରେ ୧୧୪, କଳାହାଣ୍ଡିରେ ୯୦, ବାଲେଶ୍ୱରରେ ୭୫, ଅନୁଗୁଳରେ ୧୫ ଅଛନ୍ତି। ସେହିପରି ୩ ହଜାର ୭୪୦ ଜଣ ➤ ପୃ-୬

## ବକ୍ରବାଣୀ



ଗର୍ବ କରିବା ଭଲ ନୁହେଁ ଭାଇ
ତୁଛାଟାରେ ଗ୍ର୍ବ କଅଣ ପାଇଁ
ଅଶୀ ଭାଗ ଲୋକ ଭୋକିଲା ଏଠି
ଖାଇବାକୁ ଗଣ୍ଡେ ପାଆନ୍ତି ନାଇଁ
ଚାକିରୀ ଖୋଜୁଚି ବେକାର ପୁଅ
ବାଢୁଅ ଝୁଅକୁ ମିଳୁନି ବର
ଆଜି ମରିଗଲେ କାଲି ଦି'ଦିନ
ଆପଣା ଲୋକେ ତ କରିବେ ପର
ମଶାଣୀକୁ ନେଇ ନିଆଁ ଲଗେଇ
ପଳେଇ ଆସିବେ ଜଳିଲେ କୁଇ।

—— ଟୁଟୁ

### ଭୋଟ୍ ପୂର୍ବରୁ ବଢ଼େ ବିଧାୟକଙ୍କ ଦରମା

# ସାଧାରଣ ଲୋକଙ୍କ ଦୁଃଖ ବୁଝୁଛି କିଏ ?

**ଭୁବନେଶ୍ୱର :** ମାତ୍ର ସାଢ଼େ ୫ବର୍ଷ ବ୍ୟବଧାନରେ ପୁଣିଥରେ ନିଜର ଦରମା ବଢ଼ାଇବାକୁ ରାଜ୍ୟର ୩ ପ୍ରମୁଖ ଦଳର ବିଧାୟକମାନେ ଏକଜୁଟ ହୋଇଛନ୍ତି। ଦରଦାମ ବୃଦ୍ଧି ଓ ଲୋକଙ୍କ ସେବାର ଆଳ ଦେଖାଇ ସେମାନଙ୍କ ଦରମା ବୃଦ୍ଧି ପାଇଁ ତୁରନ୍ତ ଗୃହରେ ବିଲ୍ ଆସୁ ବୋଲି ବିଧାନସଭାରେ ବିଜେଡି, କଂଗ୍ରେସ ଓ ବିଜେପି ବିଧାୟକମାନେ ଏକସ୍ୱରରେ ଦାବି କରିଛନ୍ତି। ଆଉ ବିଧାୟକମାନଙ୍କ ଦାବିକୁ ଦୃଷ୍ଟିରେ ରଖି ବାଚସ୍ପତି ବିକ୍ରମ କେଶରୀ ଆରୁଖ୍ ମଧ୍ୟ ସରକାରଙ୍କୁ ଏହି ବିଲ୍ କିଭଳି ଗୃହକୁ ଆସିବ ସେ ଦିଗରେ ସମୟୋଚିତ ପଦକ୍ଷେପ ନେବାକୁ କହିଛନ୍ତି। ଏବେବି ଅନେକ ବର୍ଗର କର୍ମଚାରୀମାନଙ୍କୁ ରାଜ୍ୟ ସରକାର ମାସିକ ୮-୧୦ହଜାର ଟଙ୍କାରେ କାମ କରାଉଥିବାବେଳେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପରିବର୍ତ୍ତେ ବିଧାୟକମାନେ ନିଜ ଦରମା ଓ ପେନସନ୍ କିଭଳି ବଢ଼ିବ ସେ ନେଇ ବିଧାନସଭାରେ ଦଳମତ ଭୁଲି ଏକଜୁଟ ହେବାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ପ୍ରଶ୍ନ ଉଠୁଛି, ପ୍ରତ୍ୟେକ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ବିଧାୟକମାନଙ୍କ ଦରମା ବୃଦ୍ଧି ହେବା ଜରୁରୀ କି ? ସୂଚନା ଅନୁସାରେ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଧାୟକମାନଙ୍କ ଦରମା ଓ ପେନସନ ପରିମାଣ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ନିଷ୍ପତ୍ତି ନେବାର ସମ୍ଭାବନା ରହିଛି। ଚଳିତ ବଜେଟ୍ ଅଧିବେଶନ ନଚେତ୍ ଅତିବେଶୀରେ ଆଗାମୀ ମୌସୁମୀ ଅଧିବେଶନରେ ବିଧାୟକମାନଙ୍କ ଦରମା ଓ ଭିତ୍ତାକୁ ୨.୫୦ଲକ୍ଷ ଟଙ୍କାକୁ ବୃଦ୍ଧି ସମେତ ପୂର୍ବତନ ବିଧାୟକଙ୍କ ପେନସନ ପରିମାଣ ସର୍ବନିମ୍ନ ୧ଲକ୍ଷ ଟଙ୍କାକୁ ବଢ଼ାଇବାକୁ ବିଲ୍ ବିଧାନସଭାରେ ଆସିବ ବୋଲି ଜଣାପଡ଼ିଛି। ତେଲ ଓ ବିଜୁଳି ଦର ସହ ଦରଦାମ ବୃଦ୍ଧିର ଆଳ ଦେଖାଇ ଏବେ ଚଳିବା ସମ୍ଭବପର ହେଉନି, ତେଣୁ ଦରମା ଓ ଭତ୍ତା ବଢ଼ାଇବା ଦିଗରେ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିଧାୟକମାନେ ଦାବି କରିଛନ୍ତି। ଦିଲ୍ଲୀ ସରକାର ଗତ ଦୁଇଦିନ ତଳେ ସମ୍ପୃକ୍ତ ରାଜ୍ୟର ବିଧାୟକମାନଙ୍କ ଦରମା ବୃଦ୍ଧି କରିଥିବାରୁ ଓଡ଼ିଶା ସରକାର ଅନୁରୂପ ପଦକ୍ଷେପ ନେବାକୁ ବିଜେଡି ବିଧାୟକ ମତ ରଖିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ସାଧାରଣ ଲୋକଙ୍କଠୁ ଆରମ୍ଭ କରି ବିଭିନ୍ନ ବର୍ଗର କର୍ମଚାରୀମାନେ ସେମାନଙ୍କର ➤ ପୃ-୬

### ବ୍ୟୟ ଅଟକଳ ଥିଲା ୨୧୭କୋଟି, ୨୫୦୦ କୋଟିରେ ପହଞ୍ଚିଲାଣି

# ସରୁନି ଲୋୟର ସୁକତେଲ ପ୍ରକଳ୍ପ

**ଭୁବନେଶ୍ୱର :** ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୨୦୦୧ରେ ୨୧୭ କୋଟି ଟଙ୍କା ବ୍ୟୟ ଅଟକଳ ଥିଲା। ଏବେ ୨୫୦୦କୋଟି ଟଙ୍କାରେ ପହଞ୍ଚିଲାଣି। କାହିଁକି ସରିବନି ପ୍ରକଳ୍ପ କାମ ? କିଏ ଦାୟୀ ? ୨୦୦୬ରେ ଆନନ୍ଦପୁର ପ୍ରକଳ୍ପର ବ୍ୟୟ ଅଟକଳ ଥିଲା ୫୮୧ କୋଟି ଟଙ୍କା। ଏବେ ଏହା ୨୯୦୫ କୋଟି ଟଙ୍କାରେ ପହଞ୍ଚିଲାଣି। କେଉଁ ଅଧିକାରୀଙ୍କ ପାଇଁ କାମ ବିଳମ୍ବ ହେଲା। ସେହି ଅଧିକାରୀମାନଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ମନ୍ତ୍ରୀ କହିବେ କି ? ମନ୍ତ୍ରୀ ଗୋଟିଏ କଥା କହୁଛନ୍ତି ଅଫିସର ଗୋଟିଏ କଥା କହୁଛନ୍ତି ? ତାଳମେଳ ରହୁନାହିଁ। କାହା ତଥ୍ୟ ଠିକ୍। ମନ୍ତ୍ରୀଙ୍କର ନା ଅଫିସରଙ୍କ ଜଣାପଡୁନି। ଜଳ ସମ୍ପଦ ବିଭାଗ ପକ୍ଷରୁ ବିଧାନସଭାରେ



୧୦୭୨୩ କୋଟି ୯୯ଲକ୍ଷ ୯୯ ହଜାର ଟଙ୍କା ଖର୍ଚ୍ଚ ଦାବିକୁ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଉପସ୍ଥାପନ କରିବା ପରେ ବିଭାଗୀୟ ଖର୍ଚ୍ଚ ଦାବି ଆଲୋକଚନା ବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଏହା କହିଥିଲେ। ଶ୍ରୀ ମାଝି କହିଥିଲେ ଯେ, ସେ ଏହି ଖର୍ଚ୍ଚ ଦାବିକୁ ଗ୍ରହଣ କରିପାରୁ ନାହାନ୍ତି। ଏହାର ଅନେକ କାରଣ ରହିଛି। ଲମ୍ବା ସମୟ ଧରି ସରକାର ପ୍ରତିଷ୍ଠା ହୋଇଛି। ରାଜନୈତିକ ସ୍ଥିରତା ଅଛି। କେନ୍ଦ୍ରର ହସ୍ତକ୍ଷେପ ନାହିଁ। ➤ ପୃ-୬




# 'ଉଗାଦି' ଉତ୍ସବ ପାଳନକୁ ନେଇ ୨ ଗୋଷ୍ଠୀ ସକ୍ରିୟ

**ରାୟଗଡା : (ଅମୂଲ୍ୟ ନିଶଙ୍କ):** ଆସନ୍ତା ମାର୍ଚ୍ଚ ୨୨ତାରିଖ ଦିନ ତେଲୁଗୁ ସଂପ୍ରଦାୟ ଲୋକେ ପାଳିବେ ନବବର୍ଷ ତଥା 'ଉଗାଦି'। ଚଳିତ ବର୍ଷ ଏହି ଉଗାଦି ପର୍ବ ପାଳନକୁ ନେଇ ରାୟଗଡା ସହରରେ ଏବେ ଠାରୁ ଚଳଚଂଚଳ ଦେଖିବାକୁ ପ୍ରଥମ କରି ସହରର ୨ଟି ସ୍ଥାନରେ ପାଳନ ହେବାକୁ ଯାଉଛି ତେଲୁଗୁ ସଂପ୍ରଦାୟର ନବ ବର୍ଷର ପର୍ବ 'ଉଗାଦି ଉତ୍ସବ'। ରାୟଗଡା ସହରରେ ବିଜୁ ଜନତା ଦଳର ଫାଟକୁ ନେଇ ଯେତିକି ଚର୍ଚ୍ଚା ହେଉନାହିଁ ତାହା ଠାରୁ ଅଧିକା ଜୋର ଧରିଛି ଏହି 'ଉଗାଦି ଉତ୍ସବ' ପାଳନକୁ ନେଇ ଚର୍ଚ୍ଚା। ସହରର ବିଭିନ୍ନ ମୁଖ୍ୟ ଛକ ଗୁଡିକରେ ଲଗାଯାଇଛି ଉଗାଦି ଉତ୍ସବର ବ୍ୟାନର। ରାୟଗଡା ଜିଲ୍ଲା ବିଜୁ ଜନତା ଦଳର ବରିଷ୍ଠ ତୁଙ୍ଗ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ସଭାପତିତ୍ୱରେ ରାୟଗଡା ଡିଷ୍ଟ୍ରିକ୍ ଉଗାଦି ଉତ୍ସବ କମିଟି ପକ୍ଷରୁ ହୋଟେଲ ତେଜସ୍ୱୀ ସମ୍ମୁଖ ପଡିଆ ଠାରେ ୧୧ତମ ବର୍ଷର ଉଗାଦି ଉତ୍ସବ ୨ଦିନ ଧରି ପାଳନ କରାଯିବାକୁ ଥିବା ବେଳେ ରାୟଗଡା ଜିଲ୍ଲା ଉଗାଦି ଉତ୍ସବ କମିଟି ସଭାପତି ତଥା ଆଇନଜୀବି ଭି.ସନ୍ୟାସୀ ରାଜୁ ଏବଂ ଆବାହକ ପି.ଗୌରୀ ଶଙ୍କର ରାଓଙ୍କ ନେତୃତ୍ୱରେ ୩୨୬ନମ୍ବର ଜାତୀୟ ରାଜପଥ କଡରେ ଥିବା ହୀରୋ ସୋ'ରୁମ୍ ସମ୍ମୁଖ ଖୋଲା ପଡିଆ ଠାରେ ମଧ୍ୟ ପ୍ରଥମ ବର୍ଷର ଉଗାଦି ଉତ୍ସବ ୨ଦିନ ଧରି ପାଳନ କରାଯିବ ବୋଲି ଜଣାପଡିଛି। ଉଭୟ କମିଟି ପକ୍ଷରୁ ଉକ୍ତ ୨ଦିନର ସନ୍ଧ୍ୟାରେ ଭରପୁର ମନୋରଞ୍ଜନ ରହିଥିବା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମକୁ



ସ୍ଥାନ ଦିଆଯାଇଥିବା ବେଳେ ତେଲୁଗୁ ଚଳଚ୍ଚିତ୍ର ଜଗତର ସୁନାମ ଧନ୍ୟ ଅଭିନେତ୍ରୀ, ହାସ୍ୟ କଳାକାରଙ୍କ ସମେତ ଅନ୍ୟ କଳାକାରମାନଙ୍କ ଚିତାକର୍ଷକ ପରିବେଷଣ ଦେଖିବାକୁ ମିଳିବ। ଯାହାକୁ ନେଇ ସହରର ଯୁବଗୋଷ୍ଠୀଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଖେଳିଯାଇଛି। ହୀରୋ ସୋ'ରୁମ୍ ସମ୍ମୁଖ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଉଗାଦି ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଦିବାସୀ କଲ୍ୟାଣ ଓ ଆଇନ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗ ଦେବାକୁ ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ୍ ଲୋକସଭା ସାଂସଦ କେ.ରାମମୋହନ ନାଇଡୁ ଯୋଗ ଦେବେ ବୋଲି ଜଣାପଡିଛି। ସେହିପରି ସମ୍ମାନୀତ ଅତିଥି ଭାବେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ,ରାୟଗଡା ବିଧାୟକ ମକରନ୍ଦ ମୁଦୁଲି,ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ଏସଡିସି ଅଧ୍ୟକ୍ଷା ଶ୍ରୀମତି ଅନୁସୂୟା ମାଝି, ଜିଲ୍ଲାପାଳ ସ୍ୱାଧାଦେବ ସିଂ, ଏସ.ପି. ବିବେକାନନ୍ଦ ଶର୍ମା, ମା ମଝିଘରିଆଣୀ ମନ୍ଦିର ଟ୍ରଷ୍ଟି ଅଧ୍ୟକ୍ଷ ରାଇସିଂ ବିଡିକା ଏବଂ ମୁଖ୍ୟ ବକ୍ତା ଭାବେ ଟଲିଉଡ୍ ଜଗତର ଖ୍ୟାତାନାମା ଗୀତକାର ବି.ବିଜୟ କୁମାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଟଲିଉଡ୍ ଅଭିନେତ୍ରୀ ମେହେରିନ୍, ପ୍ରିୟଙ୍କା ନିର୍ଭାଣାଙ୍କ ସମେତ ଟଲିଉଡ୍ ଏବଂ ବଲିଉଡର ସୁନାମଧନ୍ୟ କଣ୍ଠଶିଳ୍ପୀ ଦୀପୁ,ଭାର୍ଗଭୀ ପିଲାଇ, ସୋନି ଏବଂ ଜବରଦସ୍ତ ହାସ୍ୟ ପ୍ରୋଗ୍ରାମର କଳାକାର ବିନୋଦ, ଦୋରାବାବୁ, ଅଭିନାଶ ଏବଂ ଫାଇମାଙ୍କ ସହ ଧୀ ଡେନ୍ସର୍ସ ପ୍ରମୁଖ ଉଗାଦି ମଞ୍ଚରେ ପରିବେଷଣ କରି ଦର୍ଶକଙ୍କୁ ମନୋରଂଜନ କରିବେ। ଉଗାଦି ଉତ୍ସବ ପାଳନ ଅବସରରେ ମାର୍ଚ୍ଚ ୨୨ତାରିଖ ସକାଳ ସାଢେ ଆଠଟା ସମୟରେ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପ ଠାରେ ନୂତନ ପାଂଜି ପଠନ ସହ ପାରମ୍ପରିକ ଆନ୍ଧ୍ର ଆଚାର ବିତରଣ,ଗୀତା ପରାୟାଣ,କବି ସମ୍ମିଳନୀ, କବିତା ଗୋଷ୍ଠୀ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ରାୟଗଡା ଜିଲ୍ଲା ଉଗାଦି ଉତ୍ସବ କମିଟି କହିଛନ୍ତି। ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** – ପେଟ ଓ ଗ୍ୟାସ ସମ୍ବନ୍ଧୀୟ ପୀଡା ରହିବ। ତିନିଟି ସ୍ଥାନରୁ ଧନ ଓ ଶୁଭ ସମାଚାର ପାଇବେ। କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଯୋଗ ଅଛି। ଜୀବନସାଥୀଙ୍କରେ ସମ୍ପର୍କରେ ତିକ୍ତତା ଦେଖାଦେବ। ଗୃହରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି।

**ବୃଷ** – ପଶୁପକ୍ଷୀଭକ୍ ଠାରୁ ଦୂରରେ ରହନ୍ତୁ। ନିଜ ଲୋକଙ୍କ ଯୋଗୁ ଧନପ୍ରାପ୍ତି ଯୋଗ ଅଛି। ବ୍ୟୟ ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇଷବ। ଦମ୍ପତ୍ତି ମାନଙ୍କ ସହ ସମ୍ପର୍କରେ ବୃଦ୍ଧି ହେବ। ବାଣୀରେ ଲଗାମ ଦିଅନ୍ତୁ। ନୂତନ ଗାଡି କ୍ରୟ କରିପାରନ୍ତି।

**ମିଥୁନ** – ଇଏନ୍ଟି ଓ ଚର୍ମ ରୋଗ ହୋଇପାରେ। ନିଜର ରାଗକୁ ନିୟନ୍ତ୍ରଣ ରଖନ୍ତୁ। ବାପା ଓ ମାଆଙ୍କ ଧନପ୍ରାପ୍ତି ବିଳମ୍ବିତ ହେବ। ନୂଆ ଚାକିରି ପାଇପାରନ୍ତି। ଦୂରଯାତ୍ରା ଯୋଗ ଅଛି। ପ୍ରେମୀଙ୍କ ସମ୍ପର୍କ ଦୃଢ଼ ହେବ।

**କର୍କଟ** – ମାନସିକ କଷ୍ଟ ରହିବ। ବାପା ମାଆ ସ୍ୱାସ୍ଥ୍ୟ ବିଗିଡିପାରେ। ପ୍ରତିଷ୍ଠାରେ ବୃଦ୍ଧି ଓ ଧନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ ନୂଆ କାମ ପାଇଷବ। ଜୀବନସାଥୀଙ୍କୁ ଉପହାର ଦିଅନ୍ତୁ। ଦୂରଯାତ୍ରା କରିପାରନ୍ତି।

**ସିଂହ** – ସମ୍ମାନିତ ହୋଇପାରନ୍ତି। ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ଆୟ ତୁଳନାରେ ବ୍ୟୟ ହେବ। ଜୀବନସାଥୀଙ୍କ ଶରୀର ଅସୁସ୍ଥ ରହିବ। ପରିବାରରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣ ଯୋଗ ଅଛି।

**କନ୍ୟା** – ସ୍ୱାସ୍ଥ୍ୟ ଭଲ ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। କୌଣସି ଘରୋଇ ଜିନିଷ ନଷ୍ଟ ହୋଇପାରେ। ଯାତ୍ରା ଯୋଗ ଅଛି। ଜୀବନସାଥୀ ସମ୍ମାନିତ ହେବେ। ପରିବାରେ ଶାନ୍ତି ବଜାୟ ରହିବ।

**ତୁଳା** – ପୁରୁଣା ରୋଗରୁ ମୁକ୍ତି ମିଳିବ। ୨ଟି ଜାଗାରୁ ଧନପ୍ରାପ୍ତି ଯୋଗ ଅଛି। ପରିବାରରେ କଷ୍ଟ ଯୋଗ ଅଛି। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ବଢ଼ିବ। ଦମ୍ପତ୍ତିମାନେ କୌଣସି ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

**ବିଛା** – ଚର୍ମରୋଗ ହୋଇପାରେ। ରୋକିଥିବା ଧନ ମିଳିବ। ନୂଆ କାମ ପାଇବେ। ଯାତ୍ରା ଯୋଗ ଅଛି। ଦମ୍ପତ୍ତିଙ୍କ ମଧ୍ୟରେ ମତାନ୍ତର ହୋଇପାରେ। ପରିବାରରେ ଶାନ୍ତି ବଜାୟ ରହିବ। ବିଦେଶ ଭ୍ରମଣର ଯୋଗ ଅଛି।

**ଧନୁ** – ସ୍ୱାସ୍ଥ୍ୟ ଉତ୍ତମ ରହିବ। ପରିଶ୍ରମ ଅନୁସାରେ ଧନପ୍ରାପ୍ତି ଯୋଗ ଅଛି। ଭାଇଭଉଣୀଙ୍କ ସହ ବିବାଦ ହୋଇପାରେ। ନୂଆ କାର୍ଯ୍ୟ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ଜୀବନସାଥୀଙ୍କ ସମ୍ମାନ ବଢ଼ିବ।

**ମକର** – ମନ ଅସ୍ଥିର ରହିବ। ଧାର୍ମିକ କାର୍ଯ୍ୟ ଯୋଗ ଅଛି। ମାତା ପିତାଙ୍କର ବିବାଦ ହୋଇପାରେ। ଘରୋଇ ଜିନିଷ କ୍ରୟ କରିବେ। କାମରେ ମନ ଅସନ୍ତୋଷ ରହିବ। ପ୍ରେମୀମାନେ ବଚସାରେ ଦୂରେଇ ପାରନ୍ତି।

**କୁମ୍ଭ** – ଆଣ୍ଠୁଗଣ୍ଠି କଷ୍ଟ ହୋଇପାରେ। ଧନ ସ୍ଥିତ ଅତି ଉତ୍ତମ ଅଛି। କାର୍ଯ୍ୟରେ ସାମାନ୍ୟ ବିଳମ୍ବ ହେବ। ଜୀବନସାଥୀଙ୍କ ସହ ଦୂର ଯାତ୍ରା ଯୋଗ ଅଛି। ଗୃହରେ ଶାନ୍ତି ବଜାୟ ରହିବ। ଲାଗି ରହିଥିବା ବାଦ ବିବାଦର ସମାଧାନ ହେବ।

**ମୀନ** – ସ୍ୱାସ୍ଥ୍ୟ ସାମାନ୍ୟ ରହିବ। କୌଣସି ମୂଲ୍ୟବାନ ବସ୍ତୁ ଚୋରୀ ହୋଇପାରେ। ପଦୋନ୍ନତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଦମ୍ପତ୍ତିମାନଙ୍କ ପାଇଁ ସମୟ ଅତି ଉତ୍ତମ। ଗୃହରେ ଶାନ୍ତି ବଜାୟ ରହିବ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

### ଆମେରିକା ସିନେଟ୍‌ରେ ପ୍ରସ୍ତାବ ପାରିତ, ଅରୁଣାଚଳ ପ୍ରଦେଶ ଭାରତର ଅଭିନ୍ନ ଅଙ୍ଗ

# ମ୍ୟାକ୍ ମୋହନ ଲାଇନ ହିଁ ଆନ୍ତର୍ଜାତିକ ସୀମାରେଖା

**ୱାଶିଂଟନ୍ :** ଅରୁଣାଚଳ ପ୍ରଦେଶସ୍ଥିତ ଆନ୍ତର୍ଜାତିକ ସୀମାରେଖାକୁ ନେଇ ଭାରତ ଏବଂ ଚୀନ୍ ମଧ୍ୟରେ ଲାଗି ରହିଥିବା ବିବାଦ ପ୍ରସଙ୍ଗରେ ଆମେରିକା ଭାରତକୁ ଦୃଢ ସମର୍ଥନ କରିଛି। ଅରୁଣାଚଳ ପ୍ରଦେଶର ସର୍ବାଧିକ ଭାଗକୁ ଚୀନ ନିଜର ଏବଂ ଏହା ଦକ୍ଷିଣ ତିବ୍ବତର ଅଂଶ କହୁଥିବା ବେଳେ ଏହା ଭାରତର ଅଭିନ୍ନ ଅଙ୍ଗ ବୋଲି ଆମେରିକା କହିଛି। ଏହିପ୍ରସଙ୍ଗରେ ଆମେରିକା ସଂସଦର ଉଚ୍ଚ ସଦନ ସିନେଟ୍ରେ ଏକ ପ୍ରସ୍ତାବ ଆଗତ କରାଯିବା ସହିତ ଉଭୟ ଡେମୋକ୍ରାଟ୍ ଏବଂ ରିପବ୍ଲିକାନ ପାର୍ଟି ପକ୍ଷରୁ ଭାରତର ଦାବିକୁ ସମର୍ଥନ କରାଯାଇଛି। କେବଳ ସେତିକି ନୁହେଁ, ଏହି ଅଞ୍ଚଳରେ ଚୀନ୍ ବାରମ୍ବାର ହରକତ୍ କରୁଥିବାରୁ ସୁରକ୍ଷା ପାଇଁ ଆବଶ୍ୟକ ସ୍ଥଳେ ଭାରତକୁ ଆମେରିକା ସହାୟତା କରିବାକୁ ଏହି ପ୍ରସ୍ତାବରେ ଅନୁମୋଦନ ଦିଆଯାଇଛି। ଆମେରିକାର ଦୁଇ ସାଂସଦ ବିଲ ହେଗେର୍ଟି ଏବଂ ଜେଫ୍ ମର୍କଲି ସିନେଟ୍ରେ ଏହି ପ୍ରସ୍ତାବ ଆଣିଥିଲା ବେଳେ ଏହାକୁ ଆଉ ଜଣେ ସାଂସଦ ମଧ୍ୟ ସମର୍ଥନ କରିଛନ୍ତି। ଏହି ପ୍ରସ୍ତାବରେ କୁହାଯାଇଛି ଯେ, ଭାରତ-ପ୍ରଶାନ୍ତ କ୍ଷେତ୍ରରେ ଚୀନ୍ ନିଜର ଔଦ୍ଧତ୍ୟ ଜାରି ରଖିଥିଲା ବେଳେ ଦକ୍ଷିଣ ଚୀନ ସାଗରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ବିଶେଷକରି ଚୀନ୍‌ର ବିସ୍ତାରବାଦୀ




ଏବଂ ଏକଚାଟିଆ ନୀତି ଯୋଗୁଁ ବହୁ ରାଷ୍ଟ୍ରଙ୍କ ସାର୍ବଭୌମତ୍ୱ ପ୍ରତି ଆଞ୍ଚ ଆସିଛି। ଏହି ନୀତିରେ ଚୀନ୍ ଅରୁଣାଚଳ ପ୍ରଦେଶରେ ମଧ୍ୟ ମନମାନୀ ଚଳାଇଛି। ଅରୁଣାଚଳ ପ୍ରଦେଶକୁ ଲାଗି ଚୀନ୍ ନୂଆ ନୂଆ ଗାଁ ବସାଇବା ସହିତ ଏଠାରେ ମାଣ୍ଡାରିନ ଭାଷାରେ ଲେଖାଯାଇଥିବା ପୋଷ୍ଟର ଲଗାଯାଉଛି। ଅନ୍ୟପକ୍ଷରେ ଏହି ଅଞ୍ଚଳରେ ଚୀନ୍ ସେନା ଦ୍ୱାରା ବାରମ୍ବାର ହରକତ୍ କରାଯିବାରୁ ଏଠାକାର ଗ୍ରାମାଞ୍ଚଳବାସୀଙ୍କ ବିକାଶ ମଧ୍ୟ ସମ୍ଭବ ହୋଇପାରୁ ନାହିଁ। ଅରୁଣାଚଳର ୨୫ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ଅତ୍ୟନ୍ତ କଠିନ ଚଳଣି ଦେଇ ଜୀବନ ନିର୍ବାହ କରୁଛନ୍ତି। ବିଗତ ୬ ବର୍ଷ ମଧ୍ୟରେ ଅରୁଣାଚଳ ସୀମାରେ ଭାରତୀୟ ସେନା ସହ ଚୀନ୍ ସେନା ମଧ୍ୟ ବହୁବାର ମୁହାଁମୁହିଁ ହୋଇଛନ୍ତି। କିନ୍ତୁ ଏଠାରେ ଆନ୍ତର୍ଜାତିକ ସୀମାରେଖା ଭାବେ ମ୍ୟାକ୍ ମୋହନ ଲାଇନକୁ ସମ୍ମାନ ଦେବାକୁ ହେବ। କିନ୍ତୁ ଚୀନ୍ ଏହାକୁ ବାରମ୍ବାର ଉଲ୍ଲଘଂନ କରୁଥିବା ଏବଂ ଏହାକୁ ସମ୍ମାନ ଦେଉ ନଥିବାରୁ ସୁରକ୍ଷା ପାଇଁ ଭାରତକୁ ଆମେରିକା ସହାୟତା କରିବା ଦରକାର ବୋଲି ଏହି ପ୍ରସ୍ତାବରେ କୁହାଯାଇଛି। ଭାରତ ଆମେରିକାର ପ୍ରମୁଖ ଅଂଶୀଦାର ରାଷ୍ଟ୍ର ହୋଇଥିବାରୁ ଦ୍ୱିପାକ୍ଷିକ ସ୍ତରରେ ହେଉ କିମ୍ବା 'କ୍ୱାଡ୍' ଏବଂ 'ଆଇଟୁୟୁଟୁ' ଭଳି ବୈଶ୍ୱିକ ଗୋଷ୍ଠୀ ଦ୍ୱାରା ଭାରତକୁ ସହାୟତା କରିବା ଜରୁରୀ ବୋଲି ଏହି ପ୍ରସ୍ତାବରେ କୁହାଯାଇଛି। ବିଶେଷକରି ଚୀନ୍‌ର ମନ୍ଦ ଉଦ୍ଦେଶ୍ୟ ଯେଭଳି ସଫଳ ନ ହୁଏ ତାହାକୁ ଦୃଷ୍ଟିରେ ରଖି ଭାରତକୁ ତୁରନ୍ତ ସହାୟତା ଯୋଗାଇ ଦିଆଯିବା ଦରକାର ବୋଲି ଏହି ପ୍ରସ୍ତାବରେ ଗୁରୁତ୍ୱ ଦିଆଯାଇଛି।

# 'ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ'ର ସଫଳତା

## ନିର୍ମାଣ ହୋଇଛି ୧୧ କୋଟି ପାଇଖାନା ଓ ୨.୨୩ ଲକ୍ଷ ଗୋଷ୍ଠୀ ଶୌଚାଳୟ

**ନୂଆଦିଲ୍ଲୀ :** 'ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ' ଅଧୀନରେ ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ୧୧ କୋଟିରୁ ଅଧିକ ପାଇଖାନା ଏବଂ ୨.୨୩ ଲକ୍ଷରୁ ଊର୍ଦ୍ଧ୍ୱ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। କେନ୍ଦ୍ର ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ଆଜି ଲୋକସଭାରେ ଏହି ସୂଚନା ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ୨୦୧୪ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାର ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨ ଅକ୍ଟୋବର ୨୦୧୯ ସୁଦ୍ଧା ଦେଶକୁ ଖୋଲା ମଳମୁକ୍ତ (ଓଡିଏଫ୍) କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଅବଧି ମଧ୍ୟରେ ଦେଶର ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ୧୦ କୋଟିରୁ ଅଧିକ ବ୍ୟକ୍ତିଗତ ପାରିବାରିକ ପାଇଖାନା ନିର୍ମାଣ କରାଯାଇଥିଲା। ଧାର୍ଯ୍ୟ ଲକ୍ଷ୍ୟ ମୁତାବକ ୨ ଅକ୍ଟୋବର ୨୦୧୯ ସୁଦ୍ଧା ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ନିଜକୁ ଓଡିଏଫ୍ ଘୋଷଣା କରିଥିଲେ। ଜିଲ୍ଲାଗୁଡ଼ିକର ଓଡିଏଫ୍ ସ୍ଥିତିକୁ ସୁନିଶ୍ଚିତ କରି ଜିଲ୍ଲାପାଳମାନଙ୍କର ଦସ୍ତଖତ ଥିବା ପ୍ରମାଣପତ୍ର ସବୁ ଜିଲ୍ଲା ପକ୍ଷରୁ ଅପଲୋଡ୍ କରାଯାଇଥିଲା। ଏହାପରେ ଯୋଜନାରୁ ବାଦ୍ ପଡ଼ିଥିବା ପରିବାର କିମ୍ବା ନୂଆ ପରିବାରକୁ ଏହି କାର୍ଯ୍ୟକ୍ରମ ଅଧୀନରେ ପାଇଖାନା ନିର୍ମାଣ କରିବା ଲାଗି ସହାୟତା ଦେବା ନିମନ୍ତେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସୂଚନାଯୋଗ୍ୟ, ସ୍ୱଚ୍ଛତା ଏକ ରାଜ୍ୟ ବିଷୟ ଏବଂ ଶୌଚାଳୟ ନିର୍ମାଣ କରିବା ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଦାୟିତ୍ୱ ରାଜ୍ୟମାନଙ୍କ ଉପରେ ନ୍ୟସ୍ତ ରହିଛି। ଶୌଚାଳୟ ନିର୍ମାଣ କରିବା ଓ ସୁବିଧା ଯୋଗାଇ ଦେବା ଛଡ଼ା ଏହାର ନିରନ୍ତର ବ୍ୟବହାର ଓଡିଏଫ୍ ସ୍ଥିତି ପାଇଁ ଜରୁରି, ଏହା ଏକ ପ୍ରମୁଖ ଅଭ୍ୟାସଗତ ପ୍ରସଙ୍ଗ। ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ)ର ଦ୍ୱିତୀୟ ପର୍ଯ୍ୟାୟ ୧ ଏପ୍ରିଲ ୨୦୨୦ରେ ଆରମ୍ଭ ହୋଇଥିଲା। ଏଥିରେ ନିରନ୍ତର ବ୍ୟବହାର ପରିବର୍ତ୍ତନ ଅଭିଯାନ, ଓଡିଏଫ୍ ସ୍ଥିତିକୁ ବଜାୟ ରଖିବା, କେହି ଜଣେ ଯେପରି ପଛରେ ପଡ଼ି ନ ଯାଆନ୍ତି ତାହା ସୁନିଶ୍ଚିତ କରିବା ଏବଂ ଗ୍ରାମାଞ୍ଚଳରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥା ଯୋଗାଇ ଦେବା, ବାକି ରହିଯାଇଥିବା ଓ ନୂଆ କରି ଗଠନ ହୋଇଥିବା ପରିବାର ପାଇଁ ପାଇଖାନା ନିର୍ମାଣ କରିବାକୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ ପ୍ରୟାସ ଜାରି ରହିଲା।

### ପୁଣି କାୟା ମେଲାଉଛି କରୋନା

# ୬ ରାଜ୍ୟକୁ ସତର୍କ କରାଇଲା କେନ୍ଦ୍ର

**ନୂଆଦିଲ୍ଲୀ :** ପୁଣିଥରେ ଦେଶରେ ମହାମାରୀ କରୋନା ସଂକ୍ରମଣ ବଢ଼ିବା ଆରମ୍ଭ ହୋଇଛି। ବିଶେଷ କରି ୬ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ କେନ୍ଦ୍ର ସରକାର ଚିଠି ଲେଖି ତୁରନ୍ତ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ମହାରାଷ୍ଟ୍ର, ଗୁଜରାଟ, ତେଲେଙ୍ଗାନା, ତାମିଲନାଡୁ, କେରଳ ଓ କର୍ଣ୍ଣାଟକା ସରକାରଙ୍କୁ ଚିଠି ଲେଖି ଟେଷ୍ଟିଂ, ଟ୍ରିଟିଂ, ଟ୍ରାକିଂ ଓ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ କହିଛନ୍ତି। ଚିଠିରେ କୁହାଯାଇଛି ଯେ କିଛି ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହୁଛି। ସ୍ଥାନୀୟ ସଂକ୍ରମଣ ବୃଦ୍ଧି ପାଉଥିବା ଏଥିରୁ ସଙ୍କେତ ମିଳୁଛି। ତେଣୁ ଆଗକୁ ସ୍ଥିତି ବିଗିଡ଼ିବା ପୂର୍ବରୁ ସଂକ୍ରମଣର ମୁକାବିଲା ଓ ଏହାକୁ ରୋକିବା ପାଇଁ ପଦକ୍ଷେପ ନେବା ଦରକାର। ମହାମାରୀ ବିରୋଧରେ ଲଢ଼େଇ କରି ମିଳିଥିବା ଫାଇଦାକୁ ହାତ ଛଡ଼ା ନ କରି ତୁରନ୍ତ ଭାଇରାଲ ସଂକ୍ରମଣକୁ ରୋକିବା ଉଚିତ ବୋଲି ଚିଠିରେ କୁହାଯାଇଛି। ଦୀର୍ଘ ୪ ମାସ ପରେ ଦେଶରେ ଦୈନିକ କରୋନା ସଂକ୍ରମଣ ପୁଣି ୭୦୦ ପାର କରିଛି। ନୂଆ




ସଂକ୍ରମିତଙ୍କୁ ମିଶାଇ ଦେଶରେ କରୋନା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪,୬୨୩ରେ ପହଞ୍ଚିଛି। ଶେଷଥର ପାଇଁ ନଭେମ୍ବର ୧୨ରେ ଦେଶରେ ଦୈନିକ ସଂକ୍ରମଣ ୭୩୪ ରେକର୍ଡ ହୋଇଥିଲା। ଏବେ ପୁଣି ସଂକ୍ରମିତଙ୍କ ସଂଖ୍ୟା ୭୦୦ ଡେଇଁଛି। ତେଣୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କହିବା ସହ ପ୍ରତିଷେଧକ ମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ କହିଛନ୍ତି। କୌଣସି ଅଞ୍ଚଳରେ ସଂକ୍ରମଣ ରୋକିବାକୁ ଯଦି ନିହାତି ଆବଶ୍ୟକ ପଡ଼େ, ତା'ହେଲେ ରାଜ୍ୟଗୁଡ଼ିକୁ କଟକଣା ଲଗାଇବାକୁ ମଧ୍ୟ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଚିଠିରେ ରାଜ୍ୟଗୁଡ଼ିକୁ କରୋନାର ମୁକାବିଲା ପାଇଁ ମାଇକ୍ରୋ ସ୍ତରୀୟ(ଜିଲ୍ଲା ଓ ସବ ଜିଲ୍ଲାସ୍ତରୀୟ) ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଛି। ଶନିବାର ମଧ୍ୟ ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ରାଜ୍ୟଗୁଡ଼ିକୁ ଚିଠି ଲେଖି ଧୀରେଧୀରେ କରୋନାର ପଜିଟିଭିଟି ହାର ବୃଦ୍ଧି ପାଉଥିବା ସମ୍ପର୍କରେ ସତର୍କ କରାଇଥିଲେ। ଏଥିପାଇଁ ସମସ୍ତଙ୍କୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ।

# ବିଶ୍ୱର ୫୦ ପ୍ରଦୂଷିତ ସହର ମଧ୍ୟରେ ଭାରତର ୩୯

**ନୂଆଦିଲ୍ଲୀ :** ବିଶ୍ୱରେ ଦ୍ରୁତ ଗତିରେ ବଢ଼ିବାକୁ ଲାଗିଛି ପ୍ରଦୂଷ। ବିଷାକ୍ତ ପାଲଟିଗଲାଣି ବାୟୁ। ଏହାରି ଭିତରେ ୨୦୨୨ ପାଇଁ ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ତାଲିକା ପ୍ରକାଶ ପାଇଛି। ଏହି ତାଲିକାର ସବୁଠାରୁ ଉପରେ ଥିବା ୫୦ଟି ସହର ମଧ୍ୟରେ ଭାରତର ୩୯ଟି ସହର ରହିଛି। ସ୍ୱିସ୍ କମ୍ପାନୀ ଜାରି କରିଥିବା ରିପୋର୍ଟ ଅନୁଯାୟୀ ଭାରତକୁ ବିଶ୍ୱର ୮ମ ପ୍ରଦୂଷିତ ଦେଶ ବୋଲି କୁହାଯାଇଛି। ୧୩୮ଟି ଦେଶର ଡାଟା ଆଧାରରେ ଏହି ରିପୋର୍ଟ ପ୍ରକାଶ ପାଇଛି। ସେପଟେ ଏହି ତାଲିକା ସାମ୍ନାକୁ ଆସିବା ପରେ ସରକାରଙ୍କ ପ୍ରଦୂଷଣ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱିସ୍ ଆଇକ୍ୟୁଏୟାର ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ମୁତାବକ, ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ମାନ୍ୟତା ପାଇଛି ପାକିସ୍ତାନର



ଲାହୋର। ଏହା ତାଲିକାର ସବୁଠୁ ଶୀର୍ଷରେ ରହିଛି। ସେହିପରି ଦ୍ୱିତୀୟ ସ୍ଥାନରେ ରହିଛି ଚୀନର ହୋଟାନ, ୩ୟ ସ୍ଥାନରେ ରହିଛି ରାଜସ୍ଥାନର ଭିୱଣ୍ଡି ଓ ଚତୁର୍ଥରେ ଦିଲ୍ଲୀ। ତେଣୁ ରିପୋର୍ଟ ମୁତାବକ ଭିୱଣ୍ଡି ହେଉଛି ଭାରତର ସବୁଠାରୁ ପ୍ରଦୂଷିତ ସହର। ୫ମ ସ୍ଥାନରେ ପାକିସ୍ତାନର ପେଶାୱାର ଥିବା ବେଳେ ଷଷ୍ଠରେ ବିହାରର ଦରଭଙ୍ଗା ଓ ସପ୍ତମ ସ୍ଥାନରେ ଆସୋପୁର ରହିଛି। ଦେଶର ମହାନଗରଗୁଡ଼ିକ ମଧ୍ୟରୁ ରାଜଧାନୀ ଦିଲ୍ଲୀକୁ ସବୁଠାରୁ ପ୍ରଦୂଷିତ ସହରର ମାନ୍ୟତା ମିଳିଛି। ସମଗ୍ର ବିଶ୍ୱରେ ଦିଲ୍ଲୀ ହେଉଛି ୪ ନଂ ସବୁଠାରୁ ପ୍ରଦୂଷିତ ସହର। ଦିଲ୍ଲୀ ତଳକୁ ରହିଛି କୋଲକାତା ଓ ଏହି ସହରର ବିଶ୍ୱ ରାଙ୍କ ୯୯ ରହିଛି। ୩ୟ ସ୍ଥାନରେ ରହିଛି ମୁମ୍ବାଇ, ଏହାର ରାଙ୍କ ରହିଛି ୧୩୭। ବିଶ୍ୱର ସବୁଠୁ ପ୍ରଦୂଷିତ ସହରର ତାଲିକା ସାମ୍ନାକୁ ଆସିବା ପରେ ଭାରତକୁ ଶକ୍ତ ଝଟ୍କା ଲାଗିଛି। ପ୍ରଦୂଷିତ ୧୦୦ ସହର ମଧ୍ୟରୁ ଭାରତର ୬୫ଟି ସହର ରହିଛି। ସେହିପରି ଟପ୍ ୧୦ ସବୁଠୁ ପ୍ରଦୂଷିତ ସହର ମଧ୍ୟରୁ ଭାରତର ୬ଟି ସହର ରହିଛି। ଅନ୍ୟପକ୍ଷରେ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ତାଲିକାରେ ଭାରତ ୮ମ ସ୍ଥାନରେ ରହିଛି। ୨୦୨୧ରେ ଭାରତ ୫ମସ୍ଥାନରେ ଥିଲା। ପ୍ରଥମ ୩ଟି ସ୍ଥାନରେ ଅଛନ୍ତି ଇରାକ୍, ପାକିସ୍ତାନ ଓ ବାହାରିନ୍।

# ଏସ୍‌ଏଜିୱାଇ: ଓଡ଼ିଶାରେ ପ୍ରକଳ୍ପ ସଂପୂର୍ଣ୍ଣ ହାର ୪୪.୬୯%

**ନୂଆଦିଲ୍ଲୀ :** ସାଂସଦ ଆଦର୍ଶ ଗ୍ରାମ ଯୋଜନା (ଏସ୍‌ଏଜିୱାଇ)ରେ ଓଡ଼ିଶାରେ ୯୦୫ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ଏହି ଯୋଜନା ରାଜ୍ୟର ୯୦ଟି ଗ୍ରାମପଞ୍ଚାୟତରେ ଚାଲିଛି। ସେଥି ମଧ୍ୟରୁ ୬୦ଟି ପଞ୍ଚାୟତ ଦ୍ୱାରା ଗ୍ରାମ ବିକାଶ ଯୋଜନା (ଭିଡିପି) ପ୍ରସ୍ତୁତ କରାଯାଇ ୨୦୨୫ ପ୍ରକଳ୍ପକୁ ଚିହ୍ନଟ କରାଯାଇଛି। ଚିହ୍ନଟ ପ୍ରକଳ୍ପ ମଧ୍ୟରୁ ୯୦୫ଟିର କାମ ଶେଷହୋଇଛି। ଏହା ବାଦ୍ ୨୫୮ ପ୍ରକଳ୍ପର କାର୍ଯ୍ୟ ଜାରିରହିଛି। ସଂସଦରେ ଉପସ୍ଥାପିତ ଗ୍ରାମୀଣ ବିକାଶ ଓ ପଞ୍ଚାୟତିରାଜ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ରିପୋର୍ଟରେ ସୂଚନା ଦିଆଯାଇଛି ଯେ ଦେଶର ୩୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଏଜିୱାଇରେ ୩୧୦୭ ପଞ୍ଚାୟତରେ ୨,୪୨,୦୮୬ ପ୍ରକଳ୍ପ ମଧ୍ୟରୁ ୧,୪୭,୨୩୬ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଛି। ୮୩୫୬ଟି ପ୍ରକଳ୍ପର କାର୍ଯ୍ୟ ଜାରିରହିଛି। ଓଡ଼ିଶାରେ ଏହି ଯୋଜନାରେ ପ୍ରକଳ୍ପ ସଂପୂର୍ଣ୍ଣ ସଫଳତା ୪୪.୬୯ ପ୍ରତିଶତ ହୋଇଥିବା ବେଳେ ଦେଶରେ ଏହା ୬୦.୮୨ ପ୍ରତିଶତ ରହିଛି। ଦେଶର ସଫଳତା ତୁଳନାରେ ରାଜ୍ୟର ସଫଳତା ବହୁ କମ୍ ରହିଛି। ତେବେ ଏହି ଯୋଜନାର ଅଗ୍ରଗତିକୁ ନେଇ କମିଟି ଉଦ୍‌ବେଗ ପ୍ରକାଶ କରିଛି। ଯୋଜନା ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ନଥିବା, ଜିଲ୍ଲା ପ୍ରଶାସନ ଏହି ଯୋଜନାର କ୍ରିୟାନ୍ୱୟନ ପାଇଁ ସକ୍ରିୟ ନଥିବା କାରଣରୁ ଏହା ପ୍ରତି ଆଗ୍ରହ କମୁଥିବା ମୁଖ୍ୟ କାରଣ ବୋଲି କମିଟି କହିଛି। ଏହି ଯୋଜନା ଅକ୍ଟୋବର ୧୧, ୨୦୧୪ରେ ଦେଶରେ ମଡେଲ ଗ୍ରାମପଞ୍ଚାୟତ ବିକାଶ ଲକ୍ଷ୍ୟରେ ଆରମ୍ଭ କରାଯାଇଥିଲା। ହେଲେ ଏହି ଯୋଜନା ପାଇଁ କୌଣସି ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା ନଥିବା କମିଟି କହିଛି।

# ଅସ୍ତ୍ରଶସ୍ତ୍ର ଆମଦାନୀରେ ବିଶ୍ୱର ବଡ଼ କ୍ରେତା ଭାରତ

**ନୂଆଦିଲ୍ଲୀ:** ଅସ୍ତ୍ରଶସ୍ତ୍ର ଆମଦାନୀକାରୀ ଭାବେ ବିଶ୍ୱର ଟପ୍ ଦେଶମାନଙ୍କ ମଧ୍ୟରେ ପ୍ରମୁଖ ସ୍ଥାନ ବଜାୟ ରଖିଛି ଭାରତ। ଅସ୍ତ୍ରଶସ୍ତ୍ର ଆମଦାନୀ ହ୍ରାସ କରିଥିଲେ ହେଁ ଏହାର ପ୍ରଭାବ ଏହି ସୂଚି ଉପରେ ପଡ଼ିନି। ଷ୍ଟକହୋମ ଆନ୍ତର୍ଜାତୀୟ ଶାନ୍ତି ଅନୁସନ୍ଧାନ ପ୍ରତିଷ୍ଠାନ (ଏସ୍‌ଆଇପିଆରଆଇ) ଦ୍ୱାରା କରାଯାଇଥିବା ବିଶ୍ଳେଷଣ ଅନୁଯାୟୀ, ୟୁରୋପୀୟ ଦେଶଗୁଡ଼ିକ ପ୍ରଚୁର ପରିମାଣର ଅସ୍ତ୍ରଶସ୍ତ୍ର ଆମଦାନୀ କରିଆସୁଛନ୍ତି। ବିଶ୍ୱର ପ୍ରମୁଖ ଅସ୍ତ୍ରଶସ୍ତ୍ର ଆମଦାନୀକାରୀଙ୍କ ମଧ୍ୟରେ ଭାରତ ଏବଂ ସାଉଦି ଆରବ ସ୍ଥାନ ନେଇଛି। ଆମେରିକା ଏବଂ ଅନ୍ୟ ଚାରି ଦେଶ ଅସ୍ତ୍ରଶସ୍ତ୍ର ରପ୍ତାନୀର ତିନି-ଚତୁର୍ଥାଂଶରୁ ଅଧିକ ଯୋଗାଉଛି। ୨୦୧୩-୧୭ରୁ ୨୦୧୮-୨୨ ମଧ୍ୟରେ ପ୍ରମୁଖ ମଧ୍ୟରେ ୟୁରୋପୀୟ ରାଷ୍ଟ୍ରଗୁଡିକ ଅସ୍ତ୍ରଶସ୍ତ୍ର ଆମଦାନୀ ୪୭ ପ୍ରତିଶତ ବୃଦ୍ଧି ପାଇଛି। ଯେତେବେଳେ କି ସମାନ ଅବଧିରେ ଭିତରେ ବିଶ୍ୱର ଅସ୍ତ୍ରଶସ୍ତ୍ର ପରିବହନ ପରିମାଣ ୫.୧ ପ୍ରତିଶତ ହ୍ରାସ ପାଇଛି। ୨୦୨୨ ମସିହାରେ ୟୁକ୍ରେନକୁ ୨୯ଟି ଦେଶ ଅସ୍ତ୍ର ଯୋଗାଇ ଦେଇଥିଲା। ୟୁକ୍ରେନକୁ ଏକ ପ୍ରମୁଖ ଅସ୍ତ୍ର ଯୋଗାଣକାରୀ ଭାବେ ଆମେରିକା ଉଭା ହୋଇଛି, ଯାହା ସମୁଦାୟ ଅସ୍ତ୍ରଶସ୍ତ୍ର ଆମଦାନୀର ୩୫ ପ୍ରତିଶତ ଦେଇଛି। ଏସ୍‌ଆଇପିଆରଆଇର ବିଶ୍ଳେଷଣରେ ପାକିସ୍ତାନ ଏବଂ ଚୀନ୍ ସହିତ ଚାଲିଥିବା ତିକ୍ତତା ପାଇଁ ଅସ୍ତ୍ରଶସ୍ତ୍ର ଆମଦାନୀ ପାଇଁ ଭାରତର ଆବଶ୍ୟକତା ବଢ଼ିଛି। ୨୦୧୮-୨୨ ଭିତରେ ସମୁଦାୟ ବିଶ୍ୱ ଅସ୍ତ୍ରଶସ୍ତ୍ର ଆମଦାନିର ୧୧ ପ୍ରତିଶତ ଭାରତ ନାଁରେ ରେକର୍ଡ ହୋଇଛି। ଭାରତକୁ ବୃହତ୍ତମ ଅସ୍ତ୍ର ଯୋଗାଣକାରୀ ଦେଶ ରୁଷ ଥିଲା, କିନ୍ତୁ ଏହାର ସେୟାର ୨୦୧୩-୧୭ରୁ ୨୦୧୮-୨୨ ପର୍ଯ୍ୟନ୍ତ ପ୍ରାୟ ୧୯ ପ୍ରତିଶତ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୧୮-୨୨ ମଧ୍ୟରେ ଭାରତ ବିଶ୍ୱର ସର୍ବୋଚ୍ଚ ଅସ୍ତ୍ର ଆମଦାନୀକାରୀ ଭାବରେ ଉଭା ହୋଇଛି। ଯଦିଓ ୨୦୧୩-୧୭ ତୁଳନାରେ ଏହାର ଅସ୍ତ୍ର ଆମଦାନୀ ୧୧ ପ୍ରତିଶତ ହ୍ରାସ ପାଇଛି।



ଭାରତୀୟ ଅସ୍ତ୍ରଶସ୍ତ୍ର ଆମଦାନୀରେ ହ୍ରାସର କାରଣ ହେଉଛି; କ୍ରୟ ପ୍ରକ୍ରିୟାର ମନ୍ଥର ଗତି, ଅସ୍ତ୍ର ଯୋଗାଣକାରୀଙ୍କ ଠାରୁ ଉନ୍ନତମାନର ଅସ୍ତ୍ର ଆଣିବା ପାଇଁ ପ୍ରୟାସ ଏବଂ ଘରୋଇ ଉତ୍ପାଦିତ ଅସ୍ତ୍ର ଆଡକୁ ପରିବର୍ତ୍ତନ। ରୁଷ, ଫ୍ରାନ୍ସ ଏବଂ ଇସ୍ରାଏଲ ପାଇଁ ଭାରତ ହେଉଛି ବୃହତ୍ତମ ଅସ୍ତ୍ରଶସ୍ତ୍ର ରପ୍ତାନି ବଜାର। ସେପଟେ ଅନ୍ତର୍ଜାତୀୟ ଅସ୍ତ୍ରଶସ୍ତ୍ର ପରିବହନର ପରିମାଣ ମଧ୍ୟ ୫.୧ ପ୍ରତିଶତକୁ ହ୍ରାସ ପାଇଛି। ଅପରପକ୍ଷେ, ୨୦୨୨ ମସିହାରେ ୟୁକ୍ରେନ ଅସ୍ତ୍ରଶସ୍ତ୍ରର ଏକ ପ୍ରମୁଖ ଆମଦାନୀକାରୀ ହୋଇପାରିଥିଲା। ୨୦୧୩-୧୭ରୁ ୨୦୧୮-୨୨ ମଧ୍ୟରେ ୟୁରୋପୀୟ ଦେଶମାନଙ୍କ ଅସ୍ତ୍ରଶସ୍ତ୍ରର ଆମଦାନୀ ୪୭ ବୃଦ୍ଧି ପାଇଥିଲା। ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ଏହାର ଏକ ବଡ଼ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଉଛି। ୧୯୯୧ରେ ସ୍ୱାଧୀନତା ପରଠାରୁ ୨୦୨୧ ପର୍ଯ୍ୟନ୍ତ ୟୁକ୍ରେନ ବହୁତ କମ୍ ଅସ୍ତ୍ର ଆମଦାନୀ କରିଥିଲା। ତେବେ ଫେବୃଆରୀ ୨୦୨୨ରେ ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ ଏହାର ଚିତ୍ର ବଦଳିଗଲା। ଯେହେତୁ ଆମେରିକା ଏବଂ ଅନେକ ୟୁରୋପୀୟ ରାଜ୍ୟ ୟୁକ୍ରେନକୁ ବହୁ ପରିମାଣର ସାମରିକ ସହାୟତା ପଠାଇବାକୁ ଲାଗିଲେ। ୨୦୨୨ ମସିହାରେ ୟୁକ୍ରେନକୁ ଅସ୍ତ୍ର ଯୋଗାଉଥିବା ୨୯ଟି ଦେଶ ମଧ୍ୟରୁ ଆମେରିକା ଅଗ୍ରଣୀ ଯୋଗାଣକାରୀ ଭାବରେ ରହିଆସିଛି। ଯାହା ୟୁକ୍ରେନ୍‌ର ଅସ୍ତ୍ରଶସ୍ତ୍ର ଆମଦାନୀର ୩୫ ପ୍ରତିଶତ ଅଟେ। ରିପୋର୍ଟରେ ଦର୍ଶାଯାଇଛି ଯେ ଜାରି ରହିଥିବା ଭୌଗୋଳିକ ତଥା ସୀମା ତିକ୍ତତା ଅସ୍ତ୍ରଶସ୍ତ୍ର ଆମଦାନୀ ପାଇଁ ଚାହିଦା ସୃଷ୍ଟି କରିଛି। ଯଦିଓ ବିଶ୍ୱ ବଜାରରେ ଭାରତ ଏକ ପ୍ରମୁଖ ବାଣିଜ୍ୟକାରୀ, ତେବେ ସ୍ୱଦେଶୀ ପ୍ରତିରକ୍ଷା ଉପକରଣ ଉତ୍ପାଦନ କରିବା ଆରମ୍ଭ କରିଥିବାରୁ ଗତ କିଛି ବର୍ଷ ମଧ୍ୟରେ ଆମଦାନୀ ପ୍ରକ୍ରିୟା କମିଛି। ଅନ୍ୟପଟେ ଏସ୍‌ଆଇପିଆରଆଇ ଅନ୍ୟଏକ ରିପୋର୍ଟ ମୁତାବକ ଭାରତର ଅସ୍ତ୍ରଶସ୍ତ୍ର ଆମଦାନୀ ୩୩ ପ୍ରତିଶତ ହ୍ରାସ ପାଇଛି। ଯେତେବେଳେ କି ଚାଇନାର ଅସ୍ତ୍ରଶସ୍ତ୍ର କ୍ରୟକାରୀଙ୍କ ମଧ୍ୟରେ ପାକ୍ ବଡ଼ ଭୂମିକା ନେଇଛି।



# ରାଜ୍ୟରେ ଋଣ ଭାର ତୁଳନାରେ ୫.୮ ଗୁଣ ବଢ଼ିଛି ମୁଣ୍ଡ ପିଛା ଆୟ

**ଭୁବନେଶ୍ୱର :** ଅତୀତ ଏବେ ୧୯୯୯ ମସିହାର ଆର୍ଥିକ ଦୁଃସ୍ଥିତି। ସେତେବେଳେ କର୍ମଚାରୀଙ୍କୁ ଦରମା ଦେବାକୁ ୩୬୪ ଦିନ ଓଭରଡ୍ରାଫ୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବଢୁଛି ମୁଣ୍ଡ ପିଛା ଆୟ। ଋଣଭାର ତୁଳନାରେ ମୁଣ୍ଡପିଛା ଆୟ ବଢିଛି ୫.୮ ଗୁଣ। ବିଧାନସଭା ପ୍ରଶ୍ନକାଳରେ ରାଜ୍ୟର ଋଣଭାର ସ୍ଥିତି ନେଇ ବିରୋଧୀଙ୍କ ପ୍ରଶ୍ନରେ ଏପରି କଡ଼ା ଉତ୍ତର ରଖିଛନ୍ତି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ। ୨୦୦୫ରେ ବିତ୍ତୀୟ ପରିଚାଳନା ଆଇନ ୨୦୦୫ରେ ଆସିଲା। କିନ୍ତୁ ତାପୂର୍ବରୁ ଦ୍ୱାଦଶ ଅର୍ଥ କମିଶନଙ୍କ ସୁପାରିସ ଆଧାରରେ ରାଜ୍ୟ ସରକାର ଆର୍ଥିକ ଶୃଙ୍ଖଳା ଆଣିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିଲେ। ଯେଉଁଥିପାଇଁ ୨୦୦୫ରୁ ୨୦୦୯-୧୦ରେ ତତ୍କାଳୀନ କେନ୍ଦ୍ର ସରକାର ବାର୍ଷିକ ୩୮୧.୯୦ କୋଟି ହାରରେ ମୋଟ ୧୯୦୯ କୋଟି ୫୦ ଲକ୍ଷ ଟଙ୍କାର ଋଣ ଛାଡ଼ କରିଥିଲେ। ପରେ ୨୦୧୧-୧୨ରୁ ୨୦୨୦-୨୧ ଆର୍ଥିକ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ବାବଦରୁ ଛାଡ଼ କରିଛନ୍ତି ୧୩୯କୋଟି ୩୬ ଲକ୍ଷ ଟଙ୍କା। ୧୯୯୯ ମସିହାରେ ରାଜ୍ୟର ମୁଣ୍ଡ ପିଛା ଋଣଭାର ଥିଲା ୪ ହଜାର ୯୧୮ ଟଙ୍କା। ମୁଣ୍ଡ ପିଛା ଆୟ ଥିଲା ୧୩ ହଜାର ୧୨ ଟଙ୍କା। ୨୦୨୨ ମାର୍ଚ୍ଚ ଶେଷ ସୁଦ୍ଧା ମୁଣ୍ଡ ପିଛା ଋଣ ୨୨ ହଜାର ୪୨ ଟଙ୍କା ଥିବାବେଳେ ମୁଣ୍ଡ ପିଛା ଆୟ ୧ ଲକ୍ଷ ୨୮ ହଜାର ୮୭୩ ଟଙ୍କା ରହିଛି। ଏଫଆର୍‌ବିଏମ୍ ଆଇନ ଅନୁଯାୟୀ ରାଜ୍ୟର ଋଣଭାର ସକଳ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ରହିବା ଆବଶ୍ୟକ। ଏହାକୁ ହିସାବକୁ ନେଲେ ୨୦୨୧-୨୨ସୁଦ୍ଧା ମହାଲେଖାକାରଙ୍କ ହିସାବ ଅନୁଯାୟୀ ରାଜ୍ୟର ସକଳ ଘରୋଇ ଉତ୍ପାଦ ଅନୁପାତରେ ଋଣ ପରିମାଣ ୧୪.୭ ପ୍ରତିଶତ ରହିଛି। ଏହି ସମୟରେ କେନ୍ଦ୍ର ସରକାର ଲକ୍ଷ ଲକ୍ଷ କୋଟି ଟଙ୍କାର କରଜରେ ବୁଡିଛନ୍ତି। ବିକାଶ ପାଇଁ ଋଣ କରିବା ପାପ ନୁହେଁ। ଓଡ଼ିଶା ସରକାର ମୁଖ୍ୟତଃ ଭିତ୍ତିଭୂମି ବିକାଶ ଯେପରିକି ଜଳସେଚନ, ଶକ୍ତି, ସଡ଼କ, ବିପର୍ଯ୍ୟୟ ପରିଚାଳନା, ସହରାଞ୍ଚଳ ଭିତ୍ତିଭୂମି ନିର୍ମାଣ ପାଇଁ ବିଶ୍ୱ ବ୍ୟାଙ୍କ ସମେତ ଏଡିବି, ଆଇଏଫ୍‌ଏଡି, ଜାଇକା, ବ୍ରିକ୍ସ ବ୍ୟାଙ୍କ, ଏଆଇଆଇବି ସଂସ୍ଥାଠାରୁ ଋଣ କରିଥାନ୍ତି। ଦ୍ୱାଦଶ ଅର୍ଥ କମିସନଙ୍କ ସୁପାରିସ ଆଧାରରେ ୨୦୦୫ ମସିହାର ଏପ୍ରିଲ ପହିଲାରୁ ବାହ୍ୟସଂସ୍ଥାଠାରୁ ବ୍ୟାକ୍ ଟୁ ବ୍ୟାକ୍ ଋଣ କରିବାକୁ ରାଜ୍ୟମାନଙ୍କୁ ଅନୁମତି ମିଳିଛି। ୨୦୨୧-୨୨ ସୁଦ୍ଧା ରାଜ୍ୟର ବାହ୍ୟ ଋଣ ପରିମାଣ ୧୮ ହଜାର ୫୦୭ କୋଟି ୮୨ ଲକ୍ଷ ଟଙ୍କା। ରାଜ୍ୟ ସରକାର ୨୦୦୬-୦୭ରୁ ୨୦୧୩-୧୪ ଏବଂ ୨୦୨୧-୨୨ରୁ ଏଯାବତ୍ ଖୋଲାବଜାରରୁ ରାଜ୍ୟ ସରକାର କୌଣସି ଋଣ କରିନାହାନ୍ତି। ଯେଉଁଥିପାଇଁ ଏବେ ଋଣ ଭାର କମିବାରେ ଲାଗିଛି। କେବଳ ଓମ୍ୱାଡସି ଭଳି ସଂସ୍ଥାରୁ ଅଳ୍ପ ସୁଧରେ ଋଣ ଉଠାଇ ଭିତ୍ତିଭୂମି ବିକାଶ କାର୍ଯ୍ୟରେ ଲଗାଉଛନ୍ତି। ଯେଉଁଥିପାଇଁ ୨୦୨୧-୨୨ ସୁଦ୍ଧା ରାଜ୍ୟର ଋଣଭାର ୯୭ ହଜାର ୨୦୪ କୋଟି ୯୮ ଲକ୍ଷ ଟଙ୍କା ରହିଥିଲା। ଏସବୁ ସମ୍ଭବ ହୋଇପାରିଛି ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ଦୂରଦର୍ଶୀ ପଦକ୍ଷେପ ଯୋଗୁ। ବିକାଶ ପଥରେ ଆଗେଇ ଚାଲିଛି ଓଡ଼ିଶା। କୋଭିଡ ପରି ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ରାଜ୍ୟର ନିଜସ୍ୱ ଆୟ କମିଲାନି। ଉତ୍ତମ ବିତ୍ତୀୟ ପରିଚାଳନାକୁ ଭାରତ ସରକାର ବି ପ୍ରଶଂସା କରିଛନ୍ତି। ଖୋଦ ଅର୍ଥ ବିଭାଗର ତଥ୍ୟ କହୁଛି ଧୀରେ ଧୀରେ ରାଜ୍ୟର ଋଣ ପରିମାଣ କମିବାରେ ଲାଗିଛି।

# ଚାଷୀଙ୍କ ସ୍ୱାର୍ଥରେ ରାଜ୍ୟ ସରକାର : ମନ୍ତ୍ରୀ

**ଭୁବନେଶ୍ୱର :** ରାଜ୍ୟରେ ଅଛନ୍ତି ୯ ଲକ୍ଷ ୫ ହଜାର ୧୮୪ ଭାଗ ଚାଷୀ। ଚାଷୀଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି ମୁଖ୍ୟମନ୍ତ୍ରୀ। ଋଣ ପ୍ରଦାନ ସାଙ୍ଗକୁ ଯନ୍ତ୍ରପାତି କିଣାରେ ରିହାତି ଓ ବିହନ ଯୋଗାଣ ଯୋଗାଉଛନ୍ତି ରାଜ୍ୟ ସରକାର। ସେହିପରି ଧାନ କିଣିବାକୁ ସରଳୀକରଣ ହୋଇଛି ବ୍ୟବସ୍ଥା। ତେବେ ସେମାନଙ୍କୁ ଜମି ଅଧିକାର ଦେବା ତର୍କର ବିଷୟ ବୋଲି କହିଛନ୍ତି କୃଷିମନ୍ତ୍ରୀ। ବିଭିନ୍ନ ସମୟରେ ଏହାର ସଂସ୍କାର ପାଇଁ ପଦକ୍ଷେପ ନିଆଯାଉଥିବା ନେଇ କୃଷି ମନ୍ତ୍ରୀ ରାଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୃହରେ ଉତ୍ତର ରଖିଛନ୍ତି। ଚାଷୀଙ୍କ ଆୟ ନିର୍ଦ୍ଧାରଣ ସର୍ଭେ ପ୍ରତି ୧୦ ବର୍ଷରେ ହେଉଥିଲା। ସର୍ଭେରେ ଅବହେଳା ନେଇ ଗୃହରେ ଉଦବେଗ ପ୍ରକାଶ କରିଛନ୍ତି କୃଷିମନ୍ତ୍ରୀ। ସେହିପରି ଜାତୀୟ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଚାଷୀଙ୍କ ଆୟ ନିର୍ଦ୍ଧାରଣ କରାଯାଇଥାଏ। ୨୦୧୨ରେ ଚାଷୀଙ୍କ ମାସିକ ଆୟ ୪୯୭୬ ଟଙ୍କା ଥିବା ବେଳେ, ୨୦୧୯ରେ ଏହା ୫୧୧୨ ଟଙ୍କା ରହିଥିଲା। ତେବେ ୨୦୧୨କୁ ୨୦୧୯ ସହ ଚାଷୀଙ୍କ ଆୟ ତୁଳନା ଠିକ ନୁହେଁ । କାରଣ ୨୦୧୮ରେ ତିତଲୀ ଓ ୨୦୧୯ରେ ଫନି ବାତ୍ୟା ଆସିଲା। ସେହିପରି ଖରିଫ ସମୟରେ ମରୁଡ଼ି ଚାଷୀଙ୍କ ଆୟ ବୃଦ୍ଧିକୁ ପ୍ରଭାବିତ କରିଛି। ଏଭଳି ଅସଂଗତି ଦୂର କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି କୃଷିମନ୍ତ୍ରୀ। ସମନ୍ୱିତ ଚାଷ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ବିକାଶ ପାଇଁ ୩୯ ଯୋଜନା କରିଛନ୍ତି। ୨୦୧୩-୧୪ରୁ ସ୍ୱତନ୍ତ୍ର କୃଷି ବଜେଟ କରାଯିବା ସହ ୬ ଥର କୃଷି କ୍ୟାବିନେଟ ବସି ସାରିଛି। ଏହାସହ ମହିଳା ଚାଷୀଙ୍କ ପାଇଁ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି କହିଛନ୍ତି କୃଷିମନ୍ତ୍ରୀ।

# ଆଉ ନାହାନ୍ତି କବି ତପନ ପଟ୍ଟନାୟକ



**ଭୁବନେଶ୍ୱର :** କବି, ଔପନ୍ୟାସିକ ଓ ପ୍ରକାଶକ ତପନ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୭୨ ବର୍ଷ ହୋଇଥିଲା। ଗତ ୪ବର୍ଷ ହେଲା ସେ କିଡ୍ନିଜନିତ ରୋଗରେ ପୀଡ଼ିତ ଥିଲେ। କିଛି ଦିନ ତଳେ ଅଚାନକ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯିବାରୁ ପରିବାରଲୋକ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ତାଙ୍କ ମୃତ୍ୟୁରେ ସାରସ୍ୱତ ଜଗତରେ ଗଭୀର ଶୋକ ପ୍ରକାଶ ପାଇଛି। ୧୯୫୧ ଜୁନ୍ ୨୬ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ଜନ୍ମିତ ତପନ ୫ ଦଶନ୍ଧି ଧରି ଓଡ଼ିଆ ସାରସ୍ୱତ ଜଗତକୁ ନିଜ ସୃଷ୍ଟି ମାଧ୍ୟମରେ ଋଦ୍ଧିମନ୍ତ କରିଥିଲେ। ତାଙ୍କର ମୋଟ ୪୮ଟି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ ସେଥିମଧ୍ୟରେ ୩୦ଟି କବିତା ପୁସ୍ତକ, ୫ଟି ଗୀତିକବିତା, ୧୧ଟି ଉପନ୍ୟାସ ଓ ୨ଟି ନାଟକ ରହିଛି। 'ସ୍ମୃତି ତୀର୍ଥ', 'ଢେଉ ଢେଉ ଅନ୍ଧକାର', 'ଝରା ଶିଶିର', 'ରତୁର ବାସ୍ନାରେ', 'ଫେରିବାର ମୂର୍ଚ୍ଛନାରେ' ଓ 'କାବ୍ୟତାରା' ଆଦି ତାଙ୍କର କିଛି ଉଲ୍ଲେଖନୀୟ ସାରସ୍ୱତ ସୃଷ୍ଟି।ଜଣେ ଉଚ୍ଚକୋଟୀର କବି ଭାବେ ସେ ସୁଖ୍ୟାତି ଅର୍ଜନ କରିଥିଲେ। ପ୍ରେମ, ଜୀବନ, ପ୍ରକୃତି ଓ ଜୀବନଦର୍ଶନକୁ ନେଇ ଅବିରତ ଲେଖନୀ ଚାଳନା ପାଇଁ ତାଙ୍କୁ 'ଝଙ୍କାର ପୁରସ୍କାର', 'ଆକାଶବାଣୀ ସ୍ୱର୍ଣ୍ଣପଦ', 'ଖୋର୍ଦ୍ଧା ଗୌରବ ସମ୍ମାନ' ଓ 'ଚିଲିକା ସମ୍ମାନ' ଆଦି ଅନେକ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କର ଅନେକ କବିତା ଇଂରାଜୀରେ ଅନୁଦିତ ହୋଇଛି। ଏହାସହ ସେ ଅନେକ ଭଜନ, ଜଣାଣ, ଓ ଲୋକପ୍ରିୟ ସଙ୍ଗୀତ ରଚନା କରି ଓଡ଼ିଆ ସଙ୍ଗୀତ ଜଗତକୁ ବି ପ୍ରାଚୁର୍ଯ୍ୟମୟ କରି ଯାଇଛନ୍ତି। ସେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡରେ କାର୍ଯ୍ୟ କରି ଅବସର ନେଇଥିଲେ। ପୁରୀଠାରେ 'ସମନ୍ୱୟ' ପ୍ରକାଶନୀ ସଂସ୍ଥା ଆରମ୍ଭ କରି ଏହା ମାଧ୍ୟମରେ ସେ ନିଜର ଓ ଅନେକ ଲେଖକଙ୍କର ପୁସ୍ତକ ପ୍ରକାଶ କରିଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ବିୟୋଗରେ ସାରା ଆଜି ବହୁ ବିଶିଷ୍ଟ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ଶୋକବ୍ୟକ୍ତ କରିଛନ୍ତି। ବହୁ ସାହିତ୍ୟିକ, କବି ଓ ବିଶିଷ୍ଟ ବ୍ୟକ୍ତି ଆଜି ତାଙ୍କ ଶେଷ ଦର୍ଶନ କରିଥିଲେ। ଏଥିସହ 'ପକ୍ଷୀଘର ସାହିତ୍ୟ ପତ୍ରିକା' ଓ 'ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ' ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।

## ଆହୁରି ସଶକ୍ତ ହେବେ ରାଜ୍ୟର ମହିଳା

# ପ୍ରତ୍ୟେକ ପଞ୍ଚାୟତରେ ଖୋଲିବ ମିଶନ ଶକ୍ତି ମାର୍କେଟ୍ ବିଲ୍ଡିଂ

**ଭୁବନେଶ୍ୱର :** ମହିଳା ସଶକ୍ତିକରଣ, ସାମାଜିକ ଓ ଆର୍ଥିକ ସମାନତା ହାସଲର ବାର୍ତ୍ତାବହ ସାଜିଛି ମିଶନ୍ ଶକ୍ତି। ରାଜ୍ୟର ୭୦ ଲକ୍ଷ ମହିଳା ଆଜି ନିଜ ପାଇଁ ନିଜେ ସୃଷ୍ଟି କରିଛନ୍ତି ପରିଚୟ। ସେହି ମହିଳାମାନଙ୍କ ହାତ ମୁଠାକୁ ଟାଣ କରିବା ଲକ୍ଷ୍ୟରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ମାର୍କେଟ୍ ବିଲ୍ଡିଂ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ଏସ୍‌ଏଚ୍‌ଜିଙ୍କୁ ଅଧିକ ପରିମାଣର ଋଣ ସହାୟତା ଦେବା ପାଇଁ ସବୁ ବ୍ୟାଙ୍କକୁ ପତ୍ର ଲେଖିଛି ରାଜ୍ୟ ଅର୍ଥ ବିଭାଗ। ଏହି ଅର୍ଥର ସୁବିନିଯୋଗ ପାଇଁ ଏସ୍‌ଏଚ୍‌ଜିଙ୍କୁ ଆବଶ୍ୟକ ତାଲିମ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଛି ରଣନୀତି। ସୂଚନା ଅନୁସାରେ ରାଜ୍ୟର ୩ ଲକ୍ଷ ଏସ୍‌ଏଚ୍‌ଜିଙ୍କୁ ଇତିମଧ୍ୟରେ ୮ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ଦିଆଯାଇଛି। ବିନା ସୁଧରେ ୫ ଲକ୍ଷ ଟଙ୍କା ପାର୍ଯ୍ୟନ୍ତ ଋଣ ମଞ୍ଜୁର କରାଯାଉଛି। ପୂର୍ବରୁ ସର୍ବାଧିକ ଋଣ ସୀମା ୩ ଲକ୍ଷ ଥିଲା। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଋଣ ଉପରେ ସୁଧ ବାବଦରେ ୨୦୦ କୋଟି ଟଙ୍କା ଏସ୍‌ଏଚ୍‌ଜିଙ୍କ ଆକାଉଣ୍ଟରେ ଫେରସ୍ତ କରିବା ପାଇଁ ଲକ୍ଷ୍ୟ ରହିଛି। ସେହିପରି ଆଗାମୀ ୫ ବର୍ଷ ଭିତରେ ୫୦ ହଜାର କୋଟି ଟଙ୍କାର ଋଣ ସହାୟତା ଦିଆଯିବ। ଋଣ ଫେରସ୍ତ ବାବଦରେ ୧୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମହିଳା ଏସ୍‌ଏଚ୍‌ଜିଙ୍କ ସଶକ୍ତିକରଣ କାର୍ଯ୍ୟକ୍ରମକୁ ଆଉ ଏକ ପାଦ ଆଗକୁ ନେଇ ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ମାର୍କେଟ୍ ବିଲ୍ଡିଂ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏ ନେଇ ମିଶନ୍‌ଶକ୍ତି ବିଭାଗକୁ ସୁପାରିସ କରାଯାଇଛି। ମିଶନ୍ ଶକ୍ତି ମହିଳାଙ୍କ ଉତ୍ପାଦ ବିକ୍ରି ପାଇଁ ୫୦୦ ଖୁଚୁରା ବିକ୍ରୟ କେନ୍ଦ୍ର ଖୋଲାଯିବ। ଏଥିସହ ଭୁବନେଶ୍ୱରରେ ଏକ ମିଶନ୍ ଶକ୍ତି ବୁଟିକ୍ ଖୋଲାଯିବ। ଏବେ ସୁଦ୍ଧା ରାଜ୍ୟର ୩୦୦ ଏସ୍‌ଏଚ୍‌ଜି ସେମାନଙ୍କ ଉତ୍ପାଦର ଅନଲାଇନ୍ ମାର୍କେଟିଂ ପାଇଁ ଫ୍ଲିପ୍‌କାର୍ଟ ସହିତ ଅନୁବନ୍ଧିତ ହୋଇଛନ୍ତି। ମିଶନଶକ୍ତି ବିଭାଗର ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର କହିଛନ୍ତି, ମିଶନ୍ ଶକ୍ତି ବିଭାଗ ଜରିଆରେ ରାଜ୍ୟ ସରକାର ମହିଳା ସଶକ୍ତିକରଣ କ୍ଷେତ୍ରରେ ସମଗ୍ର ବିଶ୍ୱ ଆଗରେ ଉଦାହରଣ ସୃଷ୍ଟି କରିଛନ୍ତି। ୭୦ ଲକ୍ଷ ମହିଳାଙ୍କୁ ନେଇ ବିଶାଳ କର୍ମବଳ ସୃଷ୍ଟି କରାଯାଇଛି। ସ୍ଥାନୀୟ ବଜାରର ଚାହିଦାକୁ ଦୃଷ୍ଟିରେ ରଖି ଏସ୍‌ଏଚ୍‌ଜିଙ୍କ ଉତ୍ପାଦ ବ୍ରିକି ପାଇଁ ଲକ୍ଷ୍ୟ ରହିଛି। ଏଥିପାଇଁ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ପୂର୍ବରୁ ସହରର ମୁଖ୍ୟାଳୟରେ ପ୍ରଶିକ୍ଷଣ ଦିଆଯାଉ ଥିଲା। କିନ୍ତୁ ଏବେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକସ୍ତରରେ ଆରମ୍ଭ ହୋଇଛି। ପ୍ରତି ବ୍ଲକ, ପଞ୍ଚାୟତରେ ମିଶନ୍ ଶକ୍ତି ବଜାର, ମିଶନ୍ ଶକ୍ତି କାଫେ ଖୋଲାଯାଉଛି। ଜିଲ୍ଲାସ୍ତରରେ ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଯୋଜନା ହୋଇଛି। ଏହା ଦ୍ୱାରା ଆମର ଏସ୍‌ଏଚ୍‌ଜି ଗୋଷ୍ଠୀ ଗୁଣାତ୍ମକ ସାମଗ୍ରୀ ଉତ୍ପାଦନ କରିବା ସହିତ ବିକ୍ରି ପାଇଁ ଉପଯୁକ୍ତ ବଜାର ପାଇପାରିବେ ବୋଲି ସେ କହିଛନ୍ତି। ରାଜ୍ୟର ମହିଳା ଏସ୍‌ଏଚ୍‌ଜି ମାନେ ଯେପରି ବ୍ୟାଙ୍କ ଋଣ ପାଇବାରେ ସମସ୍ୟା ଭୋଗିବେ ନାହିଁ ସେଥିପାଇଁ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ ସବୁ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପତ୍ର ଲେଖିଛନ୍ତି। ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ଋଣ ହାର ବୃଦ୍ଧି କରିବା ପାଇଁ ପରାମର୍ଶ ଦିଆଯାଇଛି। ୨୦୨୨-୨୩ରେ ଏସ୍‌ଏଚ୍‌ଜିଙ୍କୁ ବ୍ୟାଙ୍କଗୁଡ଼ିକ ହାରାହାରି ୨.୮୫ ଲକ୍ଷ ଟଙ୍କା ଲେଖାଏଁ ଋଣ ପ୍ରଦାନ କରିଛନ୍ତି। '୫-ଟି' ଉପକ୍ରମ ଅଧୀନରେ ମିଶନ ଶକ୍ତି ମହିଳାମାନଙ୍କୁ ଉଦ୍ୟୋଗୀ କରିବା ପାଇଁ ଏଣିକି ପ୍ରତି ଏଚ୍‌ଏଚ୍‌ଜିଙ୍କୁ ଏସ୍‌ଏମ୍‌ଇରେ ପରିଣତ କରିବା ପାଇଁ ଲକ୍ଷ୍ୟ ରହିଛି। ଗତବର୍ଷ ୮୭୫୦ କୋଟି ଟଙ୍କା ବ୍ୟାଙ୍କ ଋଣ ଦେବାକୁ ଲକ୍ଷ୍ୟ ଥିବା ବେଳେ ୭୮୬୩ କୋଟି ଟଙ୍କା ଦିଆଯାଇଛି। ମିଶନ୍ ଶକ୍ତି ମହିଳାଙ୍କ ପାଇଁ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ୭୮୭୮ଟି ଗୃହ ନିର୍ମାଣ କରାଯିବ। ଗୃହ ନିର୍ମାଣ ଦାୟିତ୍ୱ ପଞ୍ଚାୟତିରାଜ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ଏଥିରେ ସଭାଗୃହ, ବିକ୍ରୟ କେନ୍ଦ୍ର, କାର୍ଯ୍ୟାଳୟ, ଶୌଚାଳୟ ଆଦି ନିର୍ମାଣ କରାଯିବ।

# ବର୍ଣ୍ଣାଢ଼୍ୟ ଢଙ୍ଗରେ ପାଳିତ ହେବ ଭୁବନେଶ୍ୱର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର :** ଆସନ୍ତା ଏପ୍ରିଲ ୧୩ରୁ ୧୫ ତାରିଖ ୩ ଦିନ ଧରି ଆୟୋଜନ ହେବ ରାଜଧାନୀ ପ୍ରତିଷ୍ଠା ଉତ୍ସବ। ଚଳିତ ବର୍ଷ ରାଜଧାନୀ ପ୍ରତିଷ୍ଠାର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ ହେବ। ଏହାକୁ ପ୍ଲାଟିନମ ଜୁବୁଲି ଉତ୍ସବ ଭାବେ ବର୍ଣ୍ଣାଢ୍ୟ ଢଙ୍ଗରେ ପାଳନ କରାଯିବ। ଉତ୍ସବକୁ ପାଳନ କରିବ ଭୁବନେଶ୍ୱର ମହାନଗର ନିଗମ। ଖୋର୍ଦ୍ଧା ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ଏହି ଉତ୍ସବ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଦ୍ୱାରା ଦୀର୍ଘ ୩୫ବର୍ଷ ଧରି ଆୟୋଜନ ହୋଇଆସୁଛି। ଏହି ଉତ୍ସବକୁ ଏଣିକି ଭୁବନେଶ୍ୱର ମହାନଗର ନିଗମ ଆୟୋଜନ କରିବାକୁ ଉଚ୍ଚସ୍ତରୀୟ କମିଟିରେ ନିଷ୍ପତ୍ତି ହୋଇସାରିଛି। ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳଙ୍କ ସମେତ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ଉତ୍ସବ ଆୟୋଜନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ବିଏମସି କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୧୩ଜଣଙ୍କୁ ରାଜଧାନୀ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ସହ ୩ଦିନ ଧରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ବିଦ୍ୟୁତ୍ ବିଲ୍ ନେଇ ଗୃହରେ ଉଦ୍‌ବେଗ

**ଭୁବନେଶ୍ୱର :** ବିଧାନସଭାରେ ଉଠିଥିଲା ଟାଟା ପାୱାରର ବିଦ୍ୟୁତ ଶୁଳ୍କ ଆଦାୟ ପ୍ରସଙ୍ଗ। ବିରୋଧୀ ବିଜେପି ଓ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମୁଲତବୀ ଆଲୋଚନା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱ ଓ ଟାଟା ପାୱାରର ଆଭିମୁଖ୍ୟକୁ ନେଇ ବିରୋଧୀ ବର୍ଷିଥିଲେ। ବିରୋଧୀଙ୍କୁ ଜବାବ ଦେବାକୁ ଯାଇ ମନ୍ତ୍ରୀ କହିଥିଲେ, ମାଗଣା ଦେଲେ ଶ୍ରୀଲଙ୍କା ଭଳି ସ୍ଥିତି ହେବ। ମୁଲତବୀ ଆଲୋଚନା ବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ କହିଥିଲେ, ଉପଭୋକ୍ତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନଦେଇ ତଣ୍ଟି ଚିପି ବିଲ୍ ଆଦାୟ କରାଯାଉଛି। ବିଦ୍ୟୁତ ସଂସ୍କାରରେ ଓଡ଼ିଶା ପ୍ରଥମ ରାଜ୍ୟ ହୋଇଥିବା ବେଳେ ସରକାରଙ୍କ ଭୁଲ୍‌ନୀତି ଓ ବିଭାଗୀୟ ଅପାରଗତା ପାଇଁ ବିଜୁଳି ଦର ବଢୁଛି। ଜାତୀୟ ହାର ୟୁନିଟ ପିଛା ୫ ଟଙ୍କା ୧୧ ପଇସା ଥିବା ବେଳେ ରାଜ୍ୟରେ ୫.୨୨ ପଇସା ରହିଛି। ପରିଚାଳନା ଗତ ତ୍ରୁଟି ପାଇଁ ହେଉଥିବା ବାଣିଜ୍ୟିକ କ୍ଷତିକୁ ଗ୍ରାହକଙ୍କ ଉପରେ ଲଦା ଯାଉଛି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ଦାୟୀତ୍ୱ ନିର୍ବାହରେ ଫେଲ୍ ମାରିଛି। ଅକ୍ଷୟ ଶକ୍ତିକୁ ଗୁରୁତ୍ୱ ନଦେଇ ତାପଜ ବିଦ୍ୟୁତ ଉପରେ ନିର୍ଭରଶୀଳ ବଢୁଥିବାରୁ ଦର କମୁନାହିଁ ବୋଲି ମୋହନ ମାଝୀ କହିଥିଲେ। ସେହିପରି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ବିଦ୍ୟୁତ ପରିବହନ ଜନିତ କ୍ଷତିକୁ ହ୍ରାସ କରିବାରେ ବିଫଳ ହୋଇଛନ୍ତି ସରକାର। ଓଡ଼ିଶା ଏକ ବିଦ୍ୟୁତ ବଳକା ରାଜ୍ୟ ହୋଇଥିଲା ବେଳେ ବିଦ୍ୟୁତ ଟାରିଫ ବଢି ବଢ଼ି ଚାଲିଛି। ଏହା ଲୋକଙ୍କ ଉପରେ ବୋଝ ହୋଇଛି। ଦିଲ୍ଲୀ, ପଞ୍ଜାବ ଭଳି ଆମ ରାଜ୍ୟ ସରକାର ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଦିଅନ୍ତୁ ଶ୍ରୀ ସାଲୁଜା କହିଛନ୍ତି। ବିରୋଧୀଙ୍କ ଅଭିଯୋଗର ଉତ୍ତର ଦେଇଛନ୍ତି ମନ୍ତ୍ରୀ। ସେ କହିଛନ୍ତି, ବିରୋଧୀ ଯେଉଁ ଅଭିଯୋଗ ଆଣିଛନ୍ତି ବାସ୍ତବତା ଉପରେ ଆଧାରିତ ନୁହେଁ। ୨୦୦୦ ମସିହାରେ ୨୮ ପ୍ରତିଶତ ଘରକୁ ବିଜୁଳି ସଂଯୋଗ ହୋଇଥିବା ବେଳେ ବର୍ତ୍ତମାନ ୯୭ ପ୍ରତିଶତ ଘରକୁ ବିଜୁଳି ସଂଯୋଗ ଦିଆଯାଇଛି। ୨୦୦୦ ମସିହାରେ ୧୬ ଲକ୍ଷ ବିଦ୍ୟୁତ ଉପଭୋକ୍ତା ରହିଥିବା ବେଳେ ବିଦ୍ୟୁତ ଚାହିଦା ୧୦ ହଜାର ମିଲିୟନ୍ ୟୁନିଟ ଆବଶ୍ୟକ ପଡୁଥିଲା। ୨୦୨୩ ମସିହାରେ ଉପଭୋକ୍ତା ସଂଖ୍ୟା ୯୮ ଲକ୍ଷରେ ପହଞ୍ଚିଛି। ଚାହିଦା ୨୭ ହଜାର ୪୦୦ ମିଲିୟନ ୟୁନିଟକୁ ବୃଦ୍ଧି ପାଇଛି। ପିକ୍ ଆୱାରରେ ୫,୨୦୦ ମିଲିୟନ ୟୁନିଟ ଆବଶ୍ୟକ ପଡୁଛି। ବିଦ୍ୟୁତ ପରିବହନ ଜନିତ କ୍ଷତି ନିୟନ୍ତ୍ରଣ କରିବାରେ ସଫଳତା ମିଳିଛି। ୨୦୦୦ ମସିହାରେ ୫୭ ପ୍ରତିଶତ କ୍ଷତି ହେଉଥିଲା ବେଳେ ୨୦୨୩ରେ ଏହା ୨୬ ପ୍ରତିଶତକୁ ହ୍ରାସ ପାଇଛି। ପାଣି ପବନ ବିଜୁଳି ଏକାନ୍ତ ଆବଶ୍ୟକ। ମାଗଣା ଦେଲେ ଶ୍ରୀଲଙ୍କା ଭଳି ସ୍ଥିତି ହେବେ ବୋଲି ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି।

# ରାଜ୍ୟରେ ଅପରାଧ ୧୫% ବଢ଼ିଛି

**ଭୁବନେଶ୍ୱର :** ରାଜ୍ୟରେ ଧର୍ତ୍ତବ୍ୟ ଅପରାଧ ହାର ପ୍ରାୟ ୧୪.୬୫% ବୃଦ୍ଧି ପାଇଛି। ୨୦୨୧ରେ ରାଜ୍ୟରେ ମୋଟ ଧର୍ତ୍ତବ୍ୟ ଅପରାଧ ୧ ଲକ୍ଷ ୫୫ହଜାର ୪୨୦ଟି ପଞ୍ଜିକୃତ ହୋଇଥିବା ବେଳେ ୨୦୨୨ ମସିହାରେ ଏହି ସଂଖ୍ୟା ୧ଲକ୍ଷ ୭୮ହଜାର ୧୯୦କୁ ବୃଦ୍ଧି ପାଇଛି। ଯାହାକି ୨୦୨୧ ମସିହା ତୁଳନାରେ ୨୨୭୭୦ଟି ଅଧିକ। ଆସନ୍ତା ସପ୍ତାହରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଶ୍ୱେତପତ୍ର ଆସିବା ପୂର୍ବରୁ ରାଜ୍ୟ 'ଅପରାଧ ପରିସଂଖ୍ୟାନର ଏହି ଚିତ୍ର' ପଦାକୁ ଆସିଛି। ଗୃହ ବିଭାଗର ତଥ୍ୟ ଅନୁସାରେ ରାଜ୍ୟରେ ୨୦୨୨ ମସିହାରେ ରୁଜୁ ହୋଇଥିବା ମୋଟ ୧.୭୮ଲକ୍ଷ ଧର୍ତ୍ତବ୍ୟ ଅପରାଧ ମଧ୍ୟରେ ୧୩୭୯ଟି ହତ୍ୟା, ୬୨୬ଟି ଡକାୟତି, ୨୯୯୮ଟି ଲୁଣ୍ଠନ, ୫୪୬୭ଟି ସିନ୍ଧିଚୋରି, ୧୪୮୯୩ଟି ଚୋରି, ୫୩୫୨ଟି ପ୍ରତାରଣା, ୨୨୪୮ଟି ଦଙ୍ଗା , ୩୧୮୪ଟି ଦୁଷ୍କର୍ମ, ୧୧୬୭୩ଟି ମୋଟରଯାନ ଦୁର୍ଘଟଣା ଓ ୧୩୦୩୮୦ଟି ବିବିଧ ମାମଲା ସାମିଲ ଅଛି। ତେବେ ୨୦୨୧ ମସିହା ତୁଳନାରେ ରାଜ୍ୟରେ ଧର୍ତ୍ତବ୍ୟ ଅପରାଧ ସଂଖ୍ୟା ବୃଦ୍ଧି ପାଇବା ସହ ମୋଟରଯାନ ଦୁର୍ଘଟଣା, ଚୋରି, ଡକାୟତି, ସିନ୍ଧିଚୋରି, ପ୍ରତାରଣା ଓ ଦଙ୍ଗା ମାମଲା ମଧ୍ୟ ବୃଦ୍ଧି ପାଇଛି। ତେବେ ହତ୍ୟା ଓ ଧର୍ଷଣ ମାମଲା ଅପେକ୍ଷାକୃତ ହ୍ରାସ ପାଇଛି। ୨୦୨୨ ମସିହାରେ ନକ୍ସଲ ଗିତିବିଧିକୁ ନିୟନ୍ତ୍ରଣ କରିବାରେ ଉଲ୍ଲେଖନୀୟ ସଫଳତା ମିଳିଛି। ଏହି ବର୍ଷ ନକ୍ସଲଙ୍କ ସହ ସଂଗଠିତ ୧୨ଟି ଗୁଳି ବିନିମୟ ଘଟଣା ସମେତ ରାଜ୍ୟରେ ମୋଟ ୨୭ଟି ମାଓବାଦୀ ହିଂସା ଘଟଣା ଘଟିଥିଲା। ଏସବୁ ଘଟଣାରେ ମୋଟ ୩ଜଣ ସୁରକ୍ଷାକର୍ମୀ ଶହୀଦ ହୋଇଥିବାବେଳେ ୮ଜଣ





ସାଧାରଣ ବ୍ୟକ୍ତିଙ୍କ ପ୍ରାଣହାନି ହୋଇଥିଲା। ଅନ୍ୟପକ୍ଷରେ ସୁରକ୍ଷାକର୍ମୀଙ୍କ କାର୍ଯ୍ୟାନୁଷ୍ଠାନରେ ୭ଜଣ କ୍ୟାଡ଼ର ମାଓବାଦୀ ନିହତ ହୋଇଥିଲେ। ୧୨ଜଣ ନକ୍ସଲ ଗିରଫ ଓ ୩ଜଣ ଆତ୍ମସମର୍ପଣ କରିଥିଲେ। ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନବେଳେ ମୋଟ ୨୯ଟି ବନ୍ଧୁକ, ୮୭ଟି ଉନ୍ନତ ବିସ୍ଫୋରକ ଓ ବହୁ ପରିମାଣର ଗୁଳିଗୋଳା, ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। 'ଅପରେସନ୍ ଘର ୱାପସି' ଯୋଗୁ ମାଓବାଦୀ ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୩ହଜାରରୁ ଅଧିକ ମିଲେସିଆ ଓ ସମର୍ଥକ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ୨୦୨୨ ମସିହାରେ ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ରହିଛି। ତେବେ ୨୦୨୨ ମସିହାରେ ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ୩୩ଟି ଓ ହିନ୍ଦୁ-ଖ୍ରୀଷ୍ଟିୟାନଙ୍କ ମଧ୍ୟରେ ୫ଟି ସାମ୍ପ୍ରଦାୟିକ ବିଦ୍ୱେଷ ଘଟଣା ସଂଘଟିତ ହୋଇଛି। ତେବେ ପୁଲିସ ଓ ପ୍ରଶାସନିକ ତତ୍ପରତା ଯୋଗୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇନି। ୨୦୨୨ ମସିହାରେ ମାଦକ ଦ୍ରବ୍ୟ ନିରୋଧ ଆଇନରେ ୧୮୯୨ଟି ମାମଲା ପଞ୍ଜିକୃତ କରି ରାଜ୍ୟ ପୁଲିସ ୨୬୦୩ଜଣଙ୍କୁ ଗିରଫ କରିଥିଲା। ଏହାସହିତ ୧୧୭୨ କ୍ୱିଣ୍ଟାଲ ୮୯ କିଲୋ ଗଞ୍ଜେଇ ଓ ୫୦କିଲୋ ୨୩୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି।

## କେତେ ପାରଙ୍ଗମ କ୍ରାଇମବ୍ରାଞ୍ଚ

# ୧୦ ବର୍ଷରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ୪.୪%

**ଭୁବନେଶ୍ୱର :** ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ଓ ପାରିବାପଣିଆକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ କ୍ରାଇମବ୍ରାଞ୍ଚର ଟ୍ରାକ୍ ରେକର୍ଡ, ପାରିବାପଣିଆ ଓ ବିଶ୍ୱସନୀୟତା ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ବିଭିନ୍ନ ଅପରାଧ ମାମଲାରେ ରାଜନୀତିକ ସମ୍ପୃକ୍ତି ଓ ବିବାଦ ବଢ଼ିବା ପରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଇ ନିରପେକ୍ଷ ତଦନ୍ତର ଆଳ ଦେଖାଇ ଖସିଯିବାକୁ ରାଜ୍ୟ ସରକାର ପ୍ରୟାସ କରୁଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହି ତଦନ୍ତକାରୀ ସଂସ୍ଥା ମାତ୍ର ୧୦ଟି ମାମଲାରେ ଦୋଷ ପ୍ରମାଣିତ ବା ଦୋଷୀ ସାବ୍ୟସ୍ତ କରାଇବାରେ ସକ୍ଷମ ହୋଇଛି। କ୍ରାଇମବ୍ରାଞ୍ଚ ୧୦ ବର୍ଷରେ ମୋଟ ୨୨୫ଟି ମାମଲାର ତଦନ୍ତ କରଛି। ଏହି ଅବଧି ମଧ୍ୟରେ ୧୧ଟି ମାମଲାକୁ କୋର୍ଟରେ ଫଇସଲା ହୋଇଥିବାବେଳେ ସେଥିରୁ ୧୦ଟି ମାମଲାରେ ଦୋଷସିଦ୍ଧ ହୋଇଛି। ଅର୍ଥାତ୍ କ୍ରାଇମବ୍ରାଞ୍ଚର ଦୋଷୀ ସାବ୍ୟସ୍ତ ହାର ମାତ୍ର ୪.୪%। ଯାହାକି ଏହି ତଦନ୍ତକାରୀ ସଂସ୍ଥାର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଧାନସଭାରେ ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ଯେ, ରାଜ୍ୟରେ ଗତ ୧୦ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୩ରୁ ୨୦୨୨ ମସିହା ମଧ୍ୟରେ କ୍ରାଇମବ୍ରାଞ୍ଚ ପୁଲିସ ଷ୍ଟେସନରେ ମୋଟ ୨୨୫ଟି ମାମଲାର ତଦନ୍ତ କରିଛି। ଏହି ମାମଲାଗୁଡ଼ିକରେ ମୋଟ ୨୬୧ଜଣ ଅପରାଧୀଙ୍କୁ ଗିରଫ କରିଥିବାବେଳେ ୮୮ଟି ମାମଲାରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଛି। ଏହି ୧୦ବର୍ଷ ମଧ୍ୟରେ ୧୧ଟି ମାମଲା କୋର୍ଟରେ ଫଇସଲା ହୋଇଥିବାବେଳେ ସେଥିରୁ ୧୦ଟି ମାମଲାରେ ଦୋଷସିଦ୍ଧ ହୋଇଅଛି। ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଷ୍ଟେଟ୍ ଫୋରେନ୍ସିକ ସାଇନ୍ସ ଲ୍ୟାବରେ ପଲିଗ୍ରାଫ ଟେଷ୍ଟ ସୁବିଧା ଅଛି। କିନ୍ତୁ ନାର୍କୋ ଆନାଲିସିସ୍ ଟେଷ୍ଟ କରିବା ନିମନ୍ତେ ସୁବିଧା ନାହିଁ। ଏଥିପାଇଁ କୋର୍ଟଙ୍କ ଅନୁମତିରେ ଅନ୍ୟ ରାଜ୍ୟ କିମ୍ବା କେନ୍ଦ୍ରୀୟ ବିଜ୍ଞାନଗାରରେ ଏହି ନାର୍କୋ ଆନାଲିସିସ୍ ଟେଷ୍ଟ କରାଯାଇଥାଏ ବୋଲି ସେ କହିଛନ୍ତି। ତେବେ ଗତ ୧୦ବର୍ଷ ମଧ୍ୟରେ ମୋଟ



୨୨୫ଟି ମାମଲାର ତଦନ୍ତ ଭାର ହାତକୁ ନେଇଥିବା କ୍ରାଇମବ୍ରାଞ୍ଚ ଏହି ଅବଧିରେ ମାତ୍ର ୧୦ଟି ମାମଲା ଅର୍ଥାତ ୪.୪% ମାମଲାରେ ଅଭିଯୁକ୍ତଙ୍କୁ କୋର୍ଟରେ ଉପଯୁକ୍ତ ତଥ୍ୟପ୍ରମାଣ ଦେଇ ଦୋଷୀସାବ୍ୟସ୍ତ କରାଇବାରେ ସକ୍ଷମ ହୋଇଛି। ଏହି ଦୋଷୀ ସାବ୍ୟସ୍ତ ହାର ହିଁ ଖୋଲାଖୋଲି ଭାବେ କ୍ରାଇମବ୍ରାଞ୍ଚର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଫେବୃୟାରୀ ୨୭ ତାରିଖରେ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ବିଜେପି ମୁଖ୍ୟ ସଚେତକ ମୋହନ ମାଝୀଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଥିଲେ ଯେ ୨୦୧୮ରୁ ୨୦୨୨ ମସିହା ମଧ୍ୟରେ କ୍ରାଇମବ୍ରାଞ୍ଚ ମୋଟ ୯୧ଟି ମାମଲା ତଦନ୍ତ ପାଇଁ ହାତକୁ ନେଇଛି। ସେଥିରୁ ୧୩ଟିର ଚାର୍ଜସିଟ୍ ଦାଖଲ କରିଥିବାବେଳେ ଆଉ ୧୪ଟିର ଫାଇନାଲ ରିପୋର୍ଟ ଦାଖଲ କରିଛି। ୨୦୧୮ରେ ମୋଟ ୩୨ଟି ମାମଲାରୁ ୫ଟିରେ ଚାର୍ଜସିଟ୍ ଓ ୮ଟିରେ ଫାଇନାଲ ରିପୋର୍ଟ ଦାଖଲ କରିଥିବା କ୍ରାଇମବ୍ରାଞ୍ଚ ୨୦୧୯ରେ ୨୦ଟି ମାମଲାର ତଦନ୍ତ ଭାର ନେଇଛି। ସେଥିରୁ ୨ଟିରେ ଚାର୍ଜସିଟ୍ ଓ ୩ଟିରେ ଫାଇନାଲ ରିପୋର୍ଟ, ୨୦୨୦ରେ ୧୫ଟି ମାମଲାରୁ ୨ଟିରେ ଚାର୍ଜସିଟ୍ ଓ ଗୋଟିଏରେ ଫାଇନାଲ ରିପୋର୍ଟ, ୨୦୨୧ ମସିହାରେ ୧୮ଟି ମାମଲାର ତଦନ୍ତ ହାତକୁ ନେଇଥିବା କ୍ରାଇମବ୍ରାଞ୍ଚ ୩ଟି ମାମଲାରେ ଚାର୍ଜସିଟ୍ ଓ ୨ଟି ମାମଲାର ଫାଇନାଲ ରିପୋର୍ଟ, ୨୦୨୨ରେ ମୋଟ ୬ଟି ମାମଲାରୁ ଗୋଟିଏରେ ଚାର୍ଜସିଟ୍ ଦାଖଲ କରିବାରେ ସକ୍ଷମ ହୋଇଛି। ୨୦୨୩ ମସିହାରେ ୩ଟି ମାମଲା ମଧ୍ୟ କ୍ରାଇମବ୍ରାଞ୍ଚ ହାତକୁ ନେଇଛି। ତେବେ ୨୦୧୮ରୁ ୨୦୨୨ ମସିହା ମଧ୍ୟରେ ୯୧ଟି ମାମଲାରୁ ମାତ୍ର ୨୭ଟି ମାମଲାରେ ଚାର୍ଜସିଟ୍ ଓ ଫାଇନାଲ ରିପୋର୍ଟ ଦାଖଲ କରିଛି। ବାକି ମାମଲାର ତଦନ୍ତ ଏବେବି ଜାରି ରହିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ମାର୍ଚ୍ଚ, ୨୦୨୩

# ଅହରହ ଚାଲୁଥାଏ ଯାହା



ସମ୍ପାଦକୀୟ
ତାରକ ମହାନ୍ତି

ଜୀବନ ସଂଘର୍ଷ ମୟ ହୋଇଥିଲେ ସୁଦ୍ଧା ମୃତ୍ୟୁ ଆଗରେ ଜୀବନର ମୂଲ୍ୟ ଆକଳନ ଏତେ ସହଜ ନୁହେଁ। ମୃତ୍ୟୁ ଚିରନ୍ତନ ସତ୍ୟ ଜାଣି ମଧ୍ୟ କେହି କେବେ ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଇଚ୍ଛା ପ୍ରକାଶ କରିନଥାନ୍ତି। ଅଭାବବୋଧ ଭିତରେ ଜୀବନକୁ ଭଲ ପାଉଥିବା ମଣିଷ ଦୀର୍ଘଜୀବୀ ହେବାକୁ ସ୍ୱପ୍ନ ଦେଖେ। ତାଆରି ମଧ୍ୟରେ ସମସ୍ତ ପ୍ରତିକୂଳ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ପାଦେ ପାଦେ ଆଗକୁ ବଢେ। ଏହାରି ମଧ୍ୟରେ ବୟସ ବଢୁଥାଏ। ଶିକ୍ଷା ସମାପ୍ତ ପରେ କେହି ଚାକିରୀ ବୃତ୍ତି ଆପଣାଇଥାଏ ତ କେହି ଚାଷ, ବ୍ୟବସାୟ ଭଳି ଭିନ୍ନ ଭିନ୍ନ ବୃତ୍ତିରେ ନିଜକୁ ସାମିଲ କରିନିଅନ୍ତି। ମାତ୍ର ବିଡ଼ମ୍ବନାର ବିଷୟ, ସମସ୍ତେ ସମାନ ଉପାର୍ଜନ କରିନଥାନ୍ତି। ଶିକ୍ଷାଗତ ଯୋଗ୍ୟତା, କାର୍ଯ୍ୟ କରିବାର ଦକ୍ଷତା ଯଦିଓ ଉପାର୍ଜନର ମାପ କାଠି ତଥାପି ମଣିଷ ଚେଷ୍ଟା କରି ଅନେକ ଅସାଧ୍ୟ ସାଧନ କରିବାର କ୍ଷମତା ରଖିଛି। ଯାହାର ପ୍ରୟୋଗ ଜରିଆରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମାଧାନ କରିପାରୁଛି। କେବଳ ଯେ ଜଣେ ଉଚ୍ଚ ଶିକ୍ଷିତ ଯୋଗ୍ୟ ଆଉ ଅନ୍ୟମାନେ ଅଯୋଗ୍ୟ ଏଭଳି ଧାରଣା ମଧ୍ୟ ଭୁଲ। ଯେଉଁ କାର୍ଯ୍ୟ ଜଣେ ଶିକ୍ଷିତ ବ୍ୟକ୍ତି ସହଜରେ କରିପାରେନି, ସେଠାରେ ଅଭିଜ୍ଞତା ଓ ବୁଦ୍ଧିମତାର ପ୍ରୟୋଗରେ କାର୍ଯ୍ୟ ସିଦ୍ଧି କରିହୁଏ। ଜୀବନରେ ଏଭଳି ଅନେକ ପର୍ଯ୍ୟାୟ ଦେଇ ମଣିଷକୁ ବଂଚିବାକୁ ପଡେ। ସୁଖ ବୋଲି ଶବ୍ଦର ବାସ୍ତବ ବାଖ୍ୟାନ ସବୁଠାରେ ସମାନ ହୋଇନଥାଏ। ଜଣେ ଗରିବ ଲୋକ ଖେତରେ କାମ କରି ପଖାଳ କଂସାଏ ଖାଇ ପରିତୃପ୍ତି ଲାଭ କରୁଥିଲା ବେଳେ କିଛି ଧନୀ ବ୍ୟକ୍ତିଙ୍କୁ ଯେତେ ସ୍ୱାଦିଷ୍ଟ ଭୋଜନ ଦେଲେ ମଧ୍ୟ ସେ ସନ୍ତୁଷ୍ଟି ଲାଭ କରିନଥାନ୍ତି। ଏହାର କାରଣ ନିଜ ନିଜର ବିଚାରଧାରା, ଚିନ୍ତନ, ଆବଶ୍ୟକ ପରିବେଶ ଓ ଆତ୍ମସନ୍ତୋଷ ମଧ୍ୟରେ ଯେଉଁ ପାର୍ଥକ୍ୟ ରହିଛି, ତାହା ହେଉଛି ପରିତୃପ୍ତିର ମୂଳ କାରଣ। ଏଭଳି କ୍ଷେତ୍ରରେ ସାଧାରଣ ଜନତା ବା ନାଗରିକଙ୍କ ଅପେକ୍ଷା ରାଜନୀତି କ୍ଷେତ୍ରରେ ଥିବା ବ୍ୟକ୍ତି ବିଶେଷଙ୍କ କଥା ସମ୍ପୂର୍ଣ୍ଣ ଭିନ୍ନ। ପ୍ରତି ମୁହୂର୍ତ୍ତରେ ଚୌକି ବଞ୍ଚାଇବା ପାଇଁ ଯେଉଁ କସରତ ଦରକାର ସେଥିରେ ସେମାନେ ବ୍ୟସ୍ତ ରୁହନ୍ତି। ସାମ୍ପ୍ରତିକ ରାଜନୀତି ଆଉ ନୀତି ଆଦର୍ଶର ରାଜନୀତି ହୋଇ ରହିନାହିଁ। ଯୁଦ୍ଧରେ ଶତ୍ରୁ ସହ ମୁକାବିଲା ପରି କଳେବଳେ କୌଶଳ ପ୍ରୟୋଗ କରି ହେଉ ଅଥବା ରକ୍ତପାତର ବିଭୀଷିକା ଘଟାଇ ଆସନ ସୁରକ୍ଷିତ କରିବାକୁ ପଡୁଛି। ଯେଉଁ ସେବା କରିବାର ବାହାନା କରି ନେତା ମାନେ ନିର୍ବାଚନ ଜିତୁଛନ୍ତି, ଏଥିରେ ସେବା କମ ଦେବା ଓ ନେବାର ହିସାବ ଅଧିକ। ଆଜିକାଲିର ବ୍ୟୟବହୁଳ ରାଜନୀତି କରିବା ସାଧାରଣ ଲୋକଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ଏହା ଏକ ବ୍ୟବସାୟରେ ପରିଣତ ହୋଇଗଲାଣି। ପ୍ରାର୍ଥୀଙ୍କ ଯୋଗ୍ୟତା ଅପେକ୍ଷା ସିଏ କେଉଁ ଦଳ ପାଇଁ ପ୍ରତିନିଧିତ୍ୱ କରିବ ତାହା ହିଁ ଯୋଗ୍ୟତା। ଏଥିରେ ନୀତି, ଆଦର୍ଶ ବା ଜନତାଙ୍କ ପସନ୍ଦ ବୋଲି ଆଉ କିଛି ନାହିଁ। ନାମକୁ ମାତ୍ର ଗଣତାନ୍ତ୍ରିକ ପ୍ରକ୍ରିୟା କୁହାଯାଉଥିବା ଭୋଟ ସମ୍ପୂର୍ଣ୍ଣ ଭାବେ ରାଜତନ୍ତ୍ର ବା ପରିବାରବାଦ ହୋଇପଡିଛି। ଜଣେ ପୁରୁଖା ନେତା ନିଜ ରାଜନୀତି କାଳରେ ଯେଉଁ ଅଜସ୍ର ଅର୍ଥ ସଞ୍ଚୟ କରିଛି ତାହାରି ଜରିଆରେ ପିଢ଼ି ପରେ ପିଢ଼ି ନିଜ ପରିବାରରୁ କେହି ରାଜନୀତିରେ ରୁହନ୍ତୁ ଭଳି ଷଡ଼ଯନ୍ତ୍ର ଗଣତନ୍ତ୍ରକୁ ଦୁର୍ବଳ କରୁଛି। ପ୍ରତ୍ୟେକ ବିଷୟରେ ସାଧାରଣ ଜନତା ଯାହା ସହଜରେ ବୁଝିପାରନ୍ତିନାହିଁ ସେଭଳି ଯୋଜନା ଜରିଆରେ ଲୋକଙ୍କ କଲ୍ୟାଣ ହେଉଛି ବା ହେବ କୁହାଯାଇ ଏଭଳି କିଛି କାର୍ଯ୍ୟ ଚାଲେ ଯାହା ସମ୍ପର୍କରେ ତଥ୍ୟ ମିଳିବା କଷ୍ଟ। କତିପୟ ଲୋକଙ୍କୁ ସାମାନ୍ୟ ସୁବିଧା ସୁଯୋଗ ଦେଇ ଅଧିକାଂଶ ଲୋକଙ୍କୁ ହତାଦର କରାଯିବାକୁ କଣ କୁହାଯିବ ! ଯାହା ଆଗରୁ ଥିଲା ତାହାର ନାମ ପରିବର୍ତ୍ତନ କରାଯାଉଥିଲା ବେଳେ ବାସ୍ତବ ଚିତ୍ର କିନ୍ତୁ ସେଇ ପୁରୁଣା। ଜନତାଙ୍କ ଟିକସ ଅର୍ଥରେ ବା ଖଣିଜ ସମ୍ପଦରୁ ମିଳୁଥିବା ଲାଭରେ ବିକାଶ କରାଯାଏ। ହେଲେ ବିକାଶର ଅସଲ ରୂପ ସେତିକିବେଳେ ଜଣାପଡେ, ଯେତେବେଳେ ସାଧାରଣ ଲୋକଟିଏ ନିଜ ପାଇଁ ହେଉଥିବା ଯୋଜନାର ସୁଫଳ ପାଏ। ଦାରିଦ୍ର୍ୟ ଦୂରୀକରଣ, ବେକାରୀ ସମସ୍ୟାର ସମାଧାନ ସହ ମାଗଣା ଚିକିତ୍ସା ସୁବିଧା, ଶିକ୍ଷା ଭଳି ମୌଳିକ ଆବଶ୍ୟକତା ସହଜରେ ପୂରଣ କରିବା ବ୍ୟବସ୍ଥା ଲୋଡ଼ା ସ୍ଥାନରେ ପ୍ରତ୍ୟେକ କ୍ଷେତ୍ରରେ ଅଧିକ ଖର୍ଚ୍ଚ ବା ଦେୟ ଦେବାକୁ ପଡିଲେ ଜନତାଙ୍କର ଲାଭ କଣ ବା ଶାସନରେ ସ୍ୱଚ୍ଛତା ଆସିପାରେ କି ? ଆଜିକାଲି କ୍ଷମତା ପାଇଁ ନେତା ଯେକୌଣସି ସ୍ତରକୁ ଓଲହେଇ ଯାଉଛନ୍ତି। ସ୍ୱାର୍ଥ ପାଇଁ ଅନ୍ୟର ବ୍ୟକ୍ତିଗତ ଜୀବନକୁ ନେଇ ନିନ୍ଦା, କୁତ୍ସା ରଟନା ସହିତ ହିଂସାତ୍ମକ ମନୋଭାବ ମଧ୍ୟ ପୋଷଣ କରୁଛନ୍ତି। ଯାହା କି ଉପଯୁକ୍ତ ଗଣତାନ୍ତ୍ରିକ ପ୍ରକ୍ରିୟା ନୁହେଁ।

ଲିଖିତ ବା ଅଲିଖିତ ବଡ଼ ପ୍ରସଙ୍ଗ ନୁହେଁ। ବିବେକବୋଧ ଓ ବିଚାରଶୀଳ ପ୍ରକ୍ରିୟା ବ୍ୟତିରେକ ସ୍ୱାର୍ଥାନ୍ଧ ହେଲେ ଆମେ ଅନେକ କିଛି କରିପାରିବା। ହେଲେ କେତେଦୂର ଯୁକ୍ତିଯୁକ୍ତ ବା ସିଦ୍ଧାନ୍ତ ଏହା କେହି କହିବେ କି ? ଜନତାଙ୍କ ନିରବତା ଅଥବା ନିର୍ବୋଦ୍ଧତା ଆଜି ଗଣତନ୍ତ୍ରକୁ ଦୁର୍ବଳ କରିବାକୁ ଲାଗୁଚି। ବିନା ଶ୍ରମରେ ଶ୍ରମ ମୂଲ୍ୟ ହାସଲ ପାଇଁ କିଛି ନିର୍ବୋଧ ଜନତା ଯେଉଁ ପ୍ରଦର୍ଶନ କରିଛନ୍ତି,ଏହାର ଅର୍ଥ ହେଲା ନିଜେ ନିଜକୁ ମାରିଚାଲିଛନ୍ତି। ଯିଏ ଯାହା କହୁଛି ତାହାକୁ ଭଲ ଭାବେ ଶୁଣି ବୁଝି ନିଜର ସିଦ୍ଧାନ୍ତ ନେବା ବଦଳରେ ମିଛୁଆ ନେତାଙ୍କ ମନଭୁଲା କାହାଣୀ ଶୁଣି ଭୋଟ ଦେଉଛନ୍ତି। ପରିଣାମ ସ୍ୱରୂପ ନଦୀ,ପାହାଡ଼,ପର୍ବତ,ଗୋଚର ବିକ୍ରି ପଛରେ ଥିବା ରହସ୍ୟ ବୁଝିବାକୁ ସକ୍ଷମ ନୁହନ୍ତି। ଏହା ହିଁ ନେତାଙ୍କୁ ହାତ ସଫେଇର ସୁଯୋଗ ଦେଉଛି। ତୁମ ଅର୍ଥ ତୁମକୁ ଦେଇ ବାହବା ନେବେ ନେତା। ପ୍ରଭୁ ଭକ୍ତ ପରି ହାତଯୋଡି ଦୟାର ପାତ୍ର ହେବାକୁ ଅଧିକ ପସନ୍ଦ କରୁଛନ୍ତି। ଯେପର୍ଯ୍ୟନ୍ତ ଜନତା ନିଜ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ସଚେତନ ହେବେନାହିଁ ସେପର୍ଯ୍ୟନ୍ତ ଏଭଳି ବ୍ୟବସ୍ଥାରେ ବିଶେଷ କିଛି ପରିବର୍ତ୍ତନ ହେବା ସମ୍ଭବ ନୁହେଁ। ତେଣୁ ସରକାର ପ୍ରଥମେ ଜନତାଙ୍କୁ ସେମାନଙ୍କ ମୌଳିକ ଅଧିକାର ବିଷୟରେ ସଚେତନ କରାଇବା ଦରକାର। ସେଭଳି ଭୋଟ ମତ ଦାନ ବିଷୟରେ ଜନସାଧାରଣଙ୍କୁ ସଠିକ ମାର୍ଗ ଦର୍ଶନ କରିବା ଆବଶ୍ୟକ। ବିନା ଚାପ ଓ ବିନା ଲାଞ୍ଚ କାରବାରରେ ମତଦାନ ହେଲେ ନିର୍ବାଚନ ଅଧିକ ସ୍ୱଚ୍ଛ ହୋଇପାରିବ। ନିରପେକ୍ଷ ମତଦାନ ନହେବା ପର୍ଯ୍ୟନ୍ତ ୫ବର୍ଷରେ ଥରେ ସାଧାରଣ ନିର୍ବାଚନକୁ ନେଇ ଏଭଳି ସନ୍ଦେହ ପ୍ରକାଶ ପାଉଥିବ। ଏସବୁ ଦୃଷ୍ଟିକୋଣରୁ ବିଚାର କଲେ ଜନସାଧାରଣ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ରହିବା ଉଚିତ। ଶିକ୍ଷିତଙ୍କ ସଂଖ୍ୟା ବଢ଼ିଥିଲା ବେଳେ ନିର୍ବାଚନ ସମ୍ପର୍କିତ ତଥ୍ୟ ହାସଲ କରାନଯିବା ବା ଉପଯୁକ୍ତ ପ୍ରାର୍ଥୀଙ୍କୁ ବିଚାରକୁ ନନେବା ଭଳି ଧାରା ଜାରି ରହିଲେ ଏହାର ଭବିଷ୍ୟତ ପରିଣାମ ନିଶ୍ଚୟ ଭଲ ନୁହେଁ ବୋଲି କହିପାରିବା। କାରଣ ପ୍ରତ୍ୟେକ କ୍ଷେତ୍ରରେ ନିରପେକ୍ଷତା ଅବଲମ୍ବନ କରି କାର୍ଯ୍ୟ କରାନଗଲେ ଦୁର୍ନୀତି ଓ ଭ୍ରଷ୍ଟାଚାର ନିଜର ଆସ୍ଥାନକୁ ଆହୁରି ମଜଭୁତ କରିଚାଲିବ। ତେଣୁ ପ୍ରତ୍ୟେକଙ୍କୁ ସଜାଗ ରହି ଦେଶ ତଥା ରାଜ୍ୟର ଗତି ଓ ମତି କେଉଁଆଡେ ତାହାକୁ ଠଉରେଇବାକୁ ହେବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଘର ଦୁଆରେ ନ୍ୟାୟିକ ସେବା



ଗଜାନନ ମିଶ୍ର

ବହୁତ ଧନ୍ୟବାଦ ଭାରତର ପ୍ରଧାନ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ ମହୋଦୟ, ଜନଗଣଙ୍କ ଭାରତ ବର୍ଷରେ ଏ ଯାଏ ବିଚାରବିଭାଗ କହିଲେ ବିଜ୍ଞ ବୁଦ୍ଧିଜୀବୀ ମହଲଙ୍କ ବିଦେଶୀ ଇଂରେଜି ଭାଷାର କ୍ଲିଷ୍ଟ ଶବ୍ଦପୁଂଜକୁ ବୁଝାଉଥିଲା ଯାହାସବୁ ଭାରତୀୟ ସାଧାରଣ ଜନତାଙ୍କ ବୁଝିବା ବାହାରେ ରହୁଥିଲା। କିନ୍ତୁ ଆପଣ ଭାରତୀୟ ଭାଷାର ମୂଳଦୁଆ ପକାଇବା ସହିତ ଘର ଦୁଆରେ ନ୍ୟାୟିକ ସେବା ଦେବାକୁ ବଦ୍ଧ ପରିକର। ଆପଣଙ୍କର ଇଚ୍ଛା ବୋଧେ ଅଦାଲତ ହେଉଛି ସର୍ବସାଧାରଣଙ୍କର ଏହା ସମସ୍ତେ ଅନୁଭବ କରନ୍ତୁ। ଇଂରେଜ ପଢୁଆ ତଥାକଥିତ କେବଳ ଜ୍ଞାନୀଙ୍କ ପାଇଁ ଆଦୌ ନୁହେଁ। ଉତ୍କଳ ଗୌରବ ମଧୁସୂଦନ ଦାସ ଓରଫ ମଧୁବାବୁଙ୍କ ଭାଷାରେ କହିବାକୁ ଗଲେ 'ମୁଁ ଓଡିଆ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ପାପୀ। ଉତ୍କଳମାତାଙ୍କର ନିକୃଷ୍ଟ ସନ୍ତାନ। ତାହାର କାରଣ ବୋଧହୁଏ ଯେ ମୁଁ ଓଡିଶାରେ ପ୍ରଥମ ଏମ ଏ, ମୁଁ ପ୍ରଥମେ ଇଂରେଜି ଶିଖି ଯେତେ ନିକୃଷ୍ଟ ବୁଦ୍ଧି ହୋଇଛି ସେଥିରୁ ମୁଁ ଉତ୍ତମ ରୂପେ ବୁଝି ପାରୁଛି।' ନ୍ୟାୟ ସମସ୍ତଙ୍କ ପାଇଁ ଆଉ ଏଇଥିଲାଗି ଆପଣ ଟେକନୋଲଜିର ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି ଇ କୋର୍ଟ ମାଧ୍ୟମରେ ଯୋଉଥିରେ ବିଚାର ବିଭାଗର ସ୍ୱଚ୍ଛତା ଓ ଗତିଶୀଳତା ରହିଛି ନିଶ୍ଚିତ ଭାବରେ। ନାଲିଫିତା ଓ କାଗଜକଲମର ସୀମା ଡେଇଁ ଏହା ପ୍ରତିଟି ନାଗରୀକଙ୍କ ପାଖରେ ଅନାୟାସରେ ପହଂଚି ଯିବ। ଅଦାଲତ ପ୍ରତି ଲୋକଙ୍କ ଆସ୍ଥା ଆଉ ବିଶ୍ୱାସ ବୃଦ୍ଧି ପାଇବ ଏହା ନିସନ୍ଦେହ। ସ୍ମାର୍ଟ କୋର୍ଟ ହେଉଛି ବିଚାରବିଭାଗର ଭବିଷ୍ୟତ, ଏହା ସତ୍ୟ। ଭାରତବର୍ଷ ପରି ଏକ ସୁବିଶାଳ ଓ ବିବିଧତା ପୂର୍ଣ ଦେଶରେ ଠିକଣା ସମୟରେ ପ୍ରତ୍ୟେକଙ୍କୁ ସଠିକ୍ ନ୍ୟାୟ ପ୍ରଦାନ କରିବା କଠିନ ହେଲେ ବି ଅସମ୍ଭବ ନୁହେଁ। ସତରେ ନ୍ୟାୟିକ ସେବା ହେଉଛି ଅତ୍ୟାବଶ୍ୟକ ସେବା ଆଉ ଏହି ସେବା ପାଇବା ସମସ୍ତଙ୍କର ଜନ୍ମଗତ ଅଧିକାର। ଗରିବ ଓ ଅବହେଳିତ ଲୋକଙ୍କ ପାଇଁ ଏହି ସେବା ତ ଅମୃତଧାର ସଦୃଶ। ଅଦାଲତ କେମିତି କେତେ ସମୟ ଲୋକଙ୍କ ପାଇଁ କାର୍ଯ୍ୟ ରତ ସବୁ କିଛି ଧାରାବାହିକ ଭାବରେ ଲୋକେ ସ୍ୱଚକ୍ଷୁରେ ଦେଖନ୍ତୁ ଓ ପରଖନ୍ତୁ। ଏହି ସେବା ଦେବାରେ ନିୟୋଜିତ ସମସ୍ତ ବିଚାରପତି, କର୍ମଚାରୀ ଦିନରାତି ବ୍ୟସ୍ତ।

ଆମ ଭାରତୀୟ ସମ୍ବିଧାନ ହେଉଛି ଅନ୍ୟ ତମ ବୃହତ୍ ଲିଖିତ ସମ୍ବିଧାନ, ଏହା ଅନନ୍ୟ ଅସାଧାରଣ। ଏହି ସମ୍ବିଧାନର ଆମୁଖରେ ସାମାଜିକ ଅର୍ଥନୈତିକ ରାଜନୈତିକ ନ୍ୟାୟ ବିଷୟରେ ଘୋଷଣା କରାଯାଇଛି। ଏହି ସମ୍ବିଧାନର ଚତୁର୍ଥଭାଗରେ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ରହିଛି ସମାନ ନ୍ୟାୟ ଓ ଆଇନଗତ ସାହାଯ୍ୟ ନିମନ୍ତେ। କେହି ଜଣେ ହେଲେ ଯେମିତି ଅନ୍ୟାୟର ଶିକାର ନ ହୁଅନ୍ତି। ସମାନ ସୁଯୋଗ ସମାନ ନ୍ୟାୟକୁ ପ୍ରୋତ୍ସାହିତ ନିମନ୍ତେ ବିଧି ରହିଛି। ନ୍ୟାଯ୍ୟ ଓ ମାନବିକ ଅଧିକାର ସମସ୍ତଙ୍କୁ ଉପଲବ୍ଧ ହେଉ। ସବୁ ନାଗରିକଙ୍କ ପାଇଁ ଏକରୂପ ଦେବାନୀ ସଂହିତା ଲାଗୁ ହେଉ। ସବୁ ବର୍ଗର ଲୋକଙ୍କୁ ଶିକ୍ଷା ମିଳୁ। ଏହି ସବୁ କରିବାକୁ ହେଲେ ନ୍ୟାୟ ପାଳିକା ନିଜ ଆଡୁ ପ୍ରଥମ ପଦକ୍ଷେପ ନେବା ଉଚିତ୍। ତାହା ହିଁ ଉଚ୍ଚତମ ନ୍ୟାୟାଳୟ କରୁଅଛି। ଆମର ନ୍ୟାୟିକ ବିଧି ବ୍ୟବସ୍ଥା ବହୁତ ଶକ୍ତ। ଗୋଲକନାଥ ବନାମ ପଂଜାବ, କେଶବାନନ୍ଦ ଭାରତୀ ମାମଲା, ମିନର୍ଭା ମିଲ୍ସ ବନାମ କେନ୍ଦ୍ର ସରକାର ଆଦିରେ ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟିକ ପୁନରୀକ୍ଷଣ କ୍ଷମତା ଏବଂ ମୌଳିକ ଅଧିକାର ଅନ୍ତର୍ଗତ କେତେକ ବ୍ୟବସ୍ଥାବଳୀ ସମ୍ବିଧାନର ମୌଳିକ ସଂରଚନା ରହିଛି। ଆଶା କରାଯାଉ ସର୍ବ ମଙ୍ଗଳ ନିମନ୍ତେ ସ୍ୱୟଂ ବିଚାରବିଭାଗ ଲୋକଙ୍କ ପାଖକୁ ଯିବ।

*ତପୋବନ, ଟିଟିଲାଗଡ*
*ଦୂରଭାଷ : ୯୪୩୭୭୩୬୬୬୪*

# ସ୍ୱରୂପ ହରାଉଛି ଶିଷ୍ଟାଚାର



ନିରୁପମା ଭୂୟାଁ

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ। ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି। ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି। ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର। ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ। ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି। ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା। ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି। ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି। ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ। ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ।

ଦେବ ପରମ୍ପରା ପ୍ରତୀକ : ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା। ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ। ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଉର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର। ଭାରତର ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ। ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍। ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ। ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ। ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉନଥିଲା।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି। ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି। କାରଣଟି ଯେତିକି ବିଷମ ସେତିକି ପରିତାପକର। ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ। ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି। କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ। ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି। ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ।

କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା। କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ। ସେହିଭଳି ଗୁରୁଜନମାନେ ମଧ୍ୟ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି। ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି। କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ। ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅର୍ବଚୀନ ତଥା ଅସଂଗତ ମନେ ହେଉଛି। ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି। କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି। ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ୍ୟ। କିନ୍ତୁ ଆମେ ତାହା ହିଁ କରୁଛେ।

ପ୍ରଣାମର ପ୍ରାଣହାନି : ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ। ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ଷାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି। ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା। ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ୍ୟ ଥିଲା। ଷାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା। ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା। କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି। ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ। ଅନେକେ ଏହାକୁ ଅସଙ୍ଗତ ବୋଲି ମଧ୍ୟ ମନେ କରୁଛନ୍ତି। ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି। ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି। ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା। ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ୍ୟ ଦେଇ ଗତି କରୁଛି। ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ। କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି। କିନ୍ତୁ କେତେଦିନ ଏମିତି ନିଜ ଇଚ୍ଛାରେ ଚାଲୁଥିବ ମଣିଷ। ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ। ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ। ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ - ଏଥିରେ ଲେଶମାତ୍ର ସନ୍ଦେହ ନାହିଁ।

*ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର*
*ଦୂରଭାଷ : ୯୯୩୭୪୭୦୯୮୦*

# ଈଶ୍ୱର ସର୍ବତ୍ର ବିଦ୍ୟମାନ



ପ୍ରଭାତ କୁମାର ମହାପାତ୍ର

କୁହାଯାଏ ଯାହାର ଭଗବାନଙ୍କ ପ୍ରତି ଅଟଳ ଶ୍ରଦ୍ଧା ଭକ୍ତି ଓ ବିଶ୍ୱାସ ଥିବ ତଥା ମନ ନିର୍ମଳ ହୋଇଥିବ ତେବେ ଭକ୍ତର ହୃଦୟରେ ସ୍ୱୟଂ ଭଗବାନ ବିରାଜମାନ କରନ୍ତି। ସେ ବିଭିନ୍ନ ରୂପରେ ଭକ୍ତଙ୍କୁ ତୃପ୍ତ କରିଥାନ୍ତି। ଈଶ୍ୱର ହେଉଛନ୍ତି ସର୍ବବ୍ୟାପି, ନିର୍ଗୁଣ ନିରାକାର। କିନ୍ତୁ ଭକ୍ତର ପ୍ରେମ ଭକ୍ତି ଦେଖି କେଉଁଠି ବି ପ୍ରକଟ ହୋଇ ପାରନ୍ତି। ସେ ହେଉଛନ୍ତି ସର୍ବଜ୍ଞ।ଆମର ଦୋଷ, ଗୁଣ, ଭଲ ମନ୍ଦ ସବୁ କର୍ମକୁ ଜାଣନ୍ତି। ତାଙ୍କୁ ଚତୁରତା ବା ଚପଳତା ଦ୍ୱାରା ନୁହେଁ ବରଂ ପ୍ରେମ ଭକ୍ତି ମାଧ୍ୟମରେ ହିଁ ପ୍ରସନ୍ନ କରାଯାଇପାରେ। ଦେବ ଭୂମି ଭାରତ ବର୍ଷରେ ଏପରି ଅନେକ ସାଧୁ ସନ୍ଥ ନିଜର ଏହି ଭକ୍ତି ମଧ୍ୟମରେ ଭଗବାନଙ୍କୁ ନିଜର ପ୍ରକୃତ ସ୍ୱରୂପ ଦେଖାଇବା ପାଇଁ ବାଧ୍ୟ କରି ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ଥିଲେ ମହାନ୍ ସନ୍ଥ ନାମଦେବ। ତାଙ୍କର ନିଷ୍କପଟତା, ପବିତ୍ରତା ଓ ପ୍ରେମ ଭକ୍ତି କାରଣରୁ ସ୍ୱୟଂ ନାରାୟଣ ତାଙ୍କୁ ସାକାର ସଗୁଣ ରୂପରେ ଦର୍ଶନ ଦେବାକୁ ବାଧ୍ୟ ହୋଇଥିଲେ। ଏକଦା ନାମଦେବ ନିଜ ଘରେ ରୁଟି ତିଆରି କରୁଥିଲେ। ସେହି ସମୟରେ ହଠାତ୍ ଏକ କୁକୁର ଘର ଭିତରକୁ ପଶି ଆସିଲା ଓ ସେ ରଖିଥିବା ରୁଟି ଖଣ୍ଡକ ଧରି ସେଠାରୁ ଦୌଡ଼ି ପଳେଇ ଗଲା।ଏହା ଦେଖି ନାମଦେବ ହାତରେ ଘିଅର ଗିନା ଧରି ତା ପଛେ ପଛେ ଧାଇଁବାକୁ ଲାଗିଲେ। ଦୌଡ଼ି ଦୌଡ଼ି ପ୍ରେମ ଭକ୍ତିରେ ବିଭୋର ହୋଇ କହୁଥିଲେ, ହେ ମୋର ପ୍ରଭୁ, ହେ ମୋର ପାଣ୍ଡୁ ରଙ୍ଗ ! ଆପଣ ଯେଉଁ ରୁଟି ଟି ନେଇଛନ୍ତି, ସେଥିରେ ମୁଁ ଏ ପର୍ଯ୍ୟନ୍ତ ଘିଅ ଲଗାଇ ନାହିଁ। ଦୟାକରି ଟିକିଏ ରହିଯାନ୍ତୁ। ମୋତେ ଘିଅ ଲଗାଇବାକୁ ସୁଯୋଗ ତ ଟିକିଏ ଦିଅନ୍ତୁ। ମୋତେ କୃପା କରନ୍ତୁ ପ୍ରଭୁ। ସନ୍ଥ ନାମଦେବ ଭଗବତ ପ୍ରେମରେ ଏତେ ଭାବ ବିହ୍ୱଳ ହୋଇ ଯାଇଥିଲେ ଯେ ଦୌଡୁଥିବା କୁକୁର ମଧ୍ୟରେ ତାଙ୍କର ଆରାଧ୍ୟ ପ୍ରଭୁ ପାଣ୍ଡୁରଙ୍ଗା ଅର୍ଥାତ୍ ଭଗବାନ ବିଷ୍ଣୁ ଦେଖାଗଲେ। ଭଗବାନ ଭକ୍ତର ଡାକ ନ ଶୁଣିବେ ବା କିପରି ! କୁହାଯାଏ ସନ୍ଥ ନାମଦେବଙ୍କ ପରମ ଭକ୍ତି ଦେଖି ସ୍ୱୟଂ ଭଗବାନ କୁକୁର ରୂପ ତ୍ୟାଗ କରି ନିଜର ବାସ୍ତବିକ ସ୍ୱରୂପକୁ ଧାରଣ କଲେ ଏବଂ ହାତରେ ଶଙ୍ଖ, ଚକ୍ର, ଗଦା ଆଦି ଧାରଣ କରି ଚତୁର୍ଭୁଜ ରୂପରେ ତାଙ୍କୁ ଦର୍ଶନ ଦେଲେ। ସୁଧି ପାଠକମାନେ ଯଦି ମନ ନିର୍ମଳ ହୋଇଥିବ ଆଉ ହୃଦୟରେ ଭଗବାନଙ୍କ ପାଇଁ ଅଗାଧ ପ୍ରେମ ଥିବ ତେବେ ଭକ୍ତକୁ ଭଗବାନଙ୍କ କୃପା ଅବଶ୍ୟ ପ୍ରାପ୍ତ ହେବ ଏହା ନିଃ ସନ୍ଦେହ।

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ଦୂରଭାଷ: ୭୮୯୪୦୦୫୪୫୫*

# ଦିବାକର ଖଟୁଆଙ୍କ ଜୀବନ କାହାଣୀ

ଜ୍ୟୋତି ରଞ୍ଜନ ପଟ୍ଟନାୟକ

ଈଶ୍ୱରଙ୍କ ସୃଷ୍ଟିରେ ଅନବଦ୍ୟ ସୃଷ୍ଟି ହେଉଛି ମାନବ ସମାଜ। ସେଇଥିପାଇଁ କୁହାଯାଏ "ଦୁର୍ଲଭ ମନୁଷ୍ୟ ଜନ୍ମ ବିଅର୍ଥେ ନଜାଏ"। ଚକ୍ରବତ୍ ଘୁରି ବୁଲୁଥିବା ଜନ୍ମ-ମୃତ୍ୟୁର ରହସ୍ୟ ମଧ୍ୟରେ କେତେ ଜନ୍ମ ନେଲାପରେ ଯାଇ ମନୁଷ୍ୟ ଜନ୍ମହେବାର ସୌଭାଗ୍ୟତା ପାଇଥାଏ। ତାହା କେବଳ ପୂର୍ବ ଜନ୍ମର କର୍ମଫଳ ଅନୁସାରେ ହୋଇଥାଏ। ନିଜର କର୍ମମୟ ଜୀବନ ଭିତରେ ବୁଡି ରହିଥିବା ବେଳେ କିଛି କିଛି ଲୋକଙ୍କ ପାଖରେ ତ କେତେବେଳେ ଯୁବା ବସ୍ଥାରେ ଆଉ କେତେବେଳେ ବୟସର ଅପରାହ୍ଣରେ ଅନ୍ତଃର୍ନିହିତ ଗୁଣର ପରିପ୍ରକାଶ ହୋଇଥାଏ। ଯାହା ପୋଥିହସ୍ତ ବିଦ୍ୟାଠାରୁ ଭିନ୍ନ ଏକ ରୂପର ସମ୍ଭାର ନେଇ ପରିଲିଖିତ ହୋଇଥାଏ। ଯାହାକୁ କହନ୍ତି ଈଶ୍ୱର ଦତଜ୍ଞାନ। ଏହି ଜ୍ଞାନର ଗୁଣବତା ଭିନ୍ନ ଭିନ୍ନ ରଙ୍ଗରେ ରୂପାୟିତ ହୋଇଥାଏ କିଛି ଲୋକଙ୍କ ପାଖରେ। ସେହି ପରିପ୍ରେକ୍ଷିରେ ରଘୁନାଥପୁର ଅଂଚଳର ଜଣେ ଉଚ୍ଚଶିକ୍ଷିତ, ସୁବକ୍ତା, ସମାଜସେବୀ, ରାଜନୀତିଜ୍ଞ ତଥା ସମ୍ମାନସ୍ପଦ ବ୍ୟକ୍ତି ଭାବେ ପରିଚିତ ଏବଂ ନିକଟ ଅତୀତରେ ଜଣେ କବି ହିସାବରେ ମାନ୍ୟତା ପାଇଥିବା ଏବଂ ବୟସର ଅପରାହ୍ନରେ ପହଂଚିଥିବା ଶ୍ରୀଯୁକ୍ତ ଦିବାକର ଖଟୁଆଙ୍କ ସହିତ ବାର୍ତାଳାପ ମଧ୍ୟରେ ତାଙ୍କ ଜୀବନର କାହାଣୀ ଜାଣିବାପାଇଁ ଆଗ୍ରହ ପ୍ରକାଶ କରିଥିବା ବେଳେ ସେ କୁହନ୍ତି ଯେ- କାହାଣୀ ସବୁ ଅଧା ଅଧା। ସମୟଗୁଡିକ ମୁଁ ଠିକ୍ ବାଟରେ ବିନିଯୋଗ ନକରି ଭୁଲ୍ ବାଟରେ ଚାଲିଯାଇ ଆଜି ପସ୍ତାଇଛି। ଏପରିକି ଲେଖାଲେଖି କରିବାର ଅଭ୍ୟାସକୁ ହାତଛଡା କରିଦେଇ ମୁଁ ଆଜି ଅନୁତପ୍ତ ଏବଂ ଅଭ୍ୟାସ ଜାରି ରଖିଥିଲେ



ହୁଏତ ଲୋକପ୍ରିୟତା ଅର୍ଜନ କରିପାରି ମାନପତ୍ର ମୋ ଘରେ ଗଦା ଗଦା ପଡିରହିଥାନ୍ତା। କିନ୍ତୁ ଭାଗ୍ୟର ବିଡମ୍ବନା ଯେ ୧୯୮୧ ମସିହାରୁ ଲେଖାଲେଖି ଆରମ୍ଭ କରି ଆକାଶବାଣୀ (ଯୁବବାଣୀ)ରେ ଆଧୁନିକ ଗୀତର ପ୍ରଚାର। ୧୯୯୩ ରେ ନାଟକ "ମିଛ ଦୁନିଆରେ ସତ ମଣିଷ" ଚଳଚ୍ଚିତ୍ର ଜଗତର ସ୍ୱନାମଧନ୍ୟ କଳାକାର ୰ବିଜୟ ମହାନ୍ତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ "ଗାୟତ୍ରୀ ଗଣନାଟ୍ୟ"ରେ ମଂଚସ୍ଥ ହେଲାପରେ ମୁଁ ପଥ ହୁଡିଯାଇ ରାଜନୈତିକ ଜୀବନରେ ପାଦଦେଇ ଯେଉଁ ମୂଲ୍ୟବାନ୍ ସମୟ ନଷ୍ଟ କରିଦେଲି ତାହା ମୋ ଜୀବନ ପାଇଁ ଏକ ଅଛିଣ୍ଡା ଅଙ୍କ ହୋଇ ରହିଗଲା। ଯେଉଁଥି ପାଇଁ ଆଜି ମୁଁ ପୁରୁଣା କଥା ମନେ ପକାଇ ଦେଲା ବେଳକୁ ଆଖିରେ ଲୁହ ଝରୁ ପଡୁଛି। କିନ୍ତୁ ୨୦୧୯ କରୋନା କଟକଣା ମୋ ଜୀବନର ମୋଡ ବଦଳାଇ ଦେଇଛି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପୂର୍ଣ୍ଣ ସମର୍ପିତ ହୋଇ ତାଙ୍କର ଆଶୀର୍ବାଦରୁ ଖଣ୍ଡେ କବିତା ସଂକଳନ "କାହାଣୀ ରହିଛି ଅଧା" ପ୍ରକାଶିତ କରିପାରିଛି। ତିନିଗୋଟି ନାଟକ ରଚନା କରି ସଫଳତା ଅର୍ଜନ କରିଛି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତି ଜଣାଣ ଲେଖିପାରିବା ସହ ୨୦୦ରୁ ଉର୍ଦ୍ଧ୍ୱ ଆଧୁନିକ ସଙ୍ଗୀତ ମଧ୍ୟ ଲେଖିପାରିଛି ଏବଂ ଲେଖାମଧ୍ୟ ଏବେବି ଜାରି ରହିଛି। ମୁଁ ଭଲ ଥିବା ପର୍ଯ୍ୟନ୍ତ ମୋ ଅବ୍ୟାହାତିରୁ ଅବସର ନେବି ନାହିଁ।

ଆଶା, ପ୍ରଭୁଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିବା ଭଜନ ଗୁଡିକ କିପରି ବିଶିଷ୍ଟ କଣ୍ଠଶିଳ୍ପୀ ମାନଙ୍କ କଣ୍ଠରେ ପରିବେଷଣ ହୋଇ ସଙ୍ଗୀତ ଦୁନିଆରେ ପହଂଚିପାରିବ ଏବଂ ଆକାଶବାଣୀ କଟକ କେନ୍ଦ୍ରର ଜଣେ ସ୍ୱୀକୃତି ପ୍ରାପ୍ତ ଗୀତିକାର ଭାବରେ ପରିଚିତ ହେବାର ଲକ୍ଷ୍ୟ ନେଇ ଲେଖନୀକୁ ଚାଲୁ ରଖିଛି। ତେଣିକି କାଳିଆ ଠାକୁରଙ୍କ ଇଚ୍ଛା ଓ ମୋର ବନ୍ଧୁ ପ୍ରେମୀ ଏବଂ ରାଜନୈତିକ ସଂଘର୍ଷରେ ଗତି କରୁଥିବା ବହୁ ଉଦୀୟମାନ ବ୍ୟକ୍ତି ଏପରିକି କଣ୍ଠଶିଳ୍ପୀ ମାନଙ୍କ ନଜର କେତେବେଳେ ମୋ ଉପରେ ପଡିବ ସେ ପର୍ଯ୍ୟନ୍ତ ମୋ ପର୍ଯ୍ୟନ୍ତ ଅଭ୍ୟାସ ଜାରି ରଖିଥିବି।

*ରଘୁନାଥପୁର, ଜଗତସିଂହପୁର*

## ଧାରାବାହିକ ଉପନ୍ୟାସ

### ବିଷ୍ଣୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୧




*(ପୂର୍ବପ୍ରକାଶ ଉତ୍ତାରୁ)*

କେଜାଣି କାହିଁକି ପରିବେଶଟା ଥମ୍ ଥମ୍ ଲାଗୁଥିଲା ଅନିମେଶଙ୍କୁ। କିଛି ଗୋଟାଏ ଅଘଟଣ ଘଟିଯାଇଛି କି ? ଦରୁଆନ୍‌ଠାରୁ ସବୁ ଶୁଣିଲା ପରେ ସେ ଖୁବ୍ ରାଗିଲେ। କଥାଟା କାଳେ ବେଶୀ ବଢିଯିବ ଓ ସେଥିପାଇଁ ବିଚାରି ଲୀନା ବଦନାମ୍ ହୋଇଯିବା ଭୟରେ ସେ ନୀରବ ରହିଲେ। କିନ୍ତୁ ତା ପରଦିନଠାରୁ ମଦନାଠାରୁ କ୍ଷୀର ନେବା ବନ୍ଦ ହୋଇଗଲା।

ମଦନାକୁ ଶେଷଥର ପାଇଁ ସାନବାବୁ ହୁସିୟାର କରିଦେଲେ- ଏଭଳି କାଣ୍ଡ ଆଉ କେବେ ସୃଷ୍ଟି କଲେ କ୍ଷମା ମିଳିବନି। ଓଲଟା ତା ଜୀବନ ବରବାଦ୍ ହୋଇଯିବ। ମଦନା ମୁଣ୍ଡ ତଳକୁ ପୋତି ସ୍ୱୀକାର କରିନେଇଥିଲା ଦୋଷ। ଲୀନା ନୀରବଥିଲା। ତା ପାଟିରେ କିଛି ଭାଷା ହିଁ ନଥିଲା। ବେଶ୍ ଚୁପଚାପ୍ ଥିଲା ସେ ଆଗଠାରୁ। ଆଜିକାଲି ତାର ବୟସ ବଢିଯାଇଛି ଯେମିତି ! ସ୍ୱାଭାବିକ ବୟସଠାରୁ ପଚିଶ କି ତିରିଶ ବର୍ଷ ଅଧିକ ! ପିଲାଦିନର ସେ କୁନି ପ୍ରଜାପତିଠାରୁ ଏ ପକ୍ଷୀ ପର୍ଯ୍ୟନ୍ତ କେତେ ପରିବର୍ତ୍ତନ ! ଅନିମେଶ୍ ମନେପକାଇଲେ ତା ପିଲାଦିନକୁ- କେତେ ଚୁଲବୁଲି ଆଉ ଲାଜେଇଟେ ଥିଲା ଏଇ ଲୀନା ଠିକ୍ ପ୍ରଜାପତିଟିଏ ପରି ! ଆଜି ବିବାହ ଯୋଗ୍ୟା ହୋଇଗଲାଣି। ତା ଭିତରେ କେତେ ବିଲକ୍ଷଣ ! ଅଥଚ ସେ ନିଜେ ଜାଣିପାରୁନି ସେସବୁକୁ। ଦୁନିଆକୁ ବୁଝିପାରୁଛି ଅଥଚ ତା ଭାବନାର ଇତିବୃତକୁ ବୁଝିପାରୁନି। ଏ ବୟସରେ ଏମିତି ହୁଏ। ବୁଝି ବି ବୁଝିହୁଏନି କିଛି କଥା ଓ ବ୍ୟଥାର ଇନ୍ଦ୍ରଜାଲକୁ।

ଏଥରକ ସେ ଜାଣିପାରିଲେ ଧାଇମାଆର ଶେଷକଥା ପଦିକର ରହସ୍ୟ ! ସେ ପ୍ରକୃତରେ କଣ କହିବାକୁ ଚାହିଁଥିବ ! ସେ କାହିଁକି ବିକଳ ହୋଇଉଠିଥିବ ମୃତ୍ୟୁ ଶେଯରେ ଥାଇ ? ଏଇଲୀନା ପାଇଁ ନା.. ? ସେ ତା ଅଲକ୍ଷ୍ୟରେ ଚାହିଁଲେ ତାକୁ। ହଁ ଢେର୍ ବଦଳିଯାଇଛି ସେ। ଫ୍ରକ୍ ଛାଡି ଶାଢୀ ପିନ୍ଧିଲାଣି। ହେଲେ ସେ କଣ ତାକୁ ପ୍ରକୃତରେ କେବେ ଲକ୍ଷ୍ୟ କରିନାହାନ୍ତି ଯା’ପୂର୍ବରୁ ? ମନକୁ ମନ ଏହି ପ୍ରଶ୍ନଟିକୁ ସେ ପଚାରିହେଲେ। ଓଠରେ ହସର ଉଙ୍କିଟିଏ ଖେଳିଗଲା।

ତାକୁ ଘୋଡାଇବାକୁ ସେ ଲୀନାକୁ ଚା’ ମାଗିଲେ। ସେ ନାଥିଆ ପାଗଳର କଥାଗୁଡାକୁ ଭୁଲିଯିବାକୁ ତାଗିଦ୍ କଲେ। ଏମିତି ଅନେକଲୋକ ଅନେକ ଅଯଥା କଥା କହିବେ। ଆମେ କଣ ସେସବୁକୁ ଧରିବସିବା ? ସେମାନଂକ ଅନୁସାରେ ଆମେ ଚଳିବାନି। ବରଂ ଆମ ଇଚ୍ଛାନୁସାରେ ଆମେବଂଚିବା। ଲୀନା ତାଙ୍କ କଥାକୁ ବୁଝିବାକୁ ଚେଷ୍ଟା କରୁଥିଲା। ତା ପରଦିନ ଆଉ କେହି ଜଣେ କ୍ଷୀର ଆଣି ଆସିଲା । ବେଶ୍ ଭଦ୍ର ଲାଗିଲା ପ୍ରଥମରୁ। ସେଦିନ ସଂଧ୍ୟାବେଳେ ସଉଦାସାରି ଫେରୁଥିଲା ଲୀନା।

ଯଦିଓ ସେ ମୁହଁ ସଂଜରେ କେବେ ମାର୍କେଟ ଯାଏନି। ଆଜି ସାନବାବୁଙ୍କ ସାର୍ଟପ୍ୟାଣ୍ଟ ସବୁ ଆଇରନ୍ କରିବାର ଥିଲା। ଟେଲର୍ ପାଖରୁ ତା ବ୍ଲାଉଜ୍ ଓ ବଜାରରୁ ପରିବା କିଣି ଆଣୁଆଣୁ ବିଳମ୍ବ ହୋଇଗଲା। ଘର ତାଲା ପଡିଛି । ଦରୁଆନ୍ ବାହାରେ ଥିବ। ତାକୁ ସେ ଜଗି ବସିବାକୁ କହିଆସିଥିଲା। ଅନେକ କାମ ବାକିପଡିଛି। କ୍ଷୀର ଫ୍ରିଜରୁ କାଢି ବାହାରେ ରଖିଦେଇଥିଲା। ବିଲେଇଟା ସବୁବେଳେ ଘରେ ପଶୁଛି। ଆଜି ସେ ନିଶ୍ଚୟ କ୍ଷୀର ପିଇ ଦେଇଥିବ। ଓଃ,ଏଭଳି ଭୁଲ୍ ତା ହାତରେ ହେଲା କେମିତି ! ଆଜିରାତିରେ ସାନବାବୁ ତାହେଲେ କ୍ଷୀର ପିଇ ପାରିବେ ନାହିଁ। କ୍ଷୀର ନପିଇଲେ ନିଦ ବି ହେବନି ତାଙ୍କୁ। କାଲି ସକାଳୁ ଉଠିବାକୁ ଡେରି ହବ କାଳେ। ଏଭଳି ଭୁଲ୍ ତ ଆଗରୁ କେବେ ହୋଇନି। ହେଲେ ଆଜିକାଲି କାଇଁ ସେ ଏତେ ଅନ୍ୟମନସ୍କ ! ଏଇ ତ ସୂର୍ଯ୍ୟ ବୁଡିଗଲେଣି ଆକାଶରୁ। ସଂଧ୍ୟା ଗଡିଯାଉଛି।

ବେଗା ବେଗି ପାଦ ପକାଇଲା ସେ । ଶୂନ୍‌ଶାନ ରାସ୍ତା ନଥିଲେ ବି କାଁ ଭାଁ ଲୋକ ଯିବା ଆସିବା କରୁଛନ୍ତି। ସେ ଛକରୁ ଦୁଇଜଣ ଲୋକ ତାର ପିଛା କରୁଛନ୍ତି ବୋଧେ ଲୀନା ଭୀଷଣ ଭାବରେ ଡରିଯାଇଛି। ଏଇ କିଛିଦିନ ତଳର କ୍ଷତ ମନତଳୁ ଶୁଖିନାହିଁ। ପୁଣି ଗୋଟେ ଦୁର୍ଘଟଣା ! ତାକୁ ଭାଗ୍ୟ କଣ ଏମିତି ନଚେଇ ଚାଲିଥିବ ? ଏଥିରୁ କଣ ଆଉ ନିସ୍ତାର ନାହିଁ ? ସେ ତେବେ କଣ କରିବ ଏବେ ? ଜେଜେମାଆ କଥା ଭାରି ମନେପଡୁଛି। ଅନ୍ଧାର ଘନେଇଆସୁଛି।

ଲାଗୁଛି ଏଇ ତ ଖୁବ୍ ଶୀଘ୍ର କେମିତି ରାତିର ବୟସ ବଢି ଯାଉଛି ! ଆଗରେ ଗୁଡିଏ ଗଛମାନଂକ ଗହଳି ଆଉ ସେ ଯାଗାଟି ପୁରାପୁରି ଶୂନ୍‌ଶାନ୍। ନିଜର ଗତି ବଢାଇଲା। ସେମାନେ ବି ବଢାଇଲେ ସେମାନଂକ ଅନୁସରଣର ବେଗ। ଗୁଡିଏ ଖଣ୍ଡିକାଶରେ ସେ ହଠାତ୍ ଶଂକିଗଲା। ଜଣେ କି ଦୁଇଜଣ ନୁହଁନ୍ତି, ଏକାବେଳକେ ତିନିଜଣ..। ସେମାନଙ୍କ ଛାଇର ଆକାର ଓ ଆକୃତି ବଦଳି ଯାଉଛି। ମୁହଁରେ ବୋଧେ କପଡା ବନ୍ଧା ହୋଇଛି। କଣେଇ କଣେଇ ସେମାନଙ୍କୁ ଦେଖି ସେ ଏତିକି ମାତ୍ର ଅନୁମାନ କରିପାରିଛି। ହଠାତ୍ ଆଉ ଦୁଇଜଣ ଲୋକ ସେ ଜଂଗଲୀ ବୁଦା ଭିତରୁ ବାହାରି ଆସିଲେ ଓ କାବୁ କରିନେଲେ ଲୀନାକୁ। ସେ କେତେ ଛାଟିପିଟି ହେଲା। କାକୁତି ମିନତି କଲା। ଠାକୁରଙ୍କ ରାଣ ନିୟମ ପକାଇଲା।

ହେଲେ ସବୁକିଛି ବେକାର ! ବେକାବୁ ହୋଇ ରାଗରେ ଲୋକଟିଏ କହି ଉଠିଲା- ଶାଳୀ, ଭାରି ମଜା ଲାଗୁଛି ନା ସେ ଗୋରାବାବୁ ସାଂଗରେ। ତାରି ଦେହରେ ଦିନରାତି ଘସିହୋଇ ତୁ କେତେ ଗୋରା ପଡିଚୁ ? ରହ, ଏବେ ଦେଖ୍ ତୋ ଅବସ୍ଥା ! ସେଦିନ ଚାପୁଡା ମାରି ଘରୁ ତଡି ଦେଇଥିଲୁ ନା ଆଜି ଦେଖ୍ ତୋ ବାବୁ ବି ତୋତେ ଦେଖି ଡରିବ। ଘରେ ପୂରାଇଦେବନି।

**(କ୍ରମଶଃ)**

## ସରକାରୀ ସ୍କୁଲ୍‌ର ଦୁର୍ବଳତା...

### ମନୋଜ କୁମାର ବେହେରା





ଆଜି ଯେକୌଣସି ସକ୍ଷମ ଅଭିଭାବକ ନିଜର ଛୁଆକୁ ସରକାରୀ ସ୍କୁଲ୍‌ରେ ପଢେଇବାକୁ ଚାହୁଁ ନାହାନ୍ତି । ସବୁ ବାଧା-ବିଘ୍ନକୁ ବହନ କରି ସେ ଅଭିଭାବକ ଚାହାନ୍ତି ତାଙ୍କ ଛୁଆ ଇଂରାଜୀ ମିଡିୟମ୍ ସ୍କୁଲ୍‌ରେ ପଢୁ। ଏହାର କାରଣ ସମସ୍ତଙ୍କୁ ଜଣା । ସରକାରୀ ସ୍କୁଲ୍‌ର ଯେଉଁ ଦୟନୀୟ ବ୍ୟବସ୍ଥା ଏହାର ମୁଖ୍ୟ କାରଣ । କେଉଁଠି ଶ୍ରେଣୀ ଗୃହ ନାହିଁ ପିଲାମାନେ ଗଛ ତଳେ ପାଠ ପଢୁଛନ୍ତି ଆଉ କେଉଁଠି ପିଲା ବେଶୀ ଆଉ ଶିକ୍ଷକ କମ୍ ଆଉ କେଉଁଠି ପିଲାଙ୍କର ଉପସ୍ଥିତି କମ୍ ଆଉ ଶିକ୍ଷକ ବେଶୀ । ଆଉ ସବୁଠୁ ବଡ ଅସୁବିଧା ହେଲା ଆଜିର ଶିକ୍ଷାକୁ ନେଇକରି ।

ଆମର ଦେଶର ନେତା, ଅଧିକାରୀ, ବ୍ୟବସାୟୀ ଆଉ ଆର୍ଥିକ ରୂପରେ ସମ୍ପନ୍ନ ଲୋକ ସରକାରୀ ସ୍କୁଲ୍‌କୁ ହୀନ ଭାବରେ ଦେଖନ୍ତି । ସେ ପଛର ବଡ କାରଣ ହେଲା ଆଜି ମଧ୍ୟ ସରକାରୀ ସ୍କୁଲ୍‌ରେ ଇଂରାଜୀ ମାଧ୍ୟମରେ ଶିକ୍ଷା ଦିଆ ଯାଉନାହିଁ । ଇଂରାଜୀ ଭାଷାକୁ ଆଜି ମଧ୍ୟ ସରକାରୀ ସ୍କୁଲ୍‌ରେ ଗୋଟିଏ ସାମାନ୍ୟ ବିଷୟ ଭଳି ଗଣା ଯାଉଛି। ଏହି କାରଣରୁ ଇଂରାଜୀ ମିଡିୟମ୍ ସ୍କୁଲ୍ ବଦଳରେ ଆମ ସରକାରୀ ସ୍କୁଲ୍‌ର ଛୁଆମାନଙ୍କର ଇଂରାଜୀ ଭାଷାର ଜ୍ଞାନ ବହୁତ କମ ହୋଇଥାଏ । ଏହାର ପ୍ରଭାବ ଛୁଆଙ୍କ ଭବିଷ୍ୟତ ଉପରେ ପଡିଥାଏ ।

ପ୍ରାଥମିକ ଶ୍ରେଣୀରୁ ଯେତେବେଳେ ସେମାନେ ଉଚ୍ଚ ଶ୍ରେଣୀକୁ ଯାଆନ୍ତି ସେତେବେଳେ ଇଂରାଜୀ ଭାଷାର ଆବଶ୍ୟକତା ଅନୁଭବ ହୋଇଥାଏ । ଏମିତିରେ ଏହା ସ୍ପଷ୍ଟ ହେଲା କି ଆଜିର ସମୟରେ ଶୈକ୍ଷଣିକ ରୂପରେ ନିଜକୁ ଭଲ ଶିକ୍ଷିତ ଭାବରେ ପ୍ରମାଣ କରିବାକୁ ହେଲେ ଏମିତିରେ ଇଂରାଜୀ ଭାଷାର ପୂର୍ଣ୍ଣ ଆଉ ଅପେକ୍ଷାକୃତ ଭଲ ଜ୍ଞାନ ହେବା ଆବଶ୍ୟକ । ସରକାରୀ ସ୍କୁଲ୍‌ରେ ଯେପର୍ଯ୍ୟନ୍ତ ଇଂରାଜୀ ମାଧ୍ୟମରେ ବିଷୟକୁ ପଢେଇବାର ବ୍ୟବସ୍ଥା ନହେବ ସେପର୍ଯ୍ୟନ୍ତ ବେସରକାରୀ ସ୍କୁଲ୍‌ର ତୁଳନା ସରକାରୀ ସ୍କୁଲ୍ ସହିତ ହେଉଥିବ । ମୁଁ ଏହା କହୁନି ଯେ ଓଡିଆ,ହିନ୍ଦୀ ଭାଷା ଦୁର୍ବଳ ବୋଲି । କିନ୍ତୁ ଆଜିର ପ୍ରତିଯୋଗିତା ଦୌଡରେ ଇଂରାଜୀ ଭାଷା ଆଜିର ସବୁଠୁ ବେଶୀ ଜରୁରୀ ଅଟେ ।

*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ଫୋନ-୭୯୭୮୮୩୦୬୧୧*

## ବିଶେଷ କବିତା



### ଏମିତି ଏ ବସନ୍ତ



ନିରଞ୍ଜନ ସାହୁ

ଯଦି ଏ ବସନ୍ତ ନିଇତି ଆସନ୍ତ
କେମନ୍ତ ଦିଶନ୍ତା ଧରା
ଋତୁଙ୍କର ରାଟ ସଜାଇଲେ ଥାଟ
ଲାଗୁଥାନ୍ତ ମନୋହରା।
ମାସ ଲାଗୁଥାନ୍ତା ଫଗୁଣ ଫଗୁଣ
ଶୁଭନ୍ତା କୋକିଳ ତାନ
ଚଇତେ ବହନ୍ତା ଚୋରା ଚଇତାଳି
ଶୁଭନ୍ତା ମଧୁପ ଗାନ
ଜଳସ୍ଥଳ କୁସୁମିତ ହୋଇଯାନ୍ତା
ଧୀରେ ବଢୁଥାନ୍ତା ଖରା।
ଦକ୍ଷିଣୁ ମଳୟ ମରୁତ ବହନ୍ତା
କଅଁଳି ଉଠନ୍ତା ପତ୍ର
ମୁରୁକି ମୁରୁକି ଅବିର ହସନ୍ତା
ଦୋଳ ଯାତରା ସର୍ବତ୍ର
ମହାଶିବରାତ୍ରି, ଶ୍ରୀରାମ ନବମୀ
ହୁଅନ୍ତା ଭକ୍ତିରେ ଭରା।
ଅଶୋକ ଅଷ୍ଟମୀ ରୁକୁଣା ରଥ ଯେ
ଅଣଲେଉଟା ଗଡ଼ନ୍ତା
ବାସନ୍ତୀକ ଦୁର୍ଗା ପୂଜା ଚାଲୁଥାନ୍ତା
ଭକ୍ତିରସ ନିଗିଡ଼ନ୍ତା
ନିମ୍ବ କଢି ପିତା ସରବେ ଖାଆନ୍ତେ
ଆମ୍ବ ଝଡୁଥାନ୍ତା ପରା।
ଚିର ବସନ୍ତ ଯେ ବିଜେ କରୁଥାନ୍ତ
ନବ ଉନ୍ମାଦନା ନେଇ
ଜୀବନ ଲାଗନ୍ତା ସ୍ୱପ୍ନିଳ ସ୍ୱପ୍ନିଳ
କେତେ ଆଶା ବୁଣି ଦେଇ
ଭୁଲି ଭୟ , ଭ୍ରାନ୍ତି ଲଭୁଥାନ୍ତୁ ଶାନ୍ତି
ସାଜିଥାନ୍ତ ମଧୁଝରା।

*ନିହଲ ପ୍ରସାଦ,*
*ଗଁଦିଆ ପାଟଣା, ଢେଙ୍କାନାଳ*
*ଦୂରଭାଷ : ୯୯୩୮୭୪୧୫୮୩*

### ଜୀବନର ରଙ୍ଗ

ବଟକୃଷ୍ଣ ପଣ୍ଡା



ଏଇତ ଗଲା ରଙ୍ଗର ପର୍ବ ହୋଲି।
ସବୁ ରଙ୍ଗ ଲାଗିଥିଲା ଦେହରେ
ନାଲି, ନିଳ, ହଳଦିଆ, କଳା
ଧଳା ଗୋଲାପି ବାଇଗଣୀ
ସବୁ ଲିଭିଗଲା ନଈ ନାଳ
କୁଅ ପୋଖରୀ ସ୍ନାନରେ।
ଦାମି ଦାମି ସାବୁନୁର ସ୍ପର୍ଶରେ।
ଏତେ ଗାଢ ରଙ୍ଗ ଯେ
ଘଷିମାଜି ଲିଭାଇବାର ଚେଷ୍ଟା
କିନ୍ତୁ ଲଭିଗଲା ସବୁ ରଙ୍ଗ।
କାଁ ଭାଁ ଲାଗିଛି ଲିଭିଯିବ ଅବଶ୍ୟ।
ହେଲେ ମନରେ ଲାଗିଥିବା
ରଙ୍ଗ ଏତେ ଗାଢ ଯେ
ଯେତେ ଘଷିମାଜି ଛଡାଇଲେ
ଛାଡିବାର ନାଁ ଧରୁନି।
ଲିଭୁ ନାହିଁ ସେ ରଙ୍ଗର ଦାଗ
ସେ କଅଣ ଅଭୁଲା ଦାଗ ?
ମନ ଆଉ ଦେହ ଉଭୟେ ପରିପୂରକ।
ଦେହ ଆଉ ମନର କୋଣ ଅନୁକୋଣରେ
ଲାଗି ରହିଛି ରଙ୍ଗ ମନ ଆଉ ଦେହରେ
ଲାଗି ରହିଥିବା ରଙ୍ଗ
ଥରେ ଲିଭିଗଲେ ଜୀବନ
ପୁରାପୁରି ବାସହୀନ
ଛନ୍ଦହୀନ ବିବର୍ଣ୍ଣ ଦିଶିବ।
ଖୋଜିବା ପାଇବା ଅବା ନପାଇବା ଭିତରେ
ଧନ ସମ୍ପଦ ସମ୍ପତ୍ତି ବୈଭବ
ସାଉଁଟିବା ମଧ୍ୟରେ
ଲୋଭ ମୋହ ମୟାର ଏ ରଙ୍ଗ
ଜମା ଛାଡିବା ନାଁ ଧରୁନି।
ଆଖିକୁ ନଦିଶିବା ଯାଏ
ଓଠ ଥରିବା ଯାଏ
ମଶାଣି କୁ ଯିବା ଯାଏ
ରଙ୍ଗ ରହିବ ମନ ଆଉ ଦେହରେ।
ମନ ଆଉ ଦେହ ଗୋଟିଏ ପ୍ରାଣ
ଗୋଟିଏ ସୂତ୍ରରେ ଯୁକ୍ତ ଗୋଟିଏ ମାଳା
ଶୁଭ୍ର ଛଳନା ମୁକ୍ତ ରଙ୍ଗ ଦରକାର।
ଜୀବନର ଆଗମ ନିଗମର
ଲୀଳାଖେଳା ଚାଲିଥାଏ
ତିକ୍ତତା ମଧୁରତା ନେଇ ଜୀବନ
ଜୀବନର ଅନ୍ତିମ ମୂହୁର୍ତ୍ତ ଯାଏ।
ସେ ରଙ୍ଗ ସ୍ମୃତୀ ବିଜଡିତ
ଧୂଳିମାଟିର ରଙ୍ଗ।
କାହିଁ ରାଗ ଅଭିମାନ ଛନ୍ଦ କପଟ
ପ୍ରେମ ସ୍ନେହର ରଙ୍ଗ ଏ ସବୁ ଅଲିଭା ରଙ୍ଗ।
ରକ୍ତ ସମ୍ପର୍କର ରଙ୍ଗ ପାରିବାରିକ ରଙ୍ଗ
ତିକ୍ତତା ଆଉ ମଧୁର ସମ୍ପର୍କର ରଙ୍ଗ
ଅଲଗା ଅଲଗା ଏ ରଙ୍ଗ ଠାରୁ
ବହୁ ମାତ୍ରାରେ ରଙ୍ଗାୟିତ।
ତିକ୍ତତାର ରଙ୍ଗ ହେଉ
ଅବା ମଧୁରତାର ରଙ୍ଗ
ସୁନ୍ଦର ଭାବରେ ଲଗାଇଲେ
ସବୁଦିନ ପାଇଁ ରହିଯିବ ରଙ୍ଗ।

*ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧*

## କବିତାର କଥା

(ଭାଗ-୧୧୦)



ଉମାକାନ୍ତ ରାଉତ



### ଖଟିଖିଆ ମଣିଷର ଉଚ୍ଛ୍ୱାସ

ଆମ ସ୍ୱାଧୀନତାର ପ୍ରାୟ ତିନି ଦଶନ୍ଧି ପୂର୍ବରୁ ଋଷିଆରେ ସଂଘଟିତ ସମାଜବାଦୀ କ୍ରାନ୍ତି ସମଗ୍ର ପୃଥିବୀକୁ ଚମକାଇ ଦେଲା। ସାମ୍ୟବାଦର ସମାଜମନସ୍କ ଆନ୍ଦୋଳନ ଯୁବପିଢିଙ୍କୁ ଆପଣାଛାଏଁ ଆଗେଇନେଲା ବିଜ୍ଞାନଭିତ୍ତିକ ସମାଜବାଦୀ ଆଦର୍ଶ ଆଡ଼କୁ। ଫଳତଃ ଏକ ଶ୍ରେଣୀହୀନ ସମାଜ ଗଠନ ପାଇଁ କବିର କଲମ ବଜ୍ର ହୋଇ ଉଠିଲା। ସାଧାରଣ ମଣିଷର ପ୍ରତିନିଧିତ୍ୱ କରିବାକୁ ଲାଗିଲା କବିର ଲେଖନୀ। ରାଶି ରାଶି କବିତାର ମନ୍ଦ୍ରଧ୍ୱନିରେ ଗୁଞ୍ଜରିତ ହେଲା ଖଟିଖିଆ ମଣିଷର ସ୍ୱର/ଉଚ୍ଛ୍ୱାସ। ସେଥିସହିତ କାବ୍ୟକବିତାରେ ତିରସ୍କୃତ ହେବାକୁ ଲାଗିଲା ଲୁଟିଖିଆର ଚକ୍ରାନ୍ତ। କବିତାର ପ୍ରତିଟି ପଂକ୍ତି ପଦାଘାତ କରିବାକୁ ଲାଗିଲା ଶୋଷଣକାରୀ, ତୋଷଣକାରୀ ଆଉ ପେଷଣକାରୀର ଦୌରାତ୍ମ୍ୟ ଓ ହୀନକର୍ମ। ଶୋଷିତ, ଅତ୍ୟାଚାରିତ, ନିଷ୍ପେସିତ, ନିର୍ଯ୍ୟାତିତ ଓ ଅବହେଳିତ ଜନମାନସର କୋହଚ୍ଛ୍ୱାସରେ ଗୁଞ୍ଜରିତ ହୋଇ ଉଠିଲା କବିତାର ସ୍ୱର।

ଏହାର ପ୍ରଭାବରେ ଓଡ଼ିଶାର କାବ୍ୟ ଆନ୍ଦୋଳନରେ ମଧ ଏକ ନବଯୁଗର ସୂତ୍ରପାତ ହେଲା। ପୂର୍ବ ପରି ରାଜକୁମାର, ରାଜକୁମାରୀ, ତଥାକଥିତ ସଂଭ୍ରାନ୍ତିୟ ଗୋଷ୍ଠୀ, ପଦପଦବୀ ପ୍ରତିଷ୍ଠାଧାରୀ, ମହାଜନ କି ଜମିଦାରମାନେ କାବ୍ୟ କବିତାର ନାୟକ ନାୟିକା ହୋଇ ରହିଲେ ନାହିଁ। ପ୍ରୋଟାଗୋନିଷ୍ଟଭାବେ ଉଭାହେଲେ ଚାଷୀ, ମୂଳିଆ, ନିଷ୍ପେସିତ ନିର୍ଯ୍ୟାତିତ ଶ୍ରମିକ, ନିଃସ୍ୱ ଓ ଅସହାୟ ମଣିଷ, ଅତ୍ୟାଚାରିତ ତଳିଆ କର୍ମଚାରୀ, ସର୍ବହରା ଓ ସାଧାରଣ ମଣିଷ।

ଶାଣଦିଆ ଖର ତରବାରୀ ଭଳି କଲମ ମୂନ ଝଳି ଉଠିଲା ଦାରିଦ୍ର୍ୟ, କ୍ଷୁଧା, ଶୋଷଣ, ସାମ୍ରାଜ୍ୟବାଦ, ପୁଞ୍ଜିବାଦୀ ମାଲିକ, କତିପୟ ପଦବୀ କ୍ଷମତା ଓ ପ୍ରତିଷ୍ଠାଧାରୀଙ୍କ ଶୋଷଣ ଓ ଅତ୍ୟାଚାର ବିରୁଦ୍ଧରେ। ଅନେକ କବିଙ୍କର ଧେୟ ହୋଇଉଠିଲା ....

"ଶାଣଦିଆ ଖର ତରବାରୀ ଭଳି
କଲମ ଯଦି ମୋ ନ ଉଠିଲା ଝଳି
ଯାହା ସେ ଭାବିଲା ଠିକ୍
ମୋର କବି ବୋଲାଇବା ଧିକ୍।"

ଏହି ବାସ୍ତବତାର ମୂଳଦୁଆ ଉପରେ ସଚ୍ଚି ରାଉତରାୟଙ୍କ ଭଳି ମହାକବିଙ୍କ ଅମର ତୂଳୀରୁ ଝରି ପଡ଼ିଲା "କୋଣାର୍କ" ଓ "ବାଜିରାଉତ" ଭଳି ଅନବଦ୍ୟ କାବ୍ୟସମ୍ଭାର।

କୋଣାର୍କ ଗାତ୍ରରେ ରମ୍ୟ କଳାର ଦୈହିକ ଆମୋଦ (ଲୀଳା) କବି ମାନସକୁ ଆଚ୍ଛନ୍ନ କରିପାରିଲା ନାହିଁ। ତୋରଣର ନନ୍ଦନ ଶିରି, ଯକ୍ଷପୁରୀର ଲତା କି ନଗ୍ନ ନଟୀର ନଧର ଚରଣର ଚପଳ ଛନ୍ଦ ମାଟି ସହ ସାମିଲ୍ ଥିବା କବି ପ୍ରାଣକୁ ଆନ୍ଦୋଳିତ କରିପାରିଲା ନାହିଁ। ସମ୍ରାଟର ଜୟ ଜୟକାର ପାଇଁ ଗଣଙ୍କର ଜୀବନକୁ ମାଟିରେ ମିଶାଇ ଜଣକର ନାମ ଘୋଷିବା ପାଇଁ କୋଟି କୋଟି ବିଶୁ ମହାରଣା, ଶିବେଇ ସାଆନ୍ତ ଓ ଧର୍ମପଦମାନଙ୍କର ନିରବେଇ ଦିଆଯାଇଥିବା କୋହଚ୍ଛ୍ୱାସକୁ ଶୁଣିପାରିଲା କବି।

ପଣ୍ଡିତ, ମୁଣ୍ଡିଆଳ ଓ ଭାଟମାନେ ସେ ନିର୍ମାଣକୁ ଦେଶ ଓ ଜାତିର ପରିଚୟ ବୋଲି ଆଖ୍ୟାୟିତ କରିବାକୁ କୋଟି ଘୋଷଣା ପରେ ବି ମାଟିମନସ୍କ କବି ସେକଥା ସ୍ୱୀକାର କରିବାକୁ ନାରାଜ ହେଲା। କବି କେବଳ ଦ୍ୱିଧା ବୋଧ କଲା ନାହିଁ ବରଂ ମର୍ମେ ମର୍ମେ ଭୀଷଣ ଆଘାତ ପ୍ରାପ୍ତ ହେଲା। ତାର ବିଗଳିତ ହୃଦୟ ଜାତନା ଓ ଜ୍ୱାଳାରେ ଦହଗଞ୍ଜ ହେବାକୁ ଲାଗିଲା। ସବୁ ଦେଖି, ସବୁ ଅନୁଭବ କରି ବି କିଛି କରିପାରୁ ନଥିବା ଅସହାୟ କବିମାନସ ଫାଟି ନଯାଇ ଭାରସାମ୍ୟ ରକ୍ଷା କରିବାକୁ ମଣିଷ ଓ ମାନବିକତାର ଜୟ ଜୟକାର ଘୋଷି ସର୍ଜ୍ଜନା କରିଚାଲିଲା ରାଶି ରାଶି କବିତାର ପଂକ୍ତି।

ଚକ୍ଷୁଷ୍ମାନ କବିର ଆଖି ସ୍ପଷ୍ଟ ଦେଖିପାରିଲା ସ୍ୱର୍ଣ୍ଣ ଉଷାର ଛବି ନେପଥ୍ୟରେ ଥିବା ରାତ୍ରୀର କଳା ଯବନିକାକୁ, ତିଳେ ତିଳେ ସମାଧି ଦିଆଯାଇଥିବା ନିରୀହ କାରିଗରର ଛାତିକୁ, କଳାମୁଗୁନିର ରକ୍ତରେ ମିଶିଯାଇଥିବା ନିରୀହ ମଣିଷର ଶୋଣିତକୁ, ମାଟି ହୋଇଯାଉଥିବା କ୍ଷୁଧାତୁର ମଣିଷକୁ ଆଉ ଆଭିଜାତ୍ୟ ପ୍ରଦର୍ଶନ ପାଇଁ ଏସବୁର ସମାଧି ଉପରେ ମୃଗତୃଷ୍ଣା ସାଜିଥିବା ସପନର ନୀଳ ଢେଉକୁ।

ଏହି ଚରମ ଅନୁଭବର ଅନ୍ତର୍ଦାହରୁ ତ୍ରାହି ପାଇବାକୁ କବିର ନିରୂଡା କଲମରୁ ସ୍ୱତଃ ନିର୍ଗତ ହେଲା ମଣିଷର ବ୍ୟଥା ଓ କଥା, କଳାର ଦରବାରରେ ସ୍ଥାନ ପାଇ ନଥିବା ଦାହର କଥା, ରାଜ୍ୟ ତଥା ରାଜକୋଷକୁ ସମୃଦ୍ଧ କରୁଥିବା କୃଷକର କନକ ଶସ୍ୟଦାନାର କଥା, ଫସଲକଟା ଗୀତର କଥା, ଶିଳ୍ପର କାରୁକାର୍ଯ୍ୟ ଭିତରେ କେଉଁଠି ସାମାନ୍ୟଭାବେ ବି ଦେଖା ଯାଉ ନଥିବା କଳାକାର/ଶିଳ୍ପୀର ଚରଣଲିପିର କଥା .....କଳା , ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟରେ ଯାହାସବୁ ନିହାତି କହିବାର ଥିଲା, ଯାହାସବୁ ଖୋଦିତ ହେବା ଅପରିହାର୍ଯ୍ୟ ଥିଲା; ହେଲେ କୁହାଯାଇନଥିଲା।

ତେଣୁ ତ କବି କୋଣାର୍କକୁ ଅତିକ୍ରମ କରି ଅଧିକ ବଳୀୟାନ ଓ ମହତ୍ତର ଭାବେ ଗଢିଦେଲା ଭିନ୍ନ ଏକ "କୋଣାର୍କ"। ମାଟି ପଥରରେ ଗଢ଼ା ମୃଣ୍ମୟ କୋଣାର୍କ ଦିନେ ମାଟିରେ ମିଶିଯିବ, ହେଲେ କବିକଳାର ନିଦର୍ଶନ ଏ ଚିନ୍ମୟ କୋଣାର୍କ କାଳ ଥିଲାଯାଏଁ ଚିର ଭାସ୍ୱର ହୋଇ କାଳର କପାଳରେ ଝୋଟି ଚିତା ଭାବେ ଝଟକୁ ଥିବ : ନିଃସନ୍ଦେହ। ସେଥିପାଇଁ କବିର ଛାତିରୁ ଉକୁଟି ଉଠିଲା ....

"ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟ କଳାର ରୂପ
ମୁଁ ଦେଖିଛି ତହିଁ କୋଟି କଂକାଳ
ଭଗ୍ନ ବୁକୁର ସ୍ତୂପ
କେତେ କ୍ଷୁଧାତୁର ମଣିଷ ଖାଇଚି
କ୍ଷୁଧାରେ ସେଦିନ ମାଟି
ରମ୍ୟ କଳାର ଦରବାରେ ତାର
କିଛି ନାଇଁ ପରିପାଟୀ"

କବି ସଚ୍ଚି ରାଉତରାୟଙ୍କ ପୂର୍ବରୁ ଆଧୁନିକ ଓଡ଼ିଆ ସାହିତ୍ୟର ଏକ ବିସ୍ମୟକର ପ୍ରତିଭା ଭାବରେ ଉଭା ହୋଇଥିଲେ କବି ଗୋଦାବରୀଶ ମହାପାତ୍ର। ନିଆଁଖୁଣ୍ଟା ମହାପାତ୍ରେ ନାମରେ ପରିଚିତ ଏହି ସ୍ରଷ୍ଟାଙ୍କର ସାରସ୍ୱତ ରଚନାରେ କେବଳ ନଥିଲା ସାମାଜିକ ଅବ୍ୟବସ୍ଥା, ଦୁର୍ନୀତି ଓ କତିପୟ ସଂଭ୍ରାନ୍ତୀୟ ପଦପଦବୀ ପ୍ରତିଷ୍ଠାଧାରୀ ତଥାକଥିତ ସଂଭ୍ରାନ୍ତୀୟ ଶୋଷକଙ୍କ ବିରୁଦ୍ଧରେ ଖଡ୍ଗ ଉତ୍ତୋଳନ ଅବା ଗୋଟେ ସାରସ୍ୱତ ସୈନିକର କଠୋରପଣ, କର୍କଶତା, ଅକୁତୋଭୟତି ଓ ସାହସିକତା। ବରଂ ଥିଲା ଆବଶ୍ୟକତା ଅନୁଯାୟୀ ଲାଳିତ୍ୟ, ଶିଶୁସୁଲଭ ଚପଳତା ଏବଂ ସରସତା।

ନବରସର ଚର୍ଚ୍ଚାରେ ହାସ୍ୟରସ ଓ ଭୟାନକ ରସ ପରସ୍ପରର ନିକଟବର୍ତ୍ତୀ ନୁହଁନ୍ତି ବୋଲି କୁହାଯିଉଥିଲାବେଳେ ଆଶ୍ଚର୍ଯ୍ୟଜନକଭାବେ ଗୋଦାବରୀଶଙ୍କ ଯମଦାଢ ଭଳି ରଚନାରେ ଏ ଦୁଇଟିର ଉପସ୍ଥିତି ତାଙ୍କୁ କେବଳ ଏକ ବିସ୍ମୟକର ପ୍ରତିଭାର ପ୍ରତିଷ୍ଠା ଦେଲା ନାହିଁ ବରଂ ଦୁର୍ନୀତିଖୋର୍ ଶୋଷଣକାରୀ, ଲମ୍ପଟ, କାପୁରୁଷ ଓ ମାଟି ବିରୋଧୀ ଗଦ୍ଦାରମାନଙ୍କର କମ୍ପନ(ଐବଙ୍ଗକ୍ଷମ) ଭାବେ ପ୍ରତୀୟମାନ କଲା। ତେଣୁ "ହେ ମୋର କଲମ"ର ପୃଷ୍ଠାରେ ସେ ଏହିପରି ଢଙ୍ଗରେ ସୁକୋମଳ ମାଟିର କଥା କହିଲେ ....

"ଯେଉଁ ଗାଆଁର ପାଣି ପବନ
ଅଙ୍ଗେ ଦେଲା ବଳ
ଯେ ଭୂଇଁ ତଳ ଧୂଳିରେ ରଚିଥିଲି
ମୁଁ ଖେଳଘର
ଯେଉଁ ବକୁଳ ମୂଳରେ ବସି
ରଚିଲି ଫୁଲ ମାଳା
ଯେଉଁ ନିର୍ଜ୍ଜନ କୁଟୀର କୋଳେ
ଢାଳିଛି ଲୁହଧାରା
ଆପଣା ସଖା ବନ୍ଧୁ ବୋଲି
ଯାହାରେ ଅଛି ଡାକି
ସେ ଭୂଇଁ ସେବା କରିବାକୁ ତ
ରହିଚି ବହୁ ବାକି
ସେଇଠି ପୁଣି ଜନ୍ମ ହେବି
ସେଇଠି ହେ୍ଵ ଦେଖା
ଆବର ନିଆଁଖୁଣ୍ଟା ହେବ
ସେଇ ଥାନରେ ଲେଖା"

ଇଏ ତ ହେଲା ମାଟିର କଥା। ହେଲେ ମାଟି ମଣିଷର ଉଚ୍ଛ୍ୱାସକୁ ସେ କଲମର ମସୀରେ ଯେଭଳି ଭାବେ ତୋଳି ଧରିଛନ୍ତି ତା'ର ପଟ୍ଟାନ୍ତର ନାହିଁ ...

"ହେ କଲମ ମୋର ଅତି ଆପଣାର
ଅନ୍ତର କଥା କହ-
ଦେଖିଚ କି ଏତେ ସତ୍ୟ ନାମରେ
ଛଳନା ଦୁର୍ବିସହ !
କେତେ ଅବତାରେ ଧରଣୀ ବୁକୁରେ
ଦେବତା ହୋଇଲା ନର
କାଳ ଇଙ୍ଗିତେ ଲୁଚିଗଲେ ସବୁ
ରହିଲା ତୁମରି ଗାର !
ତୁମେ ଗୌତମ ଶଙ୍କର ଯୀଶୁ
ବଚନ ରଖିଚ ଧରି
ଜାଗ୍ରତ କର ଉଦ୍ୟତ କର
ଆଉଥରେ ସେଇପରି
ତୁମେତଚାଲିନ' ଛଳନାରେ କେବେ
ଥକି ନ' ଗୁଣ୍ଡିମିରେ
ପେଷଣ ଶୋଷଣ ଦୂଷଣ ଦେଇଚ
ଆଡେଇ ଏକଇ ଗାରେ
ଛେଦନ କରିଚ ବନ୍ଧନ ଯେତେ
ଅନ୍ଧେ ଦେଇଚ ଆଖି
କାଳ ବକ୍ଷରେ ମହା ଅକ୍ଷରେ
ପଦେ ପଦେ ଲେଖି ଲେଖି
ବିପ୍ଳବ ତବ ସତ୍ୟ ଶାନ୍ତି
ଶିବ-ସୁନ୍ଦର-ରସେ
ଯୁଗ ଯୁଗାନ୍ତ ଅନ୍ଧାର ଭେଦି ତୁମରି ପ୍ରଦୀପ ହସେ।"

ଏହି ପରିପ୍ରେକ୍ଷୀରେ କବି ରବି ସିଂ ଙ୍କର 'ମଣିଷ' କବିତାର ପ୍ରତିଟି ପଂକ୍ତି ମଧ ପ୍ରଣିଧାନଯୋଗ୍ୟ।

"ମଣିଷକୁ ଥରେ ପଢ଼ ପଢ଼
ମଣିଷଠାରୁ କେ ନାହିଁ ବଡ଼
ମଣିଷ ତ ବଡ଼ ଗ୍ରନ୍ଥ କିତାବ
ସାରା ଦୁନିଆର କାରିଗର
ମଣିଷକୁ ଥରେ ପଢ଼ ପଢ଼"

**(କ୍ରମଶଃ)**

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*




# ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ବୈଠକ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଏପ୍ରିଲ୍ ୧ ତାରିଖରେ ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ ଏବଂ ଏପ୍ରିଲ ୩ତାରିଖରେ ଜିଲ୍ଲାର ପ୍ରତିଷ୍ଠା ଦିବସ ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ପାଳନ କରାଯିବ । ଉତ୍କଳ ଦିବସ ପ୍ରାତଃ ୪ଘଟିକାରେ ଜଗତସିଂହପୁର ସହରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳ ବନ୍ଦନା ପରିବେଷଣ କରାଯିବ । ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ତତ୍ୱାବଧାନରେ ସକାଳ ୬ଘଟିକାରେ ପ୍ରଭାତ ଫେରି ମଧ୍ୟ ଅନୁଷ୍ଠିତ ହେବ । ବିଶିଷ୍ଟ ବ୍ୟକ୍ତି ମାନଙ୍କ ଦ୍ୱାରା ସକାଳ ୭ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତି ଉପରେ ପୁଷ୍ପ ମାଲ୍ୟାର୍ପଣ ଓ ଗୋପବନ୍ଧୁ ନଗର ଉଦ୍ୟାନ ଠାରେ ସ୍କୁଲ ପିଲାମାନଙ୍କ ସମବେତରେ



ଉତ୍କଳ ବନ୍ଦନା ଗାନ କରାଯିବ । ଉତ୍କଳ ଦିବସ ପାଳନ ଅବସରରେ ଉଚ୍ଚ ନ୍ୟାୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବକ୍ତୃତା, ଦେଶାତ୍ମକ ବୋଧକ ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ବ୍ଲକ ଓ ପୌରପରିଷଦ ସ୍ତରରେ ମାର୍ଚ୍ଚ ୨୨ତାରିଖ ଓ ଜିଲ୍ଲା ସ୍ତରରେ ମାର୍ଚ୍ଚ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ସନ୍ଧ୍ୟା ୭ଘଟିକାରେ ସଂସ୍କୃତି ଭବନରେ ସାଧାରଣ ସଭା ଅନୁଷ୍ଠିତ ହେବ । ଉତ୍କଳ ଦିବସ ଦିନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ଆଲୋକ ସଜା କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ । ଏପ୍ରିଲ ୩ତାରିଖରେ ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରରେ ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଉପରେ ମାଲ୍ୟାର୍ପଣ କରାଯାଇ ସନ୍ଧ୍ୟାରେ ସଂସ୍କୃତି ଭବନ ପରିସରରେ ସାଧାରଣ ସଭା ଓ ସ୍ଥାନୀୟ ସାଂସ୍କୃତିକ ଦଳମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ଏହି ସଭାକୁ ଫକିର ମୋହନ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ, ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ମାନଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରାଯାଇ ସମ୍ବର୍ଦ୍ଧିତ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ର ନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍ ଓ ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ଅଂଶଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ବିବରଣୀ ପାଠ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସରକାରୀ ଜମି ...

ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ଇଡକୋ ଦ୍ୱାରା ଆବଣ୍ଟିତ ଜମିକୁ ବନ୍ଧକ ରଖିବା ନିମନ୍ତେ ୩୮ଟି ଶିଳ୍ପ ସଂସ୍ଥାକୁ ଏନଓସି ପ୍ରଦାନ କରାଯାଇଛି । ସେଥିରେ ଅଧିକାଂଶ ଶିଳ୍ପ ସଂସ୍ଥାକୁ ଆବଣ୍ଟିତ ଜମିର ପ୍ରାୟ ୯୦ ପ୍ରତିଶତରୁ ଅଧିକ ଜମିକୁ ବନ୍ଧକ ରଖିବାକୁ ଇଡକୋ ପକ୍ଷରୁ ଏନଓସି ଦିଆଯାଇଛି । ଅନୁଗୁଳସ୍ଥିତ ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ଆବଣ୍ଟିତ ୪୩୫୧ଏକରରୁ ୨୬୯୬ଏକର ଜମିକୁ ବନ୍ଧା ରଖିବା ପାଇଁ ଇଡକୋ ପକ୍ଷରୁ ଏନଓସି ଦିଆଯାଇଛି । ସେହିପରି ଭୂଷଣ ପାୱାର ଆଣ୍ଡ ଷ୍ଟିଲକୁ ସମ୍ବଲପୁର ଜିଲ୍ଲାରେ ଆବଣ୍ଟିତ ମୋଟ ୨୨୬୬.୦୨ଏକର ମଧ୍ୟରୁ ୨୬୬୫.୮୫ ଏକର ଜମିକୁ ବନ୍ଧା ରଖିବାକୁ ଏନଓସି ହାସଲ କରିଛି । ଅନୁରୂପ ଭାବେ ବେଦାନ୍ତକୁ କଳାହାଣ୍ଡି ଜିଲ୍ଲାରେ ପ୍ରକଳ୍ପ ସ୍ଥାପନ ନିମନ୍ତେ ଯୋଗାଇ ଦିଆଯାଇଥିବା ୨୨୧୯.୦୯୦ଏକରରୁ ୧୯୩୩.୧୧ଏକର ଏବଂ ଝାରସୁଗୁଡ଼ା ଜିଲ୍ଲାରେ ୨୧୭୨.୭୪ଏକରରୁ ୨୧୫୬.୬୩ଏକର ଜମିକୁ ବନ୍ଧା ରଖିବାକୁ ଏନଓସି ଦିଆଯାଇଛି । ସେହିପରି ହିଣ୍ଡାଲକୋକୁ ରାୟଗଡ଼ାରେ ଆବଣ୍ଟିତ ୨୧୭୬.୪୩୦ଏକରରୁ ୨୦୯୮.୭୪୦ଏକର ଜମିକୁ ବନ୍ଧା ରଖିବାକୁ ଇଡ଼କୋ ପକ୍ଷରୁ ଏନଓସି ପ୍ରଦାନ କରାଯାଇଛି । ଅନ୍ୟ ଯେଉଁ କମ୍ପାନୀଗୁଡ଼ିକୁ ଆବଂଟିତ ସରକାରୀ ଜମିକୁ ବନ୍ଧା ରଖିବା ପାଇଁ ଇଡକୋ ଅନୁମତି ଦେଇଛି ମୋନେଟ୍ ଇସ୍ପାତ, ଟାଟା ଷ୍ଟିଲ, ବ୍ରାହ୍ମଣୀ ରିଭର ପେଲେଟ୍ , ପଟ୍ଟନାୟକ ଷ୍ଟିଲ ଆଣ୍ଡ ଆଲଏଜ, ଓସିଏଲ ସିମେଣ୍ଟ, ମୋନେଟ୍ ପାୱାର, ଜିଏମଆର ଏନର୍ଜି, ଷ୍ଟେରଲାଇଟ୍ ଏନର୍ଜି, ଜେ.କେ.ଲକ୍ଷ୍ମୀ ସିମେଣ୍ଟ, ସରାଫ ଏଜେନ୍ସୀ, ପାରାଦୀପ ଫସଫେଟ୍, ସ୍ୱସ୍ତି ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଂଟ ଆଣ୍ଡ ସୋସିଆଲ ଷ୍ଟଡ଼ିଜ୍ , ଓପିଜିସି, ଏସେଲ ମାଇନିଂ, ବଲାରପୁର ଇଣ୍ଡଷ୍ଟ୍ରିଜ ଆଦି ଶିଳ୍ପ ସଂସ୍ଥା ରହିଛନ୍ତି । ମନ୍ତ୍ରୀ ଶ୍ରୀ ଦେବ କହିଛନ୍ତି ଯେ, ଯଦି କୌଣସି ଶିଳ୍ପ ସଂସ୍ଥା ଋଣ ପରିଶୋଧ ନକରି ବନ୍ଦ ହୋଇଯାଏ, ତା'ହେଲେ ଆବଶ୍ୟକସ୍ଥଳେ ଜମିକୁ ନିଲାମ କରିବା ପୂର୍ବରୁ ସମ୍ପୃକ୍ତ ବ୍ୟାଙ୍କ ଇଡକୋଠୁ ଏନଓସି ନେଇ ଆବଣ୍ଟିତ ଜମିକୁ କେବଳ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁନଃ ବିନିଯୋଗ କରିବାର ନିୟମ ରହିଛି । ଉଲ୍ଲେଖଯୋଗ୍ୟ, ଇଡକୋ ନିୟମ ଅନୁସାରେ ଆବଣ୍ଟିତ ଜମିକୁ ବନ୍ଧକ ରଖିବା ପାଇଁ ଏନଓସି ନେଉଥିବା ଶିଳ୍ପ ସଂସ୍ଥାମାନେ ନେଇଥିବା ଋଣ ଓ ପରିଶୋଧର ପରିମାଣର ରିପୋର୍ଟ ପ୍ରତି ୩ମାସରେ ଇଡକୋ କର୍ତ୍ତୃପକ୍ଷଙ୍କ ନିକଟରେ ଜମା କରିବାକୁ ବାଧ୍ୟ । ତେବେ ଏହି ନିୟମକୁ ଶିଳ୍ପ ସଂସ୍ଥାଗୁଡ଼ିକ ପାଳନ କରୁଛନ୍ତି କି ନାହିଁ ତାକୁ ନେଇ ସାଧାରଣରେ ସନ୍ଦେହ ରହିଛି । ରାଜ୍ୟରେ ଏପର୍ଯ୍ୟନ୍ତ ମୋଟ ୭୦,୫୪୮.୬୧ଏକର ଜମିକୁ ଇଡକୋ ମାଧ୍ୟମରେ ଏମଓୟୁ ଓ ଅଣଏମଓୟୁକାରୀ ବିଭିନ୍ନ ଶିଳ୍ପ ସଂସ୍ଥାକୁ ଆବଣ୍ଟନ କରାଯାଇଛି । ଏଥିରେ ୪୫,୭୨୬ଏକର ଘରୋଇ ଜମି ସାମିଲ ଅଛି । ସୂଚନାଯୋଗ୍ୟ, ୨୦୧୪ ମସିହାରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) ଇଡକୋ ଜମି ଆବଣ୍ଟନର ସମୀକ୍ଷା କରିବା ସହ ଶିଳ୍ପ ସଂସ୍ଥାଗୁଡ଼ିକ ସରକାରୀ ଜମିକୁ ବନ୍ଧକ ରଖିବା ଓ ଏଥିପାଇଁ ଇଡକୋ ଏନଓସି ଦେବା ଉପରେ ଆପତ୍ତି ଉଠାଇଥିଲେ । ସେତେବେଳେ ଆବଣ୍ଟିତ ଜମି ମଧ୍ୟରୁ ପ୍ରାୟ ୮୪୮୯ଏକର ଇଡକୋ ଜମିକୁ ବନ୍ଧା ରଖି ୧୨ଟି କମ୍ପାନୀ ବିଭିନ୍ନ ବ୍ୟାଙ୍କରୁ ୫୨,୪୨୩କୋଟି ୫୦ଲକ୍ଷ ଟଙ୍କାର ଋଣ ଉଠାଇଥିଲେ । ଛତ୍ରପୁରରେ ପ୍ରକଳ୍ପ ନିମନ୍ତେ ସରାଫ ଏଜେନ୍ସୀ ପ୍ରାୟ ୧୨୦୦କୋଟି ଟଙ୍କା ଉଠାଇଥିବା ଏଜିଙ୍କ ରିପୋର୍ଟରୁ ଜଣାପଡ଼ିଥିଲା । ତେବେ ଏଜିଙ୍କ ଆପତ୍ତି ସତ୍ତ୍ୱେ ରାଜ୍ୟ ସରକାର ଏହି ଜମି ବନ୍ଧକ ରଖିବାକୁ ଯଥାର୍ଥ ବୋଲି ଦର୍ଶାଇବା ସହ ଏହାର କାର୍ଯ୍ୟକାରିତାକୁ ନେଇ ୨୦୧୬ ଓ ୨୦୨୦ ମସିହାରେ ଦୁଇଟି ସର୍କୁଲାର ଜାରି କରିଥିବା ସୂଚନା ମିଳିଛି ।

### କୁଆଡେ ଗଲେ ...

ଏସ୍‌ଏ-୧ ଦେଇ ନାହାନ୍ତି ସେମାନେ ଏସ୍‌ଏ-୨ ଲାଗି ଯୋଗ୍ୟ ନୁହନ୍ତି । ଯେହେତୁ ମାଗଣା ଫର୍ମ ପୂରଣ ହେଲା ତେଣୁ ଏସ୍‌ଏ-୧ରେ ସାମିଲ ଥିବା ପରୀକ୍ଷାର୍ଥୀ ଏସ୍‌ଏ-୨ରେ ବି ସ୍ୱାଭାବିକ ଭାବେ ସାମିଲ ହୋଇଗଲେ । ଏସ୍‌ଏ-୧ରେ ପାଖାପାଖି ୧୪ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେଇ ନ ଥିଲେ । ସେହି ପିଲା ଏଥର ମଧ୍ୟ ପରୀକ୍ଷାରେ ସାମିଲ ହୋଇ ନାହାନ୍ତି । ଯେଉଁ ୧୮ ହଜାର ପରୀକ୍ଷାର୍ଥୀ ଅନୁପସ୍ଥିତ କଥା କୁହାଯାଉଛି, ଯଦି ଦେଖିବା ସେଥିରୁ ମାତ୍ର ୪ହଜାର ପିଲା ପରୀକ୍ଷା ଦେଉ ନାହାନ୍ତି । ପ୍ରକୃତ କେତେ ପିଲା ପରୀକ୍ଷା ଦେଇନାହାନ୍ତି ସେନେଇ ସମ୍ପୂର୍ଣ୍ଣ ତଥ୍ୟ ଆମର ହସ୍ତଗତ ହୋଇ ନାହିଁ । ତଥାପି ପିଲାଙ୍କ ଅନୁପସ୍ଥିତିକୁ ଗୁରୁତ୍ୱ ଦେବା ସହ କେଉଁଠି ସମସ୍ୟା ରହିଛି ତାହାର ଅନୁଧ୍ୟାନ କରାଯିବ । ଡ୍ରପ୍ ଆଉଟ୍ ସଂଖ୍ୟା ବଢ଼ିବା ସମ୍ପର୍କରେ ମନ୍ତ୍ରୀ ଶ୍ରୀ ଦାଶ କହିଥିଲେ ଯେ, ଦଶମରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରୀମାନେ ପରବର୍ତ୍ତୀ ଶ୍ରେଣୀରେ ପଢ଼ିବା ଲାଗି ସମସ୍ୟାର ସାମ୍ନା କରୁଥିବା ନଜରକୁ ଆସିଥିଲା । ତାହାକୁ ଦୃଷ୍ଟିରେ ରଖି ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ୧୦୬ଟି ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛୁ । ଆସନ୍ତା ଜୁନ୍ ମାସରୁ ସେଠାରେ ନାମଲେଖା ସହ ପାଠପଢ଼ା ଆରମ୍ଭ ହେବ । ଗଣଶିକ୍ଷା ସଚିବ ଅଶ୍ୱଥୀ ଏସ୍‌ଙ୍କ କହିବାନୁଯାୟୀ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କୁ ଖୋଜିବା ଲାଗି ଡୋର ଟୁ ଡୋର କ୍ୟାମ୍ପେନ୍ କରାଯାଉଛି । ୨୦୨୩-୨୪ ଶିକ୍ଷାବର୍ଷ ଆରମ୍ଭରୁ ପୁଣିଥରେ ପ୍ରକ୍ରିୟା ଆରମ୍ଭ ହେବ । ପିଲାମାନେ କାହିଁକି ପରୀକ୍ଷା ଦେଉନାହାନ୍ତି ସେନେଇ ଅନୁଧ୍ୟାନ କରାଯାଇ ଏହା ପଛରେ ଥିବା କାରଣ ଖୋଜାଯିବ । ଡ୍ରପ୍ ଆଉଟ୍ ହୋଇଥିବା ୧୭ବର୍ଷ ବୟସର ପିଲାଙ୍କୁ ଖୋଜାଯିବା ସହ ସେମାନଙ୍କୁ ପୁଣିଥରେ ଫେରାଇ ଆଣିବାକୁ ଚେଷ୍ଟା କରାଯିବ ବୋଲି ବିଭାଗୀୟ ସଚିବ ସୂଚନା ଦେଇଛନ୍ତି ।

### ବିଶ୍ୱର ୫୦ ପ୍ରାକୃତିକ ...

ଜୋରନ୍ଦା ଓ ବରେହିପାଣିସ ଜଳପ୍ରପାତ ରହିଛି । ଶିମିଳିପାଳରେ ୯୯ଟି ମହାବଳ ବାଘ , ୪୩୨ଟି ବଣୁଆ ହାତୀ ଅଛନ୍ତି । ଏହାଛଡା ଶିମିଳିପାଳରେ ଗୟଳ, ଚଉଶିଙ୍ଗା, ହରିଣ ମଧ୍ୟ ରହିଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟ ରାଜ୍ୟ ତଥା ଦେଶର ସର୍ବବୃହତ ବିଷୁବ ମଣ୍ଡଳୀୟ ଜଙ୍ଗଲ । ସମୁଦ୍ର ପତ୍ତନଠାରୁ ୧୧୬୫.୬ ମିଟର ଉଚ୍ଚରେ ଅବସ୍ଥିତ ମେଘାସନୀ ପର୍ବତ ଏହାର ଉଚ୍ଚତମ ଶୃଙ୍ଗ । ଏହି ପର୍ବତମାଳାର ସଂକୀର୍ଣ୍ଣ ଉପତ୍ୟକା ମଧ୍ୟ ଦେଇ ବୁଢ଼ାବଳଙ୍ଗ, ଗଙ୍ଗାହାର, ସୋନ, ଦେଓ, ସଞ୍ଜ, ଖଇରୀ ଓ ହଣ୍ଡନ ଇତ୍ୟାଦି ନଦୀ ପ୍ରବାହିତ । ଏହିଠାରେ ରାସ୍ମାଜାତୀୟ ପ୍ରଭାବର ଉଦ୍ଭିଦର ପ୍ରଭାବ ଅଧିକ । ଓଡ଼ିଶାରେ ମିଳୁଥିବା ୧୨୮ ପ୍ରକାର ଅର୍କିଡ଼ ମଧ୍ୟରୁ କେବଳ ଶିମିଳିପାଳରେ ୯୮ପ୍ରକାର ମିଳିଥାଏ । ଏହି ଜାଗାରେ ଦୁଇଟି ସ୍ୱତନ୍ତ୍ର ଧରଣର ଅର୍କିଡ଼ ମିଳିଥାଏ ଯାହା ପୃଥିବୀର ଅନ୍ୟକୌଣସିଠାରେ ମିଳେ ନାହିଁ, ଯଥା: ଏରିଆ ମେଘାସିନମ ଓ ବୁଲବୋ ଫାଇଲମ ପାଣିଗ୍ରାହୀନମ । ସେହିପରେ ଗୁଡ଼ୟେରା ଥାଇଲାଣ୍ଡ ପ୍ରଜାତି ଭାରତ ମଧ୍ୟରେ କେବଳ ଶିମିଳିପାଳରେ ମିଳିଥାଏ । ଶିମିଳିପାଳ ଅଭୟାରଣ୍ୟରେ ୧୦୧୫ ଜାତିର ଉଭିଦ, ୧୪୯ ଜାତିର ପ୍ରାଣୀ (୪୬ପ୍ରକାର ସ୍ତନ୍ୟପାୟୀ ପ୍ରାଣୀ, ୬୨ ପ୍ରକାର ପକ୍ଷୀ, ୨୯ ପ୍ରକାର ସରୀସୃପ ଓ ୧୨ ପ୍ରକାର ଉଭୟଚର) ଦେଖାଯାନ୍ତି । ଏଠାରେ ଥିବ ଜୀବମାନଙ୍କ ମଧ୍ୟରେ ବାଘ, କଲରାପତ୍ରିଆ ବାଘ, ଜଙ୍ଗଲ ବିରାଡ଼ି, ବଳିଆ କୁକୁର ଓ ଗଧିଆ ଇତ୍ୟାଦି ମାଂସାଶୀ ଜୀବ ହାତୀ, ଗୟଳ, ସମ୍ବର, କୁଟୁରା, ହରିଣ, ଗୁରାଣ୍ଡି ଇତ୍ୟାଦି ତୃଣଭୋଜୀ ଜୀବ ଓ ବାରହା, ବଜ୍ରକାପ୍ତା, ଝିଙ୍କ, କଇଁଛ, ଅଜଗର ଏବଂ ମଗର ଜାତୀୟ କୁମ୍ଭୀର ରହିଛନ୍ତି । ଶିମିଳିପାଳକୁ ୨୭ ମଇ ୨୦୦୯ରେ ୟୁନେସ୍କୋ ତରଫରୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଛି । ଟାଇମ୍ସ ପକ୍ଷରୁ ହେଉଥିବା ରିସର୍ଚ୍ଚରେ ଶିମିଳିପାଳର ଉଭିଦ ଏବଂ ଜୀବଜନ୍ତୁଙ୍କ ବ୍ୟତୀତ ସଫାରୀ ଗାଇଡ ଏବଂ ସାଇକେଲ ଯାତ୍ରା ଉପରେ ମଧ୍ୟ ଅନୁସନ୍ଧାନ କରାଯିବ ବୋଲି ସୂଚନା ଦେଇଛି ଟାଇମ୍ସ । ମୟୁରଭଞ୍ଜର କଳା-ସାହିତ୍ୟ-ଐତିହ୍ୟ କିର୍ତ୍ତୀରାଜିକୁ ମଧ୍ୟ ତନ୍ନ ତନ୍ନ କରି ସନ୍ଧାନ କରାଯାଇ ମାଜାଗିନରେ ସ୍ଥାନିତ କରାଯିବ । ମୟୁରଭଞ୍ଜର ଲୋକ ନୃତ୍ୟ-ଲୋକ ଗୀତ, ସଭ୍ୟତା, ସଂସ୍କୃତି ଆଦିକୁ ଗବେଷକ ମାନେ ତର୍ଜମା କରିବେ । ଏହି ପତ୍ରିକାରେ ରାଜଧାନୀ ଭୁବନେଶ୍ୱର ବ୍ୟତୀତ ଓଡିଶାର ଅନେକ ସ୍ଥାନକୁ ସ୍ଥାନିତ କରାଯିବ । ମାଗାଜିନରେ ବିଶ୍ୱବାସୀ ପଢିବେ ଓଡିଶାର ଐତିହ୍ୟ, ସଂସ୍କୃତି । ୨୦୨୩ ବିଶ୍ୱର ସର୍ବଶ୍ରେଷ୍ଠ ସ୍ଥାନଗୁଡିକର ତାଲିକାରେ ଫ୍ଲୋରିଡା, ୱାଶିଂଟନ୍, ଡି.ସି., ବାର୍ସିଲୋନା, କାଇଟୋ, ଜେରୁଜେଲମ୍ ଭଳି ବିଶ୍ୱର ସର୍ବୋତ୍ତମ ସ୍ଥାନ ରହିଛି ।

### ବାକିରେ ଚାଲିଛି ...

କେଉଁଠୁ କରିବେ ତାହାକୁ ନେଇ ସମସ୍ୟା ଉପୁଜିଛି । ବିଶେଷଭାବରେ ଅନୁଦାନ ପ୍ରାପ୍ତ ଓ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ପାଇଁ ପ୍ରତିଦିନ ଏମଡିଏମ ପରିଚାଳନା ଶିରପୀଡ଼ା ହୋଇଛି । ବିଗତ ବର୍ଷ ନଭେମ୍ବର ମାସରୁ ସେମାନଙ୍କୁ ଏମଡିଏମ ବାବଦରେ ଅର୍ଥ ବିଭାଗ ପକ୍ଷରୁ ଦିଆଯାଇ ନାହିଁ । ପ୍ରାଥମିକସ୍ତରରେ ୫ଟଙ୍କା ୯୦ ପଇସା ଓ ଉଚ୍ଚ ପ୍ରାଥମିକସ୍ତରରେ ୮ଟଙ୍କା ୮୨ ପଇସା ପିଲାଙ୍କ ପିଛା ଦିଆଯିବାର ବ୍ୟବସ୍ଥା ରହିଛି । ଏଥି ସହ ସରକାର ଏମଡିଏମ ବାବଦକୁ ଚାଉଳ ଯୋଗାଇ ଦିଅନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୬୦-୪୦ ଅନୁଦାନ ଅନୁପାତରେ ଏହା ପରିଚାଳିତ ହେଉଛି । ମିଳିଥିବା ସୂଚନା ମୁତାବକ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ବିଗତ ୪ ମାସରେ ଏମଡିଏମ୍ ବାବଦ ଅନୁଦାନ(୬୦% ଅଂଶ) ବାବଦକୁ ପାଖାପାଖି ୩ଶହ କୋଟି ଟଙ୍କା ବାକି ରଖିଛନ୍ତି । ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କୁ ପକ୍ଷରୁ ଏ ନେଇ କେନ୍ଦ୍ରକୁ ଅବଗତ କରାଯାଇଥିଲେ ମଧ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉନି । ଏ ସମ୍ପର୍କରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ମଧ୍ୟାହ୍ନ ଭୋଜନରେ ଦୁର୍ନୀତି ହେଉଥିବା, ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁ ନ ଥିବା ଆଦି ଅନେକ ଅଭିଭାବକଙ୍କ ଅଭିଯୋଗ ବିଭିନ୍ନ ସମୟରେ ଆସେ । ଶିକ୍ଷକମାନଙ୍କୁ ଏଥି ପାଇଁ ଦାୟୀ କରାଯିବା ସହ ବ୍ୟବସ୍ଥା ପ୍ରତି ଆଙ୍ଗୁଠି ଉଠେ । ମାତ୍ର ନଭେମ୍ବର ମାସରୁ ଏମଡିଏମ ବାବଦରେ ଶିକ୍ଷକଙ୍କୁ ଟଙ୍କାଟିଏ ମିଳିନି । ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର ସମାଧାନ ହୋଇପାରି ନାହିଁ । ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ରାଜ୍ୟ ନୋଡାଲ ଅଧିକାରୀ ରଘୁରାମ ଆୟର କହିଛନ୍ତି ଯେ ସମସ୍ୟା ବାବଦରେ ବିଭାଗ ଅବଗତ ହେବା ସହ ମନ୍ତ୍ରଣାଳୟକୁ ସହାୟତା ବାବଦରେ ବାରମ୍ବାର ଅବଗତ କରାଯାଇଛି । କେନ୍ଦ୍ର ସହାୟତା ବାବଦ ଅର୍ଥ ଆସିବାରେ ସମସ୍ୟା ହେଉଥିବାରୁ ସ୍କୁଲଗୁଡ଼ିକୁ ଏମଡିଏମ୍ ସହାୟତା ପ୍ରଦାନ କରାଯାଇ ପାରିନାହିଁ । ତଥାପି ଏହି ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯାଉଛି ।

### ଫୋକସରେ ...

ରାହୁଲ ଗାନ୍ଧି ବିଦେଶରେ ବୟାନ ରଖିଥିବା ବେଳେ ବିଜେପି ତାଙ୍କ କ୍ଷମା ଦାବି କରି ସଂସଦ ଚଳାଇ ଦେଉନି । ଏହାର ଅର୍ଥ ସେମାନେ କଂଗ୍ରେସକୁ ବ୍ୟବହାର କରି ସଂସଦକୁ ଚଳାଇବାକୁ ଚାହୁଁନାହାନ୍ତି । ବିଜେପି ଚାହୁଁଛି ଯେ ରାହୁଲ ଗାନ୍ଧି ବିରୋଧୀଙ୍କ ଚେହେରା ହୁଅନ୍ତୁ । ଏହା ବିଜେପିକୁ ଫାଇଦା ଦେବ । ବର୍ତ୍ତମାନ ଠାରୁ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଜଣେ ପ୍ରାଧାନମନ୍ତ୍ରୀ ଚେହେରା ବାଛିବା କିଛି ଦରକାର ନାହିଁ । କଂଗ୍ରେସକୁ ବିରୋଧୀ ଦଳଗୁଡ଼ିକ ବିଗ ବସ୍ ଭାବେ ବିବେଚନା କରିବା ଭୁଲ ବୋଲି ମଧ୍ୟ ସୁଦୀପ କହିଛନ୍ତି । ସେ କହିଛନ୍ତି, ମାର୍ଚ୍ଚ ୨୩ରେ ମମତା ବାନାର୍ଜୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିପାରନ୍ତି । ଆମେ ଆମ ଯୋଜନା ସମ୍ପର୍କରେ ଅନ୍ୟ ବିରୋଧୀ ଦଳଗୁଡ଼ିକ ସହ ମଧ୍ୟ ଆଲୋଚନା କରିବୁ । ଆମେ ଏହାକୁ ତୃତୀୟ ସାମ୍ମୁଖ୍ୟ ବୋଲି କହୁନାହୁଁ । କିନ୍ତୁ ବିଜେପିକୁ ମୁକାବିଲା କରିବା ପାଇଁ ଆଞ୍ଚଳିକ ଦଳଗୁଡ଼ିକର ଶକ୍ତି ରହିଛନ୍ତି । ଅଖିଳେଶ ଯାଦବ ମଧ୍ୟ କଂଗ୍ରେସ ଓ ବିଜେପି ଠାରୁ ସମଦୂରତା ସପକ୍ଷରେ ମତ ରଖିଛନ୍ତି । ସେ କହିଛନ୍ତି, ବେଙ୍ଗଲରେ ଆମ ପାଖରେ ମମତା ଦିଦି ଅଛନ୍ତି । ବର୍ତ୍ତମାନ ଆମର ଆଭିମୁଖ୍ୟ ହେଲା କଂଗ୍ରେସ ଓ ବିଜେପି ଠାରୁ ସମଦୂରତା ଅବଲମ୍ବନ କରିବୁ । ଯେଉଁମାନେ ବିଜେପି ଟିକା ନେଇଛନ୍ତି, ସେମାନଙ୍କୁ ସିବିଆଇ, ଇଡି ଓ ଆୟକରର ବିଭାଗର ଡର ନାହିଁ ।

### ରାଜ୍ୟରେ ଦେଢ଼ ଲକ୍ଷ ...

ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ଆସିଛନ୍ତି । ବେଆଇନ୍ ଶରଣାର୍ଥୀଙ୍କ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ସର୍ବାଧିକ ୧୬୪୯ ଓ ଜଗତସିଂହପୁରରେ ୧୧୧୨ ଜଣ ରହିଛନ୍ତି । ସେହିଭଳି ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬, ଖୋର୍ଦ୍ଧାରେ ୧୭, ବରଗଡ଼ରେ ୨ ଜଣ ଅନୁପ୍ରବେଶକାରୀ ଅଛନ୍ତି । ବିଧାନସଭାରେ ବିଜେପି ବିଧାୟକ ସୁରଜ ସୂର୍ଯ୍ୟବଂଶୀଙ୍କ ପ୍ରଶ୍ନରେ ଉତ୍ତର ରଖି ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ତଥ୍ୟ ଉପସ୍ଥାପନ କରିଛନ୍ତି ।

### ସାଧାରଣ ଲୋକଙ୍କ ...

ଭତ୍ତା ଓ ପାରିଶ୍ରମିକ ବୃଦ୍ଧି ପାଇଁ ଦାବି କରି ରାଜରାସ୍ତାକୁ ବାରମ୍ବାର ଓହ୍ଲାଉଥିଲେ ମଧ୍ୟ ସେମାନଙ୍କ ପ୍ରତି ସକରାତ୍ମକ ଆଭିମୁଖ୍ୟ ପୋଷଣ କରୁନଥିବା ରାଜ୍ୟ ସରକାର ଏବେ ବିଧାୟକମାନଙ୍କ ପାଇଁ କାହିଁକି ଏତେ ଦରଦ ଦେଖାଉଛନ୍ତି । ତୃଣମୂଳସ୍ତରରେ ଲୋକଙ୍କ ସେବାରେ ନିୟୋଜିତ ଥିବା ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏମବିକେ, ସିଆରପି ସମେତ ବ୍ୟାଙ୍କ ମିତ୍ର, ପ୍ରାଣୀ ମିତ୍ର, କୃଷି ମିତ୍ର ଆଦି ବିଭିନ୍ନ ସମୟରେ ନିଜର ଦରମା ବୃଦ୍ଧି ପାଇଁ ଦାବି କରି ରାଜରାସ୍ତାକୁ ଓହ୍ଲାଉଛନ୍ତି । ରାଜ୍ୟ ସଚିବାଳୟଠୁ ଆରମ୍ଭ କରି ବ୍ଲକ ଅଫିସ୍ ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଅଫିସରେ ସବୁଠୁ ଆଉଟସୋର୍ସିଂରେ କର୍ମଚାରୀମାନେ ରହିଛନ୍ତି, ଯେଉଁମାନଙ୍କ ମାସିକ ଦରମା ୮ରୁ ୧୨ହଜାର ଟଙ୍କା ମଧ୍ୟରେ ରହିଛି । ସେମାନେ ବର୍ଷ ବର୍ଷ ଧରି ଏହି ଦରମାରେ କାର୍ଯ୍ୟ କରୁଛନ୍ତି । ତଥାପି ସରକାର ସେମାନଙ୍କର ଦାବି ଶୁଣୁନାହାନ୍ତି । ଖୋଦ୍ ବିଧାନସଭାରେ ଏବେବି ୧୦୦ରୁ ଅଧିକ କର୍ମଚାରୀ ଦୀର୍ଘ ଦଶନ୍ଧି ଧରି ରହିଛନ୍ତି ଯେଉଁମାନେ ୮-୧୦ହଜାର ଟଙ୍କା ମାସିକ ଦରମାରେ ଅଛନ୍ତି । ଦରଦାମ ବୃଦ୍ଧି ଯୁଗରେ ମାସିକ ୮-୧୦ହଜାର ଟଙ୍କା ମଧ୍ୟରେ ପରିବାର ଚଳାଇବା ଏହି ଲକ୍ଷ ଲକ୍ଷ କର୍ମଚାରୀଙ୍କ ପାଇଁ ଚିନ୍ତାର ବିଷୟ ହୋଇଥିଲେ ବି ସେମାନଙ୍କ ଦରମା ଅବା ପାରିଶ୍ରମିକ ବୃଦ୍ଧି ଦିଗରେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ବିଧାୟକମାନେ ଆଗ୍ରହ ଦେଖାଇ ନାହାନ୍ତି । ସେହିପରି ଗାଁ ଗହଳିରେ ବିଧବା, ବୃଦ୍ଧବୃଦ୍ଧା,ଦିବ୍ୟାଙ୍ଗମାନଙ୍କୁ ଭତ୍ତା ଦୀର୍ଘ ବର୍ଷ ଧରି ମାସିକ ୫୦୦ରୁ ୯୦୦ଟଙ୍କା ମଧ୍ୟରେ ଥିଲେ ବି ସରକାର ସେମାନଙ୍କ ଭତ୍ତା ପରିମାଣ ବୃଦ୍ଧି କରିବାକୁ ଆଗ୍ରହ ଦେଖାଉନାହାନ୍ତି । ଯଦିଓ ଏହି ଗରିବ ବର୍ଗର ଲୋକମାନଙ୍କ ପାଇଁ ଏତିକି ଟଙ୍କା ସମୁଦ୍ରକୁ ଶଙ୍ଖେ ପାଲଟିଛି । ଓଲଟା ବିଧାୟକମାନେ ସାଧାରଣ ନିର୍ବାଚନ ଆସିଲେ କିଭଳି ନିଜର ଦରମା ଓ ଭତ୍ତା ବଢ଼ିବ ସେଥିପାଇଁ ପ୍ରୟାସ ଆରମ୍ଭ କରିଦେଉଛନ୍ତି ।

### ସରୁନି ଲୋୟର ...

ସେ ରାଜ୍ୟ ବିକାଶ ଆଡ଼କୁ ଯାଏ । ୨୩ବର୍ଷର ବିଜେଡି ଶାସନ ଚାଲିଛି । ୨୩ବର୍ଷରେ ସରକାର ବିକାଶ ଦେଖେଇବା କଥା । ସୁବର୍ଣ୍ଣଯୁଗ କେମିତି ଚାଲିଚି ତାର ଚିତ୍ର ବଡ ବିଚିତ୍ର । ଓଡ଼ିଶାରେ ବିକାଶ ବିଫଳ ହୋଇଛି । ବିଭିନ୍ନ ରିପୋର୍ଟରେ କେବଳ ବିବରଣୀ ଲେଖାଯାଉଛି । ହେଲେ କେତେ ଜଳ ସଂରକ୍ଷିତ ରଖିଲେ, କେତେ ଜଳସେଚନ କଲେ ତାର ସୂଚନା ସରକାରଙ୍କ ପାଖରେ ନାହିଁ । ମୟୂରଭଞ୍ଜର ଯେଉଁ ପ୍ରକଳ୍ପ କାମ ଶେଷ ହୋଇନାହିଁ । କେନାଲ ଖଣ୍ଡିଆ ହୋଇ ପଡ଼ିରହିଛି । ୧୩ରୁ ୪୩ବର୍ଷ ଭିତରେ ଅନେକ ଛୋଟ ବଡ଼ କ୍ଷୁଦ୍ର ବୃହତ ଜଳ ସେଚନ ପ୍ରକଳ୍ପ ଚାଲିଛି । କିନ୍ତୁ କାମ ସରୁନି । ୨୩ ବର୍ଷ ଭିତରେ ବାରମ୍ବାର ଅଟକଳ ହୋଇଛି । କିନ୍ତୁ କାମ ସରୁନି । ୨୩ ବର୍ଷ ଭିତରେ କେବଳ ଅଟକଳରେ ୧୭୦୦୦ କୋଟି ବୃଦ୍ଧି ପାଇଛି । ଏଥିପାଇଁ ଦାୟୀ କିଏ ? ମହାନଦୀରେ କେତେ ପାଣି ବୋହି ଯାଉଛି, ତାକୁ ଅଟକା ଯାଉନାହିଁ । ରାଜ୍ୟ ସରକାର ମହାନଦୀ ସୁରକ୍ଷାରେ ଫେଲ୍ ମାରିଛନ୍ତି । ଛତିଶଗ୍ଡ଼ର ନିଷ୍ପତ୍ତି ଓଡ଼ିଶା ପାଇଁ ବିପଦ ହୋଇଛି । ଟ୍ରିବୁନାଲ ରାୟକୁ ଅପେକ୍ଷା କରି ବସିବା କେବଳ ବାହାନା ହୋଇଛି । ରାୟ ଆସିବାକୁ ୩୦ ବର୍ଷ ଲାଗିଲେ ଆମେ କ'ଣ ସେମିତି ଅପେକ୍ଷା କରି ବସିବା । ଛତିଶଗଡ ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରି ପାଣିକୁ ଅଟକାଇଲା, ଆମ ସରକାର ୨୩ ବର୍ଷରେ ଗୋଟିଏ ବି ବ୍ୟାରେଜ କରିପାରିଲାନାହିଁ । ଛତିଶଗଡ ସରକାରଙ୍କ ଇଚ୍ଛା ଶକ୍ତି ଆଗରେ ନବୀନଙ୍କ ଇଚ୍ଛାଶକ୍ତି ଦୁର୍ବଳ । ଓଡ଼ିଶାରେ ଚାଷୀ ସହିତ ଲୋକ ବି କ୍ଷତିଗ୍ରସ୍ତ ହେବେ । କୌଣସି ଜଳନୀତି ଘୋଷଣା ହୋଇପାରିଲା ନାହିଁ । ସରକାର ଯାହା କହୁଛନ୍ତି ତାହା କେବଳ ଧର୍ମକୁ ଆଖିଠାର । ତେବେ ବିରୋଧୀଙ୍କ ବିରୋଧ ସତ୍ତ୍ୱେ ବିଧାନସଭାରେ ସଂଖ୍ୟା ଗରିଷ୍ଠ ଥିବା ବିଜେଡି ସଦସ୍ୟ ଜଳ ସମ୍ପଦ ବିଭାଗ ଖର୍ଚ୍ଚ ଦାବିକୁ ପାର କରାଇ ନେଇଛନ୍ତି ।

### 'ଉଗାଦି' ଉତ୍ସବ ...

ସାଇପ୍ରିୟା ନଗର ଠାରେ ମହିଳା ମାନଙ୍କ ମଧ୍ୟରେ ମେହେନ୍ଦି ପ୍ରତିଯୋଗିତା ହୋଇଥିଲା । ଠିକ ସେହିଭଳି ହୋଟେଲ ତେଜସ୍ୱୀ ସାମ୍ନାରେ ପାଳିତ ହେବାକୁ ଥିବା ଉଗାଦି ଉତ୍ସବ ର ପ୍ରଥମ ସଂଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଜବରଦସ୍ତ ହାସ୍ୟ ପ୍ରୋଗ୍ରାମର କଳାକାର ରାମ ପ୍ରସାଦ, ରୋହିନୀ, ଇମାନୁଏଲ ଓ ବାବୁ ଯୋଗ ଦେବାକୁ ଥିବା ବେଳେ ଦ୍ୱିତୀୟ ସଂଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପି କଳ୍ପନା, ଏସ.ପି.ଚରଣ, ଜୟନ୍ତ, ବି.ଆଦିତି ଓ ଆଇ.ରାଜୁ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛିସେହିପରି ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀ ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଉଥିବା ଉଗାଦି ଉତ୍ସବ କାର୍ଯ୍ୟକ୍ରମ ମଧ୍ୟରେ ମାର୍ଚ୍ଚ ୨୨ତାରିଖ ସକାଳ ୯ଟା ସମୟରେ ନ୍ୟୁକଲୋନୀର ହୋଟେଲ ସ୍ୱାଗତ ନିକଟସ୍ଥ ଶ୍ରୀ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନୂତନ ପାଂଜି ପଠନ,କବିତା ପାଠୋତ୍ସବ,କବି ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ରାଇସିଂ ବିଡ଼ିକ କହିଛନ୍ତି । ଏହି ଉତ୍ସବ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆ ଠାରେ ରଙ୍ଗୋଲି, ମେହେନ୍ଦି, କୌତୁହଳ ଡ୍ରେସ ପ୍ରତିଯୋଗିତା ଓ ସୁସ୍ୱାଦୁ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୩୦୦ରୁ ଉର୍ଦ୍ଧ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉତ୍ସବ ପାଳନ କମିଟିର ସଭାପତି ଶ୍ରୀ ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତା କାଟି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଭାସ୍କର ରାଓଙ୍କ ନେତୃତ୍ୱରେ ହୋଟେଲ ତେଜସ୍ୱୀ ସାମ୍ନାରେ ଅନୁଷ୍ଠିତ ପ୍ରତିଯୋଗିତା ଓ ଉଗାଦି ଉତ୍ସବର ସମ୍ପାଦକ ଏମ ଗଙ୍ଗାଧର ରାଓ, ପି ଭି ପି ରାମୁ, ଏମ ଶ୍ରୀନିବାସ ରାଓ, ପି ଶ୍ରୀନିବାସ, ନାଇଡୁ, ବୁ ମନ୍ମଥା ରାଓ, ଇପିଲି ସନ୍ୟାସୀ ରାଜୁ, ଟି ଶ୍ରୀନିବାସ ରାଓ, ବଳକୃଷ୍ଣ ପଟ୍ଟନାୟକ, ବି ଭି ରାବଣାଙ୍କ ସମେତ ଅନ୍ୟମାନେ ସହଯୋଗ କରିବାରେ ଲାଗିଛନ୍ତି । ସୂଚନା ଯୋଗ୍ୟଯେ କୋଣ୍ଡା ବାବୁଙ୍କ ଦ୍ୱାରା ଉଗାଦି ଉତ୍ସବ ପାଳନ ପାଇଁ ହୋଟେଲ ତେଜସ୍ୱୀ ପଡିଆ ଠାରେ ପୂଜାର୍ଚ୍ଚନା କାରି ଶୁଭ ଦିଆଯାଇଥିଲା କିନ୍ତୁ ସେହି ଖୋଲା ପୋଡିଆରେ କୋଣ୍ଡା ବାବୁଙ୍କୁ ଉଗାଦି ଉତ୍ସବ ପାଳନ କରାଇନଦେବା ନିମନ୍ତେ ଉକ୍ତ ଜମିକୁ ଭାସ୍କର ରାଓ ଖରିଦ କରିଦେଲେ, ଯଦ୍ୱାରା କୋଣ୍ଡା ବାବୁ ଏହି ଉତ୍ସବକୁ ହିରୋ ସୋରୁମ ସାମ୍ନାରେ ଥିବା ପଡିଆକୁ ସ୍ଥାନାନ୍ତର କରିଲେ ଓ ବିଭିନ୍ନ ତେଲୁଗୁ ସମ୍ପ୍ରଦାୟର ଅକୁଣ୍ଠ ସାହାଯ୍ୟ ଓ ସହଯୋଗ ବଳରେ ପ୍ରଥମ ଥର ଉଗାଦି ଉତ୍ସବ କରିବାକୁ ଯାଉଥିବା ବେଳେ ଦୀର୍ଘ ୧୧ ବର୍ଷ ଧରି ଯେଉଁମାନେ ଭାସ୍କର ରାଓଙ୍କ ପଛରେ ରହି ତେଲୁଗୁ ନୂତନ ବର୍ଷ ପାଳନ କରୁଥିଲେ ସେମାନେ ଆଜି ଭାସ୍କର ରାଓଙ୍କୁ ଛାଡି କୋଣ୍ଡା ବାବୁଙ୍କୁ ସହଯୋଗ କରି ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଭାବେ ଉଗାଦି ଉତ୍ସବ ପାଳନ କରିବାକୁ ଯାଉଛନ୍ତି । ଭାସ୍କର ରାଓ ରାୟଗଡା ପୌର ପରିଷଦ ର ନିର୍ବାଚିତ ସଭ୍ୟ ସଭ୍ୟା ଓ ପୌର ପରିଷଦର ପୂର୍ବତନ ଅଧକ୍ଷ, ଅଧକ୍ଷାଙ୍କୁ ଏହି ଉତ୍ସବ କରିବାର ଦେଖିବାକୁ ମିଳୁଛି ବୋଲି ଜିଲ୍ଲା ଓ ସହର ସାରା ଚର୍ଚ୍ଚା ହେବାରେ ଲାଗିଛି । ଏହି ଉଗାଦି ଉତ୍ସବକୁ କେବଳ ଭାଇଚାରା କୁହାଯାଉଥିବା ବେଳେ ଏହା ନିଜର ଆଧିପତ୍ୟ ର ବିସ୍ତାର ପାଇଁ ଉଭୟ ଉତ୍ସବର ମୁଖ୍ୟ ମନେ ଲାଗିପଡ଼ିଛନ୍ତି ବୋଲି ସମଗ୍ର ଜିଲ୍ଲାରେ ଚର୍ଚ୍ଚା ଚାଲିଛି ।

# ବାଙ୍ଗାଲୁରୁ ଠାରେ ଓଡ଼ିଆ ଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ

**ଭୁବନେଶ୍ୱର :** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଳାମିତ୍ର ଫାଉଣ୍ଡେସନ ପକ୍ଷରୁ ବାଙ୍ଗାଲୁରୁ ଠାରେ ଥିବା ଭେଙ୍କଟପ୍ପା ଆର୍ଟ ଗ୍ୟାଲେରୀରେ ମହିଳା ଚିତ୍ରଶିଳ୍ପୀଙ୍କ କଳାକୃତିକୁ ନେଇ ଏକ ଜାତୀୟ କଳାପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀ ଉତ୍ସବରେ ଡ଼. କେ.ଏ. ସାଧନା, ଭବାନୀ ଜି.ଏସ୍ ବିଶ୍ୱାଳ, କଳାମିତ୍ର ଫାଉଣ୍ଡେସନର ସଭାପତି ଏମ୍. ରମେଶ ପ୍ରଦର୍ଶନୀ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ । ଏହି କଳାପ୍ରଦର୍ଶନୀଟି ୮ମାର୍ଚ୍ଚରୁ ଆରମ୍ଭ ହୋଇ ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ୫ ଜଣ ମହିଳା କଳାକାରଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସମସ୍ତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଓଡିଶାରୁ ଡ଼.ସସ୍ମିତା କମିଳା ଅଂଶଗ୍ରହଣ କରିଥିବା ବେଳେ, ସରଥ ନନ୍ଦିନୀ ଦେଶାଇ (ବାଙ୍ଗାଲୁରୁ), ଅସୀମା ଚୌଧୁରୀ, ଦିବ୍ୟାକର, ପିଆଲି ସରକାର, ଶ୍ରୀଭିଦ୍ୟା ରାମଚନ୍ଦ୍ର, ଶ୍ରୀଲକ୍ଷ୍ମୀ ଭାକୋଡ଼ା, ସୁବ୍ରତା ସୁଦର୍ଶୀନୀ ବେହେରା, ଗଙ୍ଗାପୁଲାରୀ, ଏ. ଆର କୁଲକର୍ଣ୍ଣୀ ଏବଂ କେ ରାନି (ଥିରୁନଭେଲି) । କଳାକାର



ମାନଙ୍କ ଚିତ୍ରକଳା ଶୈଳୀ ଏବଂ କୌଶଳ ଏକ ଭିନ୍ନ ପ୍ରକାରର ହୋଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ । ପ୍ରଦର୍ଶନୀରେ ତଥାପି ଜୀବନ, ପ୍ରକୃତି, ବିହଙ୍ଗ, ଲ୍ୟାଣ୍ଡସ୍କ୍ୟାପ୍, ଷ୍ଟିଲ୍‌ଲାଇଫ୍ ଓ ଡ଼ିଜିଟାଲ୍ ଚିତ୍ରଣ ମାଧ୍ୟମ ଇତ୍ୟାଦି ସ୍ଥାନ ପାଇଥିଲା । କଳାମିତ୍ର ଫାଉଣ୍ଡେସନର ସଭାପତି ଏମ୍. ରମେଶ ଚିତ୍ରଶିଳ୍ପୀଙ୍କର କଳାକୃତିର ବ୍ୟାଖ୍ୟା କରିଥିଲେ । ଓଡିଶାରୁ ଡ଼.ସସ୍ମିତା କମିଳାଙ୍କ ଡ଼ିଜିଟାଲ ମାଧ୍ୟମରେ (ଗଣେଶ ଓ ନାରୀ ଶକ୍ତି) ଶିର୍ଷକ ଚିତ୍ର ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିଥିଲା । ବିଗତ ୧୦ବର୍ଷଧରି ଏହି ଅନୁଷ୍ଠାନ କଳା ଓ କଳାକାର ମାନଙ୍କୁ ପ୍ରୋତ୍ସାହନ ଦେଇ ଆସୁଛି । ଏହି ଅବସରରେ ପ୍ରଦର୍ଶନୀର ରଙ୍ଗୀନ ପୁସ୍ତକ ଉନ୍ମୋଚିତ ହୋଇଥିଲା ।

# ଗୁଆଲିପୁର ଗ୍ରାମ ଠାକୁରାଣୀଙ୍କ ପାଖରେ ଲଉଡି ଖେଳ

**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଲିପୁର ଗ୍ରାମର ଠାକୁରାଣୀଙ୍କ ନିକଟରେ ଲଉଡି ଖେଳ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ବହୁ ଅଞ୍ଚଳର ସୁନାମ ଧନ୍ୟ ଲଉଡି ଖେଳାଳିମାନେ ଆସି ନିଜ ନିଜର ପରାକଷ୍ଠା ଦେଖାଇବା ସହିତ ସ୍ୱରତାଳ ଦେଇ ଖୁବ୍ ଆକର୍ଷଣୀୟ ନାଚିଥିଲେ । ଗୋପାଳ ଭାଇମାନଙ୍କ ଲଉଡି ଖେଳ ଏକପ୍ରକାର ଜନସାଧାରଣଙ୍କୁ ବିମୋହିତ କରିପକାଇଥିଲା । ଠାକୁରାଣୀ ମୂଳରେ ଅନୁଷ୍ଠିତ ଏହି ଲଉଡି ଖେଳଟିକୁ ଗୋପାଳ ଭାଇମାନଙ୍କ ପକ୍ଷରୁ ପାଲା ବାୟକ ସୁକଦେବ ଦାସ, ପବିତ୍ର ମୋହନ ଦାସ ଓ ତପନ କୁମାର ଦାସ (ଗେଣ୍ଡୁଆ)ଙ୍କ ନେତୃତ୍ୱରେ ପ୍ରତିବର୍ଷ ଏଠାରେ ଲଉଡି ଖେଳ ହେଉଥାଏ । ଏହି ଲଉଡି ଖେଳ ଦେଖିବାପାଇଁ ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ବାସୀ ଦେଖିବା ସହିତ ଭଲ ନୃତ୍ୟ କରୁଥିବା ଲଉଡି ଖେଳାଳିଙ୍କୁ ବି ପୁରସ୍କୃତ କରାଯାଉଥିଲା । ଗୋପାଳ ଭାଇମାନଙ୍କ ଏହି ଲଉଡି ଖେଳ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ବି କରାଯାଇଥିଲା । ସବୁଠୁ ଆକର୍ଷଣ ଘଟଣା ଏହି



ଲଉଡି ଖେଳରେ ଦେଖିବାକୁ ମିଳେ ଯେ ଗୋଟିଏ ଗୋଟିଏ ଦଳ କୁନି କୁନି ପିଲାମାନଙ୍କୁ ଆଣିଥିବା ବେଳେ ଆଉ କେତେଦଳ ବାବା ବେଶରେ ଓ ଲୋକମାନଙ୍କୁ ହସ ଖୁସିର ଖୋରାକ ଯୋଗାଇବା ପାଇଁ ବିଭିନ୍ନ ବେଶରେ ସଜାଇ ଆଣି ମଉଜ ମଜଲିସ୍ କରିଥାନ୍ତି । ବିଭିନ୍ନ ବେଶରେ ଆସିଥିବା ଲଉଡି ଖେଳାଳିମାନେ ଏପରିକି ଚମତ୍କାର ପ୍ରତିଯୋଗିତା କରିଥାନ୍ତି ଯେ, ଜନସାଧାରଣ ହସି ହସି ଲଉଡି ଖେଳର ଫାଇଦା ଉଠାଇଥାନ୍ତି । ଏହି ଲଉଡି ଖେଳକୁ ବଂଚାଇ ରଖିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି ବୋଲି ବୟୋଜ୍ୟେଷ୍ଠ ବ୍ୟକ୍ତି ଅକ୍ଷୟ ଦାସ, ଦୁଃଶାସନ ଦାସ, ଆଶୁତୋଷ ଦାସ, ପଞ୍ଚାନନ ଦାସ, ବାବୁ ଦାସ, ତୋଫାନ ଦାସ, ସୁଚିତା ଦାସ ଓ ଧର୍ମଦେବ ଦାସ ପକ୍ଷରୁ ପ୍ରକାଶ କରାଯାଇଛି ।

# ବାଲିଗୁଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର:** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଶାନ୍ତି ଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ସମୁଦାୟ ୧୭୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୧୧୮ ଟି ଅଭିଯୋଗର ତତ୍‌କାଳ ଫଇସଲା କରାଯାଇଥିଲା । ଜନସାଧାରଣ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବାରୁ ସେଥି ନିମନ୍ତେ ୧୧ଟି, ଜମିଜମା ସମସ୍ୟା ସମ୍ପର୍କିତ ୫ଟି, ରାସନକାର୍ଡ ସମସ୍ୟା ୯ଟି, ଭତ୍ତା ସମ୍ପକୀୟ ୧୭ଟି ଏବଂ ଅନ୍ୟାନ୍ୟ ୮ଟି ଅଭିଯୋଗର ଶୂଣାଣି କରାଯାଇଥିଲା । ବାର୍ଦ୍ଧକ୍ୟ ଭତ୍ତା ହେଉ ବା ବିଧବା ଭତ୍ତା ପାଇବା



ନିମନ୍ତେ ବହୁତ ଥର ଦୌଡିବାକୁ ପଡୁଛି ବୋଲି କିଛି ଅଭିଯୋଗକାରୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ । ଏହି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାଶ, ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ୍, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ, ତହସିଲଦାର ଅଂଶୁମାନ ଶତପଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ ଓ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଏବଂ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ ।

# ଜିଲ୍ଲାପାଳଙ୍କ ଦ୍ୱାରା ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଜଗତ୍‌ସିଂହପୁର :** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଜିଲ୍ଲାପାଳ ପାରୁଲ ପଟୱାରୀଙ୍କ ଅଧକ୍ଷତାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କହିଥିଲେ ଯେ ବାଲ୍ୟବିବାହ ସମ୍ପର୍କିତ ସଚେତନ କାର୍ଯ୍ୟକ୍ରମକୁ ସଠିକ୍ ଭାବରେ କରିବା ପାଇଁ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ପିଲାମାନଙ୍କୁ ନିଶାସେବନରୁ ଦୂରେଇ ରଖିବା ପାଇଁ ଏବଂ ଏହାର କୁ ପ୍ରଭାବ ବିଷୟରେ ସଚେତନ ସୃଷ୍ଟି କରିବା ନିମନ୍ତେ ମିଳିତ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ଏହାକୁ କାର୍ଯ୍ୟକ୍ରମରେ ଲଗାଇବା ପାଇଁ କହିଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିଶନ ବାତ୍ସଲ୍ୟ, ବିଜୁ ଶିଶୁ ସୁରକ୍ଷା ଯୋଜନା, ବାଲ୍ୟବିବାହ, ଆଶୀର୍ବାଦ ଯୋଜନା ଏବଂ ଏହାକୁ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଜିଲ୍ଲା ଶିଶୁ ସୁରକ୍ଷା କମିଟି, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ଜିଲ୍ଲା ବାଲ୍ୟବିବାହ ଟାକ୍ସଫୋର୍ସ, ଗାଇଡଲାଇନ୍ ଏବଂ ଶିଶୁ ଜନ୍ମ ଅନୁଷ୍ଠାନ କାର୍ଯ୍ୟକ୍ରମର ତୈ୍ୟମାସିକ ସମୀକ୍ଷା ଜିଲ୍ଲାପାଳ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ପୂର୍ବ ବୈଠକ ନିର୍ଦ୍ଦେଶର କାର୍ଯ୍ୟନୟନ ଓ ପ୍ରଗତି ସମ୍ପର୍କରେ ଅବଗତ



କରିଥିଲେ । ସମୁଦାୟ ୮୨୯ଜଣ ଶିଶୁଙ୍କୁ ଆଶୀର୍ବାଦ ସହାୟତା, ୩୭ଜଣ ଶିଶୁଙ୍କୁ ପୃଷ୍ଟପୋଷକ ସହାୟତା କରାଯାଇଛି ବୋଲି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ତରଫରୁ ଆୟୋଜିତ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ଏବଂ ଦ୍ୱିତୀୟସ୍ଥାନ ଅଧିକାର କରିଥିବା ୮ଜଣ ପିଲାଙ୍କୁ ଜିଲ୍ଲାପାଳ ଏବଂ ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ ପୁରସ୍କୃତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁବିକାଶ ପ୍ରକଳ୍ପ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପୋଲିସ୍ ଅଧିକାରୀ, ଶିଶୁମଙ୍ଗଳ ସମିତିର ଅଧକ୍ଷ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସାମାଜିକ କର୍ମୀ ଉଷାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଳନ୍ତି ଓ ପ୍ରତ୍ୟକ୍ଷ ଦେବୀ ଶ୍ରୀ ଅଗ୍ନି ଗଙ୍ଗାମା'



**ଅମୁଲ୍ୟ ନିଶଙ୍କ**

ଆନ୍ଧ୍ର ପ୍ରଦେଶ କୋରାପୁଟ ତଥା ରାୟଗଡା ଜ଼ିଲ୍ଲାର ସୀମାନ୍ତ ଅଂଚଳ କୋରାପୁଟ ଜ଼ିଲ୍ଲାର ବନ୍ଧୁଗାଁ ବ୍ଲକର ନୀଳାବାଡ଼ୀ ଗ୍ରାମରେ ଶ୍ରୀ ଅଗ୍ନି ଗଙ୍ଗାମ୍ମା ପୂଜା ପାଉଛନ୍ତି। ଯାହାଙ୍କ ମହିମା ଅପାର। ସେ ସଦାସର୍ବଦା ଭକ୍ତଙ୍କ ଝୋଲି ଭରିଦିଅନ୍ତି ଯେଉଁ ଭକ୍ତ ଭକ୍ତିର ମାଁଙ୍କ ଠାରେ ପୂଜାର୍ଚ୍ଚନା କରି ମନସ୍କାମନା ରଖନ୍ତି ତାହା ନିଶ୍ଚିତ ଭାବେ ପୂରଣ ହୁଏ। ଆଜି ଆମେ ସେହି ମାଁଙ୍କ ବିଷୟରେ କହିବାକୁ ଯାଉଛୁ। ରାୟଗଡା ସହର ଠାରୁ ମାତ୍ର ୫୫କିଲୋମିଟର ଦୂରରେ ମାଁଙ୍କ ମନ୍ଦିର ଅବସ୍ଥିତ। ମାଁଙ୍କ ଦର୍ଶନ ନିମନ୍ତେ ବସ୍ ରୁଟ୍ ହିଁ ଏକ ମାତ୍ର ରାସ୍ତା। ଶ୍ରଦ୍ଧାଳୁ ଗଣ ମାଁଙ୍କ ଦର୍ଶନ ନିମନ୍ତେ ବସ, ମୋଟର ସାଇକେଲ, କାର, ଅଟୋ ଯୋଗେ ଯାଆନ୍ତି। ରାୟଗଡା କୋରାପୁଟ ଜାତୀୟ ରାଜପଥରେ ପ୍ରାୟ ୨୦କିଲୋମିଟର ଗଲା ପରେ ଫୁଲକନା ନାମକ ଏକ ଛକ ପଡେ। ସେହି ଛକ ଦେଇ ପାହାଡ଼ ପର୍ବତ ମାଳା ଅତିକ୍ରମ କରି କିମ୍ବାରିପୁଟ ଦେଇ ନୀଳାବାଡ଼ୀରେ ପହଂଚି ମାଁଙ୍କ ଦର୍ଶନ କରିଥାନ୍ତି। ମାଁ କିପରି ସେହି ସ୍ଥାନରେ କିପରି ଭାବେ ଅଗ୍ନି ଗଙ୍ଗାମ୍ମା ରୂପେ ଆବିର୍ଭାବ ହେଲେ ତାହା ବାହୁ ରହସ୍ୟ ପୂର୍ଣ୍ଣ। ପୂର୍ବ କାଳରେ ୧୭୧୩-୧୭୫୨ ଖ୍ରୀଷ୍ଟାବଦରେ ଓଡିଶା ରାଜ୍ୟର ଜୟପୁରରେ ମହାବୀର ଦ୍ୱତୀୟ ବିଶ୍ୱମ୍ଭର ଦେବ ନାମକ ଏକ ରାଜା ରାଜୁତି କରୁଥିଲେ। ତାଙ୍କରି ଶାଶନ କାଳରେ ପ୍ରଜାମାନେ ଅତି ସୁଖରେ କାଳ କାଟୁଥିଲେ। କିନ୍ତୁ ଭିଲ୍ଲ ଜାତିର ଲୋକେ ଭୟଙ୍କର ବନ୍ୟଜନ୍ତୁଙ୍କ ଶିକାର ହେଉଥିଲେ। ଏହି ଭିଲ୍ଲ ମାନେ ନିଜର ଜୀବନ ରକ୍ଷା ନିମନ୍ତେ ଦିନେ ରାଜ ଦରବାର ରାଜସଭା ଚାଲୁଥିବା ସମୟରେ ରାଜାଙ୍କୁ ଦର୍ଶନ କରି ସେମାନେ କିପରି ଭୟଙ୍କର ବନ୍ୟଜନ୍ତୁଙ୍କ ଶିକାର ହୋଇ ନିଜର ଜୀବନ ତ୍ୟାଗ କରୁଛନ୍ତି ତାହା ରାଜାଙ୍କ ଜଣାଇଥିଲେ ଓ ନିଜ ନିଜର ଜୀବନ ରକ୍ଷା ନିମନ୍ତେ ଗୁହାରି କରିଥିଲେ। ରାଜା ସେମାନଙ୍କ ଜୀବନ ରକ୍ଷା ନିମନ୍ତେ ପ୍ରତିଶୃତି ଦେଇଥିଲେ। ନିଜର ପ୍ରତିଶୃତି ରକ୍ଷା ନିମନ୍ତେ ରାଜା ନିଜର ମନ୍ତ୍ରୀ ସୈନ୍ୟ ପ୍ରହରୀଙ୍କ ଅରଣ୍ୟକୁ ଯାଇ ତିନି ଦିନ ଧରି ବହୁ ଭୟଙ୍କର ବନ୍ୟଜନ୍ତୁକୁ ମାରି ଭିଲ୍ଲ ମାନଙ୍କ ଜୀବନ ରକ୍ଷା କରିଥିଲେ ଓ ତୃତୀୟ ଦିନ ସନ୍ଧ୍ୟା ହେବାରୁ ଅରଣ୍ୟ ମଧ୍ୟରେ ତମ୍ବୁ ଟାଣି ରାତ୍ରି ବିଶ୍ରାମ କରି ସକାଳୁ ରାଜଧାନୀ ଅଭିମୁଖେ ଯିବା ନିମନ୍ତେ ସ୍ଥିର କରି ରାତ୍ରୀ ତମ୍ବୁ ମଧ୍ୟରେ ରାଜା ନିଜର ପରିବାରଙ୍କ ସହିତ ବିଶ୍ରାମ ନିଅନ୍ତି। ବାହାରେ ପ୍ରହରୀ ମାନେ ପାଇଁତରା ମାରୁଥାନ୍ତି। ଠିକ ଏହି ସମୟରେ ଦୂରରୁ ଏକ ପକ୍ଷୀର ବିକଟାଳ ଶବ୍ଦ ଶୁଣାଗଲା। ସଂଗେ ସଂଗେ ସମଗ୍ର ଅରଣ୍ୟ ମଧ୍ୟରେ ପକ୍ଷୀର ରାବରେ ପ୍ରତିଧ୍ୱନିତ ହେବାରେ ଲାଗିଲା। ତାହା ସାଙ୍ଗକୁ ଶୃଗାଳ ମାନଙ୍କ ଭୟଙ୍କର ଶବ୍ଦ ଶୁଣାଗଲା। ଏହି ଭୀଷଣ ପବନ ସାଙ୍ଗକୁ ଝଡ଼ ବର୍ଷା ଆରମ୍ଭ ହେଲା। ପବନରେ ଛୋଟବଡ଼ ଗଛ ମନ ଉପୁଡିବାରେ ଲାଗିଲା। ଅରଣ୍ୟ ମଧ୍ୟରେ ରହୁଥିବା ସମସ୍ତ ଜୀବଜନ୍ତୁ ପକ୍ଷୀଗଣ ଏକ ବୃକ୍ଷ ମୂଳେ ଆଶ୍ରୟ ନେଇ ମୃତ୍ୟୁବରଣ କରିଲେ। ଏଣେ ତମ୍ବୁ ପବନରେ ଉଡ଼ିଗଲା ଓ ସେହି ସ୍ଥାନରେ ମଶାଲ ନିର୍ବାପିତ ହେଲା। ଘନ ଅନ୍ଧକାରରେ ପ୍ରହରୀ ମାନେ ଦିଗ ଜାଣି ନ ପାରି ଧାଇଁବାରେ ଲାଗିଲେ। ପ୍ରହରୀଙ୍କ ବିକଳ ଚିତ୍କାର ଶୁଣି ରାଜା ବାହାରକୁ ଆସି କିଛିକ୍ଷଣ ସ୍ତବ୍ଧ ହୋଇଗଲେ ଓ ମନ୍ତ୍ରୀଙ୍କୁ ଡାକ ପକାଇଲେ। ତମ୍ବୁ ଉଡିଯିବାରୁ ରାଜା ବଟ ବୃକ୍ଷର ଓହଳକୁ ଧରି ନିଜର ପ୍ରାଣ ରକ୍ଷା କରିଥିଲେ। କିନ୍ତୁ ପରିବାର ମନ୍ତ୍ରୀ ସୈନ୍ୟ ପ୍ରହରୀ କୁଆଡେ ଗଲେ କିଛି ଜଣା ଗଲା ନାହିଁ। ରାଜା ଏହି ସମୟରେ ନିଜର ଇଷ୍ଟ ଦେବୀ ମାଁ ଦୁର୍ଗାଙ୍କୁ ବିକଳର ସହିତ ନିଜ ପରିବାର ରକ୍ଷା ନିମନ୍ତେ ପ୍ରାଥନା କରିଲେ ଓ ମାଁଙ୍କ ପ୍ରତି ଭକ୍ତିରେ ହୃଦୟ ବିଗଳିତ ହେଲା। କିଛି ସମୟ ପରେ ରାଜା ଭୂମିରେ ପଡିଗଲେ। ଏହି ସମୟରେ ରାଜା ପ୍ରାଣ ମୁର୍ଚ୍ଛା ଅବସ୍ଥାରେ ପଡିଥାନ୍ତି। ବର୍ଷା ସମ୍ପୂର୍ଣ୍ଣ ରୂପେ କମିଯାଇ ଏକ ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହୋଇଥିଲା। ପରିବେଶ ମଧ୍ୟ ଶାନ୍ତ ଶୀତଳ ହୋଇଯାଇଥିଲା। ଠିକ ଏହି ସମୟରେ ଏକ ଦିବ୍ୟ ତେଜ ଦୃଶ୍ୟମାନ ହେଲା ସେହି କାନ୍ତି ମଧ୍ୟରୁ ଏକ ଆଠ ବର୍ଷର ବାଳିକା ପ୍ରତ୍ୟକ୍ଷ ହେଲେ। ସେହି ବାଳିକା ଜଣକ ଅପୂର୍ବ ଶୋଭାରେ ଝଲସିଥିଲେ। ସେ ନିଜର ପରିବାରଙ୍କ ସହିତ ଫଳ ମୂଳ ବାଉଁଶ ନଳୀରେ ପାଣି ଓ ହାଣ୍ଡିରେ ଅଗ୍ନି ଆଣି ରାଜାଙ୍କୁ ନିଆଁରେ ସେକ ଦେଇ ଶୋଷ ମେଣ୍ଟାଇବା ନିମନ୍ତେ ଜଳ ଦାନ କରିଥିଲେ। ରାଜନ ମୁଣ୍ଡରୁ ରକ୍ତ ସଫା କରିଦେଇଥିଲେ। ନିଜର କମଳ ହସ୍ତରେ ରାଜାଙ୍କୁ ଛୁଇଁ ନିଜର କେଶ ରାଶି ଦ୍ୱାରା ରାଜାଙ୍କର ମସ୍ତକ କୁଆଡେ କେଶରେ ସୁଶୋଭିତ କରିଥିଲେ ଓ ମଧୁର ଫଳ ରାଜାଙ୍କୁ ଖାଇବାକୁ ଦେଇଥିଲେ। ଫଳ ଭକ୍ଷଣ କରି ରାଜା ଉଠି ପ୍ରକୃତିସ୍ଥ ହୋଇ ପ୍ରାଣଦାତ୍ରି ମାଁଙ୍କୁ ନିଜର ବିନମ୍ର ପ୍ରଣାମ ଜଣାଇଲେ ଓ ରାଜା ବିନମ୍ରତାର ସହିତ ହାତ ଯୋଡି ମାଁ ଏଭଳି ବିପଦ ସମୟରେ ମୋର ରକ୍ଷା ପାଇଁ ଆସିଛ। ମୁଁ ତୁମ କୁଆଡେ ନିତ୍ୟ ପୂଜା କରିବା ପାଇଁ ମୋତେ ମୋର ପରିବାର କୁଆଡେ ସୁଯୋଗ ଦେବା ଲାଗି ବର ପ୍ରାର୍ଥନା କରିଥିଲେ। ମା ମୋର ରାଜ୍ୟର ଯେକୌଣସି ସ୍ଥାନରେ ତୁମର ଇଛାରେ ନିବାସ କରିବା ପାଇଁ ମୋର ଅନୁରୋଧ। ଏହା ଶୁଣି ବାଳିକା ସହସ୍ୟ ବଦନରେ କନ୍ଦମୂଳ ଫଳ ରାଜାଙ୍କ ହସ୍ତରେ ଅର୍ପଣକଲେ। ଏହାପରେ ରାଜା କହିଲେ ମାଆ ମୋର ପରିବାର ମନ୍ତ୍ରୀ ସୈନ୍ୟ ଗଣ କୁଆଡେ ଗଲେ। ବର୍ତ୍ତମାନ ମୁଁ ଏକାକୀ ମୁଁ ରାଜ୍ୟକୁ ଫେରି କଣ କରିବି। ଏହା ଶୁଣି ବାଳିକା ସ୍ମିତହାସ୍ୟର ସହିତ ବାମ ଆଙ୍ଗୁଳି ଦ୍ୱାରା ନିର୍ଦ୍ଦେଶ କରୁଥିବା ଦିଗରୁ ରାଜାଙ୍କ ପରିବାର ମନ୍ତ୍ରୀ ସହିତ ପ୍ରତ୍ୟାବର୍ତ୍ତନ କରୁଥିବାର ଦେଖାଗଲା। କିଛି ମୁହୂର୍ତ୍ତରେ ରାଜ ପରିବାର ଓ ମନ୍ତ୍ରୀ ରାଜାଙ୍କ ନିକଟରେ ଉପସ୍ଥିତ ହେଲେ। ରାଜା ସେମାନଙ୍କୁ ରାଜା କନ୍ଦମୂଳ ଫଳ ପ୍ରଦାନ କରିଲେ। ଖାଇବା ପାଇଁ ମନ୍ତ୍ରୀ ରାଜାଙ୍କୁ ପଚାରିଲେ। କନ୍ଦମୂଳ ଫଳ ଅଗ୍ନି କେଉଁଠାରୁ ଆସିଲା ବୋଲି ପ୍ରଶ୍ନ କରିଥିଲେ। ଏହି ମାନଙ୍କୁ ଦେଖି ଦୃଶ୍ୟମନ ବାଳିକା ଅଦୃଶ୍ୟ ହୋଇଗଲେ ବୋଲି ବୁଝିପାରିଲେ। ରାଜା ବାଳିକାକୁ ସାଷ୍ଟାଙ୍ଗ ପ୍ରଣାମ କରି କହିଲେ ମାଆ ତୁମେ ଆମକୁ ଶୀତରୁ ରକ୍ଷା ପାଇଁ ଅଗ୍ନି ତୃଶା ନିବାରଣ ପାଇଁ ଗଙ୍ଗା ଓ କ୍ଷୁଦାନିବାରଣ ପାଇଁ ମାଆ ପରି ଫଳ ମୂଳ ପ୍ରଦାନ କରି ଆମକୁ ପୁନର୍ଜନ୍ମ ଦେଇଛ। ତେଣୁକରି ଅଗ୍ନି+ଗଙ୍ଗା+ଆମା ମିଶାଇ ତୁମର ନାମ ଆଜିଠାରୁ ଅଗ୍ନିଗଙ୍ଗାମାଆ ନାମରେ ଭକ୍ତ ପ୍ରତିଦିନ ସ୍ମରଣ କରି ପୂଜା କରିବେ। ସେତେବେଳେ ରାଜା ଅରଣ୍ୟ ବାସୀଙ୍କୁ ଡାକି ମାଆଙ୍କ ମହିମା ବିଷୟରେ ବର୍ଣ୍ଣନା କରିଲେ ଓ କଳସରେ ପାଣି ରଖିମାଆଙ୍କ ପୂଜା ପାଇଁ ଆଦେଶ ଦେଲେ। ଆଜି ସେହି ଅରଣ୍ୟ ପ୍ରଦେଶ ଗୁଣୁପୁର ଗୁଡ଼ାରୀ ରୂପେ ଲୋକମୁଖରେ କଥିତ ଫାଲାଗୁନ ମାସ ଅମାବାସ୍ୟା ପରେ ଦ୍ୱତୀୟ ସୋମବାର ଠାରୁ ମାଆଙ୍କ ନବ ଦିନ ବ୍ୟାପି ଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜା ବିଧାନ କଲେ। ମାଁ ଙ୍କ ପଛରେ ରାଜା ପରିବାର ମନ୍ତ୍ରୀ ଚାଲିଲେ ବଣ ଜଙ୍ଗଲ ପାହାଡ଼ ନଦୀ ନାଳ ଅତିକ୍ରମ କରି ଚାଲିଲେ। ଏହି ସମୟରେ ସେମାନେ ଭୋକ ଶୋସ ଭୁଲିଗଲେ। ଇତି ମଧ୍ୟରେ ଏକ ରମଣୀୟ ପୁଷ୍ପଲତା ଶୋଭିତ ଏକ ସ୍ଥାନ ଦେଖାଗଲା ଓ ମାଁଙ୍କୁ ସେହି ପୁଷ୍ପରାଶିର ଅପୂର୍ବ ଶୋଭାରେ ମଣ୍ଡିତ କରାଗଲା। ସେହି ସ୍ଥାନକୁ ରାଜା ମନ୍ତ୍ରୀଙ୍କ ସହିତ ବିଚାର କରି ଫୁଲକୋନା ନାମରେ ନାମିତ କରିଲେ। ଯାହାକି ରାୟଗଡାରୁ କୋରାପୁଟ ଯିବା ସମୟରେ ପଡୁଛି। ସେହିଠାରୁ ମାଙ୍କ ପଛେ ପଛେ ରାଜ ପରିବାର ଚାଲିଲେ। ରାଜାଙ୍କୁ ଦେଖି ଏକ କୁମ୍ଭାର ଗୋଟିଏ ପୁଟି ମାଣରେ ଫୁଲ ଭର୍ତ୍ତି କରି ରାଜାଙ୍କୁ ଉପହାର ଦେବା ନିମନ୍ତେ ଆସିଲା। ତାକୁ ଦେଖି ରାଜା କୁମ୍ଭକାରକୁ କହିଲେ ଯେ ଘୋଡା ଉପରେ ବସିଥିବା ମାଁ ଅଗ୍ନିଗଙ୍ଗାମା ଆମକୁ ରକ୍ଷା କରି ପୁନର୍ଜନ୍ମ ଦେଇଛନ୍ତି। ସେହି କୁମ୍ଭାରକୁ ଘୋଡା ଦେଖାଯାଉଛି କିନ୍ତୁ ମାଁ ଦୃଶ୍ୟମନ ହେଉନଥିଲେ ତଥାପି ସେହି କୁମ୍ଭାର ସେହି ଘୋଡାକୁ ପୂଜା କଲେ। କିନ୍ତୁ ସେହି ଫୁଲଟି ମାଁଙ୍କ ଉପରେ ପଡିଲା। ଏହା ଦେଖି ରାଜା କୁମ୍ଭାର ପୁଟିରେ ଫୁଲ ଆଣିଥିବାରୁ ସେହି ସ୍ଥାନକୁ ରାଜା କୁମ୍ଭାରୀପୁଟ ନାମ ରଖିଥିଲେ। ତାହା ପରେ ପରେ ଆଗେ ମା ପଛରେ ରାଜ ପରିବାର ଚାଲିଥାନ୍ତି। ବାହୁ ସମୟ ଚାଲିଲା ପରେ ଏକ ଛୋଟ ପଲି ଗ୍ରାମ ନିକଟରେ ପହଂଚିଥିଲେ। ସେଠାରେ ଥିବା ଏକ ଫାଶୀ ଗଛ ପାଖରେ ମାଁ ଅଦୃଶ୍ୟ ହୋଇଗଲେ। ରାଜା ଆଶ୍ଚର୍ଯ୍ୟ ହୋଇ ସେହି ଫାଶୀ ଗଛ ମୂଳରେ ଏକ ମୂର୍ତ୍ତି ଦେଖିବାକୁ ପାଇଥିଲେ। ରାଜା ତୁରନ୍ତ ସୈନ୍ୟ ପଠାଇ ନିକଟରେ ଥିବା ଗ୍ରାମ ବାସୀଙ୍କ ଡାକିଥିଲେ ଓ କହିଥିଲେ ଏହା ହେଉଛି ମାଙ୍କ ପ୍ରିୟ ସ୍ଥାନ ବୋଲି। ଗାଁ ଲୋକଙ୍କୁ ବୁଝାଇ ଥିଲେ ଓ ମାଙ୍କ ପରିଚୟ ଦେଇ କହିଲେ ଏହି ମୂର୍ତ୍ତି ହେଉଛନ୍ତି ମା ଅଗ୍ନିଗଙ୍ଗାମାଁ। ଯେକି ଆମକୁ ବିପଦରୁ ଉଦ୍ଧାର କରିଛନ୍ତି। ସେ ଏଣିକି ଏହି ସ୍ଥାନରେ ପୂଜା ପାଇବେ ଓ ପ୍ରତ୍ୟେକ ବର୍ଷ ଏହିଠାରେ ଯାତ୍ରା ଅନୁଷ୍ଠିତ ହେବ। ଆଦିମ ଜନଜାତି ମଧ୍ୟରୁ ଜଣକୁ ପୂଜାରୀ ଓ ଗାଦବା ଜାତିର ଲୋକଙ୍କୁ ବେଶ ହୋଇ ମାଁଙ୍କର ମନୋରଞ୍ଜନ କରିବା ତଥା ହାଡ଼ି ଜାତିର ଜଣକୁ ମାଁଙ୍କର ଉପସ୍ଥିତ ଗ୍ରାମରେ ଜଣାଇବା ପାଇଁ ଆଦେଶ ଦେଇଥିଲେ। ଫାଲଗୁନ ମାସ ଅମାବାସ୍ୟା ପରେ ଠାରୁ ଦ୍ୱତୀୟ ସମବାର ଦିନ ଠାରୁ ମାଙ୍କ ନବ ଦିନ ବ୍ୟାପି ଯାତ୍ରା ଅନୁଷ୍ଠିତ ହେବ ବୋଲି ରାଜା ଘୋଷଣା କଲେ। ଆଜି ଠାରୁ ପ୍ରତ୍ୟେକ ବର୍ଷ ଏହି ଦିନରେ ମାଙ୍କ ସାତ ଦିନ ବ୍ୟାପି ଯାତ୍ରା ହେବ ବୋଲି ସ୍ଥିର ହେଲା। କିନ୍ତୁ ହାଡ଼ି ଆସି ନବ ଦିନ ପର୍ଯ୍ୟନ୍ତ ଯାତ୍ରା କରିବା ପାଇଁ ବାଉଁଶରେ ମଶାଲ ତିଆରି କଲେ। ୯ ଦିନ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେଲା। ଯାତ୍ରା ଶେଷ ହେବା ପରେ ରାଜା ସେହି ସ୍ଥାନରୁ ବିଦାୟ ନେଲେ। ଶେଷ ପର୍ବ ଦିନ ଅଗ୍ନି ଖଣ୍ଡ (ନିଲାକୁ) ଗାମୁଛାରେ ବାନ୍ଧି ଗଣ୍ଠି ପକାଇ ଧାରଣ କରିବାରୁ ସେହି ସ୍ଥାନକୁ ରାଜା ନୀଳାବାଡ଼ୀ ନାମରେ ନାମିତ କରିଲେ। ଏହି ମନ୍ଦିରରେ ଅଗ୍ନିଗଙ୍ଗାମାଁ, ଜଳଗଙ୍ଗା ଓ ପାତାଳଗଙ୍ଗା ପୂଜା ପାଇଥାନ୍ତି। ଏଠାର ବିଶେଷତ୍ୱ ଏହା କି ଯେ ମାଙ୍କୁ କେବଳ ସ୍ତ୍ରୀ ଲୋକ ହିଁ ଦୈନିକ ପୂଜା କରିଥାନ୍ତି। ବର୍ଷକୁ ଯାତ୍ରା ସମୟରେ ଓଡିଶା ତଥା ଆନ୍ଧ୍ର ପ୍ରଦେଶରୁ ଲକ୍ଷାଧିକ ଭକ୍ତ ସମାଗମ ହୋଇଥାନ୍ତି। ଆମ କମିଟି ପକ୍ଷରୁ ଏହି ମନ୍ଦିରର ଉନତି ସାଙ୍ଗକୁ ବିଶ୍ରାମ କକ୍ଷ ନିର୍ମାଣ ସହିତ ମନ୍ଦିରକୁ ରାସ୍ତା ନିର୍ମାଣ କରାଯାଇଛି। ଯାତ୍ରା ସମୟରେ ଭକ୍ତଙ୍କ ଠାରୁ ଯେଉଁ ଅର୍ଥ ଆଦାୟ ହୋଇଥାଏ ସେଥିରେ ମନ୍ଦିରର ଉନ୍ନତି କରାଯାଉଛି ବୋଲି କମିଟି ସମ୍ପାଦକ ଜି ରବିଶଙ୍କର, ସଭାପତି ବି ସତ୍ୟମ ଓ ଉପସଭାପତି ସାହୁକର କହିଛନ୍ତି। ଲକ୍ଷାଧିକ ଭକ୍ତ ନିଜ ନିଜର ମାନସିକ ଧରି ଏଠାକୁ ଆସନ୍ତି। ମାନସିକ ପୂରଣ ହେଲେ କିଏ ତ ମୁଣ୍ଡନ କରୁଛି କିଏ ଛେଳି ମାରୁଛି ଯେଉଁ ଭକ୍ତ ଯେପରି ଭାବେ ମାଙ୍କ ଡାକେ ମା ତାହାରି ଡାକ ଶୁଣନ୍ତି। ନି ସନ୍ତାନ ସନ୍ତାନ ପାଏ। ଯାହାର ବିବାହ ଅଟକି ଥାଏ ତାହାର ବିବାହ କାର୍ଯ୍ୟ ସମାପନ ହୋଇଥାଏ।

*ଗୁଡାରୀ, ରାୟଗଡା*








# ଭୁବନେଶ୍ୱରରେ ୫୧କୋଟି ଟଙ୍କାର ହୋଲଡିଂ ଟିକସ ବାକି

**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଞ୍ଚଳରେ ୨୯୩ ଜଣଙ୍କ ଉପରେ ମୋଟ ୫୦ କୋଟି ୯୩ ଲକ୍ଷ ୩ ହଜାର ୪୨୦ଟଙ୍କାର ହୋଲଡିଂ ଟିକସ ବାକି ରହିଛି। ତେବେ ୧୦ଲକ୍ଷ ଟଙ୍କାରୁ ଅଧିକ ହୋଲଡିଂ ଟିକସ ବକେୟା ମୋଟ ୬୩ଜଣଙ୍କ ଉପରେ ରହିଛି, ଯେଉଁଥିରେ ଅଧିକାଂଶ ସରକାରୀ ସଂସ୍ଥା ବୋଲି ଜଣାପଡ଼ିଛି। ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଆଜି ବିଧାନସଭାରେ ୨ଟି ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୦ଲକ୍ଷ ଟଙ୍କାରୁ ଅଧିକ ହୋଲଡିଂ ଟିକସ ବକେୟା ରଖିଥିବା ସଂସ୍ଥା ମଧ୍ୟରେ ପ୍ରାଚୀ ଡିଭିଜନ କାର୍ଯନିର୍ବାହୀ ଇଞ୍ଜିନିୟର, ରିଜିଓନାଲ କଣ୍ଟ୍ରୋଲର ଅଫ ମାଇନ୍ସ, ଆରଆଣ୍ଡବି ଡିଭିଜନ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର, ୟୁନିଟ୍-୮ ସେସୁ ଏକଜ୍ୟୁକେଟିଭ ଇଞ୍ଜିନିୟର, ସେସୁ ୱାର୍କସପ୍, ନୟାପଲ୍ଲୀ ଦେବରାୟ କଲେଜ ଅଧକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ-୨, ସିଆରପିଏଫ କ୍ୟାମ୍ପସ, ଭୀମଟାଙ୍ଗୀ ସରସ୍ୱତୀ ବିଦ୍ୟାମନ୍ଦିର, ଇଏସଆଇ ରିଜିଓନାଲ ଡାଇରେକ୍ଟର, ଷ୍ଟେଟ ଇନଷ୍ଟିଚ୍ୟୁଟ ଅଫ ରୁରାଲ ଡେଭଲପମେଣ୍ଟ, ପୋଖରୀପୁଟ ଡିଏଭି ସ୍କୁଲ, ଓଡିଏମ୍ ପବ୍ଲିକ ସ୍କୁଲ, ଡିଏଲଏଫ ଲି଼ଃ, ପାୱାର ଗ୍ରୀଡ୍ କର୍ପୋରେସନ ଲିଃ, କେନ୍ଦ୍ରୀୟ ବିଦ୍ୟାଳୟ-୩, ଲୟଲା ଏଜୁକେସନ ସୋସାଇଟି, ଜିଏମ ସ୍କୁଲ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ ଇଣ୍ଡିଆ, ଭୁବନେଶ୍ୱର ଷ୍ଟକ ଏକ୍ସଚେଞ୍ଜ ଲିଃ, ଲକ୍ଷ୍ମୀ ଫ୍ରାଙ୍କଲିନ୍ ହସ୍ପିଟାଲିଟ, ବହୁ ରିଏଲଇଷ୍ଟେଟ୍ କମ୍ପାନୀ ସମେତ ମୋଟ ୬୩ଜଣ ବ୍ୟକ୍ତି ଓ ସଂସ୍ଥା ରହିଛନ୍ତି ଯେଉଁମାନେ କି ୧୦ଲକ୍ଷ ଟଙ୍କାରୁ ଅଧିକ ହୋଲଡିଂ ଟିକସ ବକେୟା ରଖିଛନ୍ତି। ଭୁବନେଶ୍ୱର ମହାନଗର ନିଗମରେ ୫୦କୋଟି ଟଙ୍କାରୁ ଅଧିକ ହୋଲଡିଂ ଟିକସ ବକେୟା ଥିବାବେଳେ ଏସବୁ ଆଦାୟ ନେଇ ସେମାନଙ୍କ ବିରୁଦ୍ଧରେ ଓପିଡିଆର କେସ୍ ରୁଜୁ ହୋଇଛି। ମାର୍ଚ୍ଚ ୩୧ସୁଦ୍ଧା ଏସବୁ ବକେୟା ଟିକସ ଆଦାୟ ପାଇଁ ୱାର୍ଡଗୁଡ଼ିକରେ କ୍ୟାମ୍ପ ଖୋଲାଯାଇଛି ଓ କ୍ଷେତ୍ର କର୍ମଚାରୀଙ୍କୁ ବକେୟା ଅର୍ଥ ଆଦାୟରେ ନିୟୋଜିତ କରାଯାଇଥିବା ଉଷା ଦେବୀ କହିଛନ୍ତି। ସେହିପରି ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ୯୧.୫୧ ଲକ୍ଷ ଟଙ୍କା, ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୧.୫୫କୋଟି ଟଙ୍କା, କଟକ ମହାନଗର ନିଗମ ଅଞ୍ଚଳରେ ୧୬.୫୭କୋଟି ଟଙ୍କାର ହୋଲଡିଂ ଟିକସ ବକେୟା ରହିଥିବା ମନ୍ତ୍ରୀ ଉଷା ଦେବୀ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଦାଶରଥୀ ଗମାଙ୍ଗଙ୍କ ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି। ତେବେ ପ୍ରଶ୍ନ ଉଠୁଛି, ସରକାରୀ ଅଫିସଗୁଡ଼ିକ କିଭଳି ଓ କେଉଁ କାରଣରୁ ୧୦ଲକ୍ଷ ଟଙ୍କାରୁ ଅଧିକ ପରିମାଣର ହୋଲଡିଂ ଟିକସ ବକେୟା ରଖିଛନ୍ତି। ସେହି ବକେୟା ପ୍ରଦାନ ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ କାହିଁକି ଆନ୍ତରିକତା ଦେଖାଉନାହାନ୍ତି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ‘ଶ୍ରେଷ୍ଠ ପାରମ୍ପରିକ ଚିତ୍ରଶିଳ୍ପୀ ସମ୍ମାନ’ ପାଇଲେ ଅବନ୍ତୀ ଓ ରବୀନ୍ଦ୍ର

**ଭୁବନେଶ୍ୱର :** ସମାଜର ଶ୍ରେଷ୍ଠତାର ପରିପୂରକ ମହିଳା ମାନଙ୍କ କଳାତ୍ମକ ପ୍ରତିଭାକୁ ସମ୍ମାନ ପ୍ରଦାନ କରିବାର ପ୍ରୟାସ ସ୍ୱରୂପ ହରିୟାଣା ରାଜ୍ୟର ହିସାରସ୍ଥିତ ଟାଲେଣ୍ଟିଲା ପାଉଣ୍ଡେସନ୍ ତରଫରୁ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ ଅବସରରେ ଆଭାସି ମାଧ୍ୟମରେ ଏକ ଅର୍ନ୍ତଜାତୀୟ ଚିତ୍ରକଳା ପ୍ରଦର୍ଶନୀ ଓ ପ୍ରତିଯୋଗିତା ‘ ନାରୀ’ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଆଭାସି ପ୍ରତିଯୋଗିତାରେ ଓଡ଼ିଶାର ୧୦ ଜଣ ପୁରୁଷ ଓ ମହିଳା ଚିତ୍ରଶିଳ୍ପୀ ସମେତ ୬୯ ଦେଶର ମୋଟ ୧୬୦୦ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ନିଜ ନିଜର କଳା ନୈପୁଣ ‘ମହିଳା



ସଶକ୍ତିକରଣ’ ବିଷୟ ବସ୍ତୁ ଆଧାରିତ ଚିତ୍ରକଳାମାନ ରଙ୍ଗ ଓ ତୂଳୀ ମାଧ୍ୟମରେ କାନଭାସରେ ପ୍ରତିପାଦିତ କରିଥିଲେ । ଏହି ପ୍ରତିଯୋଗିତାରେ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ଶିଳ୍ପୀ ଦମ୍ପତ୍ତି ରବୀନ୍ଦ୍ର କୁମାର ମହାରଣା ଏବଂ ଅବନ୍ତୀ ମହାରଣା ନିଜ ନିଜର ସୃଜନଶୀଳତା ପାଇଁ ‘ପାରମ୍ପାରିକ ଚିତ୍ରକଳା’ ବର୍ଗରେ ‘ଶ୍ରେଷ୍ଠ ପାରମ୍ପରିକ ଚିତ୍ରଶିଳ୍ପୀ ସମ୍ମାନ’ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସଂପୂର୍ଣ୍ଣ ପାରମ୍ପରିକ ଶୈଳୀରେ ଚିତ୍ରୀତ ‘କନ୍ଦର୍ପରଥ ’ ଏବଂ ନାରୀ ସଶକ୍ତିକରଣ ଉପରେ ଆଧାରିତ ପଟ୍ଟଚିତ୍ର ପାଇଁ ସମ୍ମାନିତ ହୋଇଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ବିନୀତ ଖେର ଏବଂ ନିର୍ଦ୍ଦେଶକ ଅନୁରାଧା ଖେର ତଥା ବିଚାରକ ମଣ୍ଡଳୀଙ୍କୁ ସାଧୁବାଦ ଜଣାଇଛନ୍ତି ଚିତ୍ରଶିଳ୍ପୀ ଦମ୍ପତ୍ତି ରବୀନ୍ଦ୍ର ଓ ଅବନ୍ତୀ । ନିଜ ପାଇଁ ନୁହେଁ ପେଶାରେ କଳା ଶିକ୍ଷକତା କରୁଥିବା ରବୀନ୍ଦ୍ର ନିଶାରେ ଶତାଧିକ ଛାତ୍ରଛାତ୍ରୀଙ୍କୁ ଚିତ୍ର ଶିକ୍ଷା ପ୍ରଦାନ ପୂର୍ବକ ବହୁ ପ୍ରତିଭାବାନ କୁନି ଚିତ୍ରଶିଳ୍ପୀ ଗଢିବାର ପ୍ରୟାସ ସ୍ୱରୂପ ଅନେକଙ୍କୁ ସିସିଆରଟି ସ୍କଲାରସିପ୍ ସହ ବିଭିନ୍ନ ପ୍ରତିଯୋଗିତା, କର୍ମଶାଳା, ପ୍ରଦର୍ଶନୀରେ ଅଂଶ ଗ୍ରହଣ କରାଇ ସଫଳତାର ଶୀର୍ଷରେ ପହଞ୍ଚାଇବାର ପ୍ରୟାସ ଜାରି ରଖିଛନ୍ତି । ପ୍ରକାଶ ଥାଉକି ଟାଲେଣ୍ଟିଲା ପାଉଣ୍ଡେସନ୍ ଦ୍ୱାରା ପରିଚାଳିତ ପ୍ରତିଯୋଗିତାରେ ପାରମ୍ପରିକ ପଟ୍ଟଚିତ୍ର ସମେତ ଆକ୍ରିଲିକ ଚିତ୍ର, ଜଳରଙ୍ଗ ଚିତ୍ର, ତୈଳଚିତ୍ର, ସ୍ଥାପତ୍ୟ, ହସ୍ତକଳା, ରଙ୍ଗୋଲି, ମିଶ୍ରଣ ଚିତ୍ରକଳା, ଡିଜିଟାଲ ଆର୍ଟ ପରି ବହୁ ବର୍ଗରୁ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଥିଲେ । କନିଷ୍ଠ ଓ ବରିଷ୍ଠ ବର୍ଗରେ ମୋଟ ୩୦୦ ଜଣ ଚିତ୍ରଶିଳ୍ପୀଙ୍କୁ ମାନପତ୍ର ସହ ମେଡ଼ାଲ ପ୍ରଦାନ ପୂର୍ବକ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସୂଚନା ଦେଇଛନ୍ତି ।

## ଅବକାରୀ ବିଭାଗ ଲାଞ୍ଚନେଇ ଖୋଲୁଛି ବାର; ଅଞ୍ଚଳରେ ତୀବ୍ର ଅସନ୍ତୋଷ

**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରେ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ମୁଖ୍ୟ ବଜାରରେ ଏକ ଠିପି ବନ୍ଦ ମଦ ଦୋକାନ ଥିଲା । ଗତ ସେପ୍ଟେମ୍ବର ୩ତାରିଖ ଦିନ ଅବକାରୀ ବିଭାଗ ଆଉ ଏକ ବାର ଖୋଲିବା ନେଇ ଅନୁମତି ପ୍ରଦାନ କରିଥିଲା । ଯାହାଫଳରେ ଉକ୍ତ ବାର ସେପ୍ଟେମ୍ବର ୫ ତାରିଖରେ ଖୋଲିଥିଲା । ପୁଣି ସେପ୍ଟେମ୍ବର ୭ଦିନ ସେହି ବାର ଠାରୁ ଅଳ୍ପ ଦୂରରେ ଆଉ ଏକ ବାର ଖୋଲିବା ନେଇ କଟକ ଅବକାରୀ କମିଶନରଙ୍କ ଶୁଣାଣି କରିଥିଲେ । ଏଥିରେ ବାର ଖୋଲିବା ଉପରେ ରୋକ୍ ଲାଗିଥିଲା ହେଲେ ସବୁଠାରୁ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ କଥା ଅସ୍ତରଙ୍ଗ ବୀରତ୍ୱର ଗାଥା ବଖାଣୁଥିବା ବେଳେ ସମ୍ମାନୀୟ ରାଷ୍ଟ୍ରପତି ଦୌପଦୀ ମୁର୍ମୁ ଅସ୍ତରଙ୍ଗ ଏକ ଭାଇଚାରାର ଅଞ୍ଚଳ ବୋଲି ବିଗତ ଦିନରେ ନିଜ ଅଭିଭାଷଣ କହିଥିଲେ । ଲବଣ ସତ୍ୟାଗ୍ରହ ପାଇଁ ଜନନାୟକ ମାହାତ୍ମା ଗାନ୍ଧୀ ଏହି ଅଞ୍ଚଳରେ ରହି ଇଂରେଜମାନଙ୍କ ଠାରୁ ଦେଶକୁ ସ୍ୱାଧୀନ କରିଥିଲେ ଫୁଣି ଏହି ଅଞ୍ଚଳରେ ବାର କମ୍ ରେଷ୍ଟୁରାଣ୍ଟ କିଭଳି ଭାବେ ଏକ ଅନସପ୍ ବାର ଖୋଲିବ ସେଥିପାଇଁ ଅବକାରୀ ବିଭାଗର କିଛି କର୍ମଚାରୀ ଗତ ସେପ୍ଟେମ୍ବର ୯ତାରିଖରେ ଅନସପ୍ ବାରର ତଥ୍ୟ ଲୁଚାଇ ପୁଣି ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ଦେଲେ । ଏଠାରେ ପ୍ରଶ୍ନ ଉଠୁଛି ଅବକାରୀ ବିଭାଗ କାହା ଚାପରେ ବା କାହା ପ୍ରରୋଚନାରେ ଏଭଳି ବାର କମ୍ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ଅନୁମତି ଦେଲା ? ଅବକାରୀ ବିଭାଗ କ’ଣ ଚାହେଁ ଯେ, ଅସ୍ତରଙ୍ଗ ଅଞ୍ଚଳରେ ଲୋକମାନେ ମଦ ପିଇ ମାତାଲା ହୋଇ ରାସ୍ତାରେ ଗଡିବେ । ତେଣୁ ନୂଆ ଅନୁମତି ପାଇଥିବା ବାର କମ୍ ରେଷ୍ଟୁରାଣ୍ଟକୁ ବନ୍ଦ କରାନଯାଏ ଆଗାମୀ ଦିନରେ ଅସ୍ତରଙ୍ଗ ଅଞ୍ଚଳରେ ଅବକାରୀ ବିଭାଗର ଅଧିକାରୀ ମାନେ ହଟହଟାର ସମ୍ମୁଖୀନ ହେବେ ବୋଲି ଚା ଖଟିରୁ ଆରମ୍ଭ କରି ଛକ, ବଜାରରେ ଶୁଣିବାକୁ ମିଳୁଛି । ଅସ୍ତରଙ୍ଗ ଅଞ୍ଚଳରେ ଦୁଇ ଦୁଇଟି ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନ ଥିବା ବେଳେ ପୁଣି ଆଉ ଏକ ବାର ପାଇଁ କିଭଳି ଅନୁମତି ପ୍ରଦାନ କରାଗଲା ତାହାର ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଦୃଢ଼ ଦାବି କରିଛନ୍ତି । ସୂଚନାଯୋଗ୍ୟ, ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଅବକାରୀ ମନ୍ତ୍ରୀ ଓ ଅବକାରୀ ବିଭାଗ କମିଶନରଙ୍କୁ ଲିଖିତ ଅଭିଯୋଗ କରାଯାଇଅଛି ।

### ଐତିହ୍ୟ ଓ କୀର୍ତ୍ତିରାଜିର ସୁରକ୍ଷା ନେଇ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଦୁଇଟି ପତ୍ର

## ପାରାଭାଡ଼ି ଏବଂ ଶିଶୁପାଳଗଡ଼ରେ ଖନନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଉ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ସଂରକ୍ଷିତ ସ୍ଥାନ ଖୋର୍ଦ୍ଧା ଜିଲ୍ଲାର ଶିଶୁପାଳଗଡ଼ରେ ବ୍ୟାପକ ଖନନ ଓ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ଏହାକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବାକୁ ଏଏସଆଇ ଓ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିପରି ଯାଜପୁର ଜିଲ୍ଲା ଐତିହାସିକ ଲଳିତଗିରି ନିକଟ ଶୁଖୁଆପଡ଼ା ଗ୍ରାମର ପାରାଭାଡ଼ିରେ ଥିବା ଖଣ୍ଡୋଲାଇଟ ଖଣି ଖନନକୁ ମଧ୍ୟ ତୁରନ୍ତ ବନ୍ଦ କରିବା ପାଇଁ ଆଉ ଏକ ପୃଥକ ପତ୍ର ଲେଖି ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ । ଶିଶୁପାଳଗଡରେ ବ୍ୟାପକ ଭାବରେ ଖନନ କାର୍ଯ୍ୟ ଦ୍ୱାରା ଐତିହ୍ୟ ନଷ୍ଟ ହେବାକୁ ବସିଛି । ଏହି ଖନନ ଦ୍ୱାରା ଶିଶୁପାଳଗଡ଼ ଦୁର୍ଗର ପୁରାତନ କୀର୍ତ୍ତିରାଜି, ମୁଖ୍ୟଦ୍ୱାର, କୂଅ ଓ ପୋଖରୀ ନଷ୍ଟ ହେଉଛି । ଅଞ୍ଚଳର ପ୍ରାକୃତିକ ପରିବେଶ, ଜୈବ ବିବିଧତା ମଧ୍ୟ ନଷ୍ଟ ହେଉଛି । ଏହି ଖନନ କାର୍ଯ୍ୟ ଆନସିଏଣ୍ଟ ମନୁମେଣ୍ଟ ଆଣ୍ଡ୍ ଆର୍କେଲୋଜିଓକାଲ ସାଇଟ ଆଣ୍ଡ୍ ରିମେନ୍ସ ଆକ୍ଟ ୧୯୫୮ର ଉଲ୍ଲଙ୍ଘନ କରୁଛି । ଏହା



ସଂରକ୍ଷିତ କୀର୍ତ୍ତିରାଜିର ୧୦୦ ମିଟର ପରିଧିରେ କୌଣସି ନିର୍ମାଣ ଓ ଖନନ କାର୍ଯ୍ୟକୁ ନିଷେଧ କରୁଛି । ଏହି ଖନନ କାର୍ଯ୍ୟ ଓଡ଼ିଶାରେ ଥିବା ଶାସକ ଦଳର ନେତାଙ୍କ ଦ୍ୱାରା ସ୍ଥାନୀୟ ପ୍ରଶାସନ ଓ ପୋଲିସର ପୃଷ୍ଠପୋଷକତାରେ ଜାରି ରହିଛି । ପ୍ରତିବନ୍ଧକ ଥିବା ସତ୍ତ୍ୱେ ଐତିହାସିକ ସ୍ଥଳ ଓ ନିକଟବର୍ତ୍ତୀ ଅଞ୍ଚଳରେ ଜାରି ରହିଥିବା ଖନନ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ଓ ପୋଲିସ ଅଣଦେଖା କରୁଛି । ଏହି ବେଆଇନ ଖନନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯାଉ । ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ଶିଶୁପାଳଗଡ଼ରେ ଏହି ବେଆଇନ କାର୍ଯ୍ୟକୁ ଯଥାଶୀଘ୍ର ବନ୍ଦ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହ ଉକ୍ତ ଅଞ୍ଚଳକୁ ଖାଲି କରିବା ପାଇଁ ମଧ୍ୟ ନିବେଦନ କରିବାକୁ ସେ ପତ୍ରରେ ଉଲ୍ଲେଖ କରିଛନ୍ତି । ଏଏସଆଇ ଯଥାଶୀଘ୍ର ଏହାର ପୁନରୁଦ୍ଧାର କରିବା ସହ ସଂରକ୍ଷଣ କରିବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେବାକୁ କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ଓଡ଼ିଶା ମାଇନିଂ କର୍ପୋରେଶନ(ଓଏମସି) ଦ୍ୱାରା ଯାଜପୁର ଜିଲ୍ଲାର ଶୁଖୁଆପଡା ଗ୍ରାମର ପାରାଭାଡ଼ିରେ ଥିବା ଖଣ୍ଡୋଲାଇଟ୍ ଖଣି ଖନନ ସମୟରେ ଏଏସଆଇ ଦ୍ୱାରା ୧୩୦୦ ବର୍ଷ ପୁରୁଣା ବୌଦ୍ଧସ୍ତୂପ ଆବିଷ୍କୃତ ହୋଇଛି । ଏଏସଆଇ ସଂସ୍ଥାର ପୁରୀ ସର୍କଲର ତଥ୍ୟାନୁସାରେ ଏହି ସ୍ଥାନରେ ଖନନ କାରଣରୁ ସପ୍ତମ କିମ୍ବା ଅଷ୍ଟମ ଶତାବ୍ଦୀର ୪.୫ ମିଟର ଉଚ୍ଚତା ବିଶିଷ୍ଟ ଏକ ବୌଦ୍ଧସ୍ତୂପ ଉଦ୍ଧାର କାରାଯାଇଥିଲା । କିନ୍ତୁ ଖନନ କାର୍ଯ୍ୟ କାରଣରୁ ଅନ୍ୟ ଏକ ଛୋଟ ସ୍ତୁପ ନଷ୍ଟ ହୋଇଯାଇଥିଲା । ଲଳିତଗିରି ନିକଟ ପାରାଭାଡିରେ କୀର୍ତ୍ତିରାଜି ମିଳିବା ପରେ ଏଏସଆଇ ରାଜ୍ୟ ସରକାରଙ୍କୁ ଓଏମସି ଦ୍ୱାରା ଜାରି ରହିଥିବା ଖଣି ଖନନକୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ଓଡ଼ିଶା ସରକାର ଏହି ସ୍ଥାନରେ ଥିବା ଐତିହ୍ୟର ମୂଲ୍ୟାଙ୍କନ ନ କରି ଖନନ ପାଇଁ ଅନୁମତି ଦେଇଥିଲେ, ଯାହା ଦ୍ୱାରା ଏଠାରେ ଥିବା ଐତିହ୍ୟ ନଷ୍ଟ ହେଉଛି । ଭାରତୀୟ ଐତିହ୍ୟ ଓ ସଂସ୍କୃତିର ସଂରକ୍ଷଣ ପାଇଁ ଏହା ଉପରେ ଚିନ୍ତା କରିବା ତଥା ଉକ୍ତ ଦୁଇଟି ସ୍ଥାନରେ ଖନନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଶ୍ରୀ ପ୍ରଧାନ ଜି. କିଷାନ ରେଡ୍ଡୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।

## ପ୍ରାଥମିକ ଶିକ୍ଷାର ବିକଳ ଚିତ୍ର, ୯୩ହଜାର ଶିକ୍ଷକ ପଦବୀ ଖାଲି

**ଭୁବନେଶ୍ୱର:** ରାଜ୍ୟରେ ପ୍ରାଥମିକ ଶିକ୍ଷା ଭିତ୍ତିଭୂମିକୁ ସୁଦୃଢ଼ ପାଇଁ ‘ଫାଇଭ-ଟି’ ଓ ‘ମୋ ସ୍କୁଲ’ ଭଳି କାର୍ଯ୍ୟକ୍ରମର ପ୍ରଚାରପ୍ରସାର କରି ବାଃ ବାଃ ନେଉଥିବା ରାଜ୍ୟ ସରକାରଙ୍କ ଅସଲ ଚେହେରା ପଦାରେ ପଡ଼ିଛି । ଖୋଦ୍ ରାଜ୍ୟ ସରକାର ଆଜି ବିଧାନସଭାରେ ଦେଇଥିବା ୩ଟି ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକଟାଳ ଚିତ୍ର ପଦାକୁ ଆସିଛି । ରାଜ୍ୟରେ ଶିକ୍ଷାର ମୂଳଦୁଆ ସାଜିଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀର ପ୍ରାୟ ୬୦ ପ୍ରତିଶତ୍ ଅର୍ଥାତ ୮୪୨୪୬ଟି ବିଭିନ୍ନ ବର୍ଗର ଶିକ୍ଷକ ପଦବୀ ଖାଲି ପଡ଼ିଛି । ସେହିପରି ହାଇସ୍କୁଲଗୁଡ଼ିକରେ ୮୭୯୮ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି । ରାଜ୍ୟରେ ୪୮୮୫୬ଟି ସରକାରୀ ସ୍କୁଲରେ ୫୦.୮୦ଲକ୍ଷ ଛାତ୍ରଛାତ୍ରୀ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢୁଥିଲେ ମଧ୍ୟ ସେମାନଙ୍କୁ ପଢ଼ାଇବା ପାଇଁ ଏସବୁ ସରକାରୀ ସ୍କୁଲରେ ମୋଟ ୯୨୫୬୦ଜଣ ଶିକ୍ଷକ କାର୍ଯ୍ୟରତ ଥିବା ଜଣାପଡ଼ିଛି । ଏପଟେ ଫାଇଭ-ଟି ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସରକାରୀ ସ୍କୁଲଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଉଥିବାବେଳେ ସେପଟେ ସ୍କୁଲଗୁଡ଼ିକରେ ଶିକ୍ଷକ ନଥିବା ରାଜ୍ୟରେ ବିପର୍ଯ୍ୟସ୍ତ ଶିକ୍ଷାକୁ ଇଙ୍ଗିତ କରୁଛି । ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି, ଗଣେଶରାମ ସିଂ ଖୁଣ୍ଟିଆ ଓ ନାଉରୀ ନାୟକଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯେଉଁ ତଥ୍ୟ ରଖିଛନ୍ତି ତାହା ରାଜ୍ୟରେ ପ୍ରାଥମିକ ଶିକ୍ଷା କିଭଳି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି ତା’ର ପ୍ରମାଣ ମିଳିଛି । ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବା ନିମନ୍ତେ ଏବେ ମୋଟ ୬୨୨୯୧ଟି ସ୍କୁଲ ଥିବାବେଳେ ସେଥିରୁ ୪୮୮୬୫ଟି ହେଉଛି ସରକାରୀ ସ୍କୁଲ । ଆଉ ଏସବୁ ସରକାରୀ ସ୍କୁଲରେ ୫୦ଲକ୍ଷ ୭୯ହଜାର ୯୧୨ଜଣ ପିଲା ପ୍ରଥମରୁ ଦଶମ ପାଠ ପଢୁଛନ୍ତି । ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଏହି ସରକାରୀ ସ୍କୁଲ ମଧ୍ୟରେ ୨୬୬୮୦ଟି ପ୍ରାଥମିକ ସ୍କୁଲ, ୧୫୧୪୯ଟି ଉଚ୍ଚପ୍ରାଥମିକ ଓ ୫୦୯୩ଟି ମାଧ୍ୟମିକ ସ୍କୁଲ ରହିଛି । ଏହି ସରକାରୀ ସ୍କୁଲଗୁଡ଼ିକ ଭିତରୁ ପ୍ରାୟ ୨୭୩୧୯ଟି ସ୍କୁଲରେ ଗୋଟିଏ କ୍ଲାସରୁମରେ ଏକାଧିକ ଶ୍ରେଣୀର ପିଲାମାନେ ପାଠ ପଢୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି । ତେବେ ବିଭାଗ ଅଧୀନରେ ଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲଗୁଡ଼ିକରେ ମୋଟ ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ସଂଖ୍ୟା ୧ଲକ୍ଷ ୪୦ହଜାର ୬୫୬ ହୋଇଥିବାବେଳେ ସେଥିରୁ ମୋଟ ୮୪୨୪୬ଟି ଶିକ୍ଷକ ପଦବୀ ଖାଲି ପଡ଼ିଛି । ଲେଭଲ-୩ ବର୍ଗରେ ୧୮୭୬୯ଟି, ଲେଭଲ-୪ ବର୍ଗରେ ୫୧୧୬୪ଟି , ଲେଭଲ-୫(ଖ)ରେ ୩୩୩୯୮ଟି ଓ ଲେଭଲ-୫(କ)ରେ ୩୨୩୨୫ଟି ପଦବୀ ରହିଛି । ଯାହାର ମୋଟ ସଂଖ୍ୟା ୧.୪୦ଲକ୍ଷ । ତେବେ ଏହି ପଦବୀ ମଧ୍ୟରୁ ଏବେ ମୋଟ ୮୪୨୪୬ଟି ପଦବୀ ଖାଲି ପଡ଼ିଛି । ଗତ ୨୦୧୯-୨୦ରୁ ୨୦୨୨-୨୩ ମସିହାମ ଧରେ ରାଜ୍ୟର ସରକାରୀ ପ୍ରାଥମିକ , ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲଗୁଡ଼ିକରୁ ମୋଟ ୨୧୨୦୯ଜଣ ଶିକ୍ଷକ ଅବସର ଗ୍ରହଣ କରିଥିବା ନେଇ ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି । ସେହିପରି ରାଜ୍ୟରେ ମାଧ୍ୟମିକ ସ୍କୁଲଗୁଡ଼ିକରେ ମୋଟ ୪୭୮୨ଟି ପ୍ରଧାନ ଶିକ୍ଷକ ପଦବୀକୁ ମିଶାଇ ମୋଟ ୪୪୯୪୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ସେଥିରୁ ଏବେ ୮୭୯୮ଟି ପଦବୀ ଖାଲି ପଡ଼ିଛି । ହାଇସ୍କୁଲସ୍ତରରେ ଏସବୁ ପଦବୀ ପୂରଣ ନେଇ ସରକାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଥିବା ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି । କିନ୍ତୁ ପ୍ରାଥମିକ ସ୍କୁଲଗୁଡ଼ିକରେ ଖାଲି ପଡ଼ିଥିବା ପ୍ରାୟ ୮୪ହଜାର ଶିକ୍ଷକ ପଦବୀ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ଦାଶ କିଛି ସୂଚନା ଦେଇନାହାନ୍ତି । ରାଜ୍ୟରେ ଶିକ୍ଷା ଭିତ୍ତିଭୂମିରେ ସୁଧାର ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ପ୍ରାଥମିକ ଶିକ୍ଷା ଭିତ୍ତିଭୂମିର ଏହି ବିକଟାଳ ଓ ବିପର୍ଯ୍ୟସ୍ତ ରୂପ ରାଜ୍ୟ ସରକାରଙ୍କ ବହୁଳପ୍ରଚାରିତ ଫାଇଭ-ଟି ରୂପାନ୍ତରୀକରଣର ଅସଲ ଚେହେରାକୁ ପଦାରେ ପକାଇ ଦେଇଥିବା ଜଣାପଡ଼ିଛି ।

## ମଧ୍ୟାହ୍ନ ଭୋଜନ ଅର୍ଥ ହରିଲୁଟ୍

**ଭଦ୍ରକ, (ବିକାଶ କୁମାର ଧଳ) :** ଭଦ୍ରକ ବ୍ଲକ ଅଧିନସ୍ଥ ଭଟ୍ଟପୁର ପ୍ରାଇମେରୀ ସ୍କୁଲ ଓ ଚାନ୍ଦିଆପଦା ନୋଡାଲ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହୋଇଛି । ଏହି ଦୁଇ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ବଦଳରେ ଗାଁ ଗାଁରେ ହେଉଥିବା ପଂକ୍ତି ଭୋଜନକୁ ନେଉଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ । କାହାର ବାହାଘର ହେଉ କି ବ୍ରତଘର ସେଠାକୁ ପିଲାମାନଙ୍କୁ ନେଇ ପହଞ୍ଚାଇ ଦେଉଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ । ଏପଟେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ଚିହ୍ନବର୍ଣ୍ଣ ନାହିଁ । ଦିଦି ପିଲାମାନଙ୍କୁ ଶିଖାଇ ଦେଇଛନ୍ତି ଯେ, କେହି ପଚାରିଲେ କହିବ ଆମ ସ୍କୁଲରେ ମଧ୍ୟାହ୍ନ ଭୋଜନ ଚାଲିଛି । ହେଲେ ଯାହା ଜଣାପଡିଛି ଏହି ପ୍ରଧାନ ଶିକ୍ଷୟିତ୍ରୀ ଜଣକ ଏତେ ଚତୁର ଯେ ସ୍ୱଳ୍ପ ପିଲା ଉପସ୍ଥାନ ଦେଉଥିଲେ ମଧ୍ୟ ଶ୍ରେଣୀର ସବୁ ପିଲାଙ୍କ ଉପସ୍ଥାନ ଦେଖାଇ ମଧ୍ୟାହ୍ନ ଭୋଜନ ଅର୍ଥ ହରିଲୁଟ୍ କରି ଚାଲିଛନ୍ତି । ଏ ବାବଦରେ ତାଙ୍କୁ ପଚାରିଲେ ସେ ଚିହିଁକି ଉଠି ଓଲଟା ପ୍ରଶ୍ନ କରୁଛନ୍ତି କିଏ କହିଲା ଏଠି ମଧ୍ୟାହ୍ନ ଭୋଜନ ଚାଲିନି ! କିନ୍ତୁ ବାସ୍ତବ ସ୍ଥିତି ଓଲଟା । ପ୍ରଧାନ ଶିକ୍ଷୟିତ୍ରୀଙ୍କ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ଏଭଳି ଘଟଣା ଘଟିଚାଲିଥିଲେ ବି ଉପରିସ୍ଥ ଅଧିକାରୀ ଏହାର ଟେର ପାଉନାହାନ୍ତି । ଯେଉଁଥିପାଇଁ ପ୍ରଧାନ ଶିକ୍ଷୟିତ୍ରୀ ନିଜର ଦୁର୍ନୀତିକୁ ବ୍ୟାପକ କରିବାରେ ଲାଗି ପଡିଛନ୍ତି । ଏନେଇ ସ୍ଥାନୀୟ ଜନସାଧାରଣ ଆଗାମୀ ଦିନରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହେବେ ବୋଲି ଜଣାପଡିଛି ।


PLOT FOR SALE

MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286


## କୁଡୁମୁଲୁଗୁମ୍ମା ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ମାଲକାନଗିରି :** କୁଡୁମୁଲୁଗୁମ୍ମା ସ୍ଥିତ ଡାରଉଇନ୍ ଡିଗ୍ରୀ ମହାବିଦ୍ୟାଳୟରେ ଏହାର ୧୩ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ଓ ମାଲକାନଗିରି ଜିଲ୍ଲାର ଉପ-ଜିଲ୍ଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟର ପ୍ରିନ୍ସପାଲ ତ୍ରିଲୋକ୍ୟନାଥ ସାହୁ, ବାଲିମେଲା ବିଜ୍ଞାନ ମହାବିଦ୍ୟାଳୟର ପ୍ରିନ୍ସପାଲ ଅମୁଲ୍ୟ କୁମାର ପ୍ରଧାନ, ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, କୁଡୁମୁଲୁଗୁମ୍ମା ତହସିଲଦାର ଅଶୋକ ମୁଦୁଲି, କୁଡୁମୁଲୁଗୁମ୍ମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ଗୌରୀ ଶଙ୍କର ବେହେରା, ଗୋବିନ୍ଦପାଲ୍ଲୀ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ସୁଜିତ୍ କୁମାର ବୋଷ୍, ମାଥିଲି ଗୋପବନ୍ଧୁ ମହାବିଦ୍ୟାଳୟର



ପ୍ରିନ୍ସପାଲ ସୁବ୍ରତ କୁମାର ଭଦ୍ରା,ଏମ ଭି ୭୯ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ପ୍ରଶାନ୍ତ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଏହି ମହାବିଦ୍ୟାଳୟର ପ୍ରିନ୍ସପାଲ ଅଶୋକ କୁମାର ପ୍ରଧାନ ପରିଚାଳନା କରିଥିଲାବେଳେ, ମଞ୍ଚ ଓ ଶବ୍ଦ ସମ୍ବଯୋଜନା ସୁଶ୍ରୀ ସିମାନ୍ତିକା ଦାସ୍ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରି ମୁଖ୍ୟ ଅତିଥି ଶ୍ରୀ ବାକା କହିଛନ୍ତି ଯେ ଆଜି ସେ ବହୁତ ଖୁସି କାରଣ ପାଠ ପଢିବା ସହିତ ଏହି ମହାବିଦ୍ୟାଳୟର ପିଲାମାନଙ୍କ ଶୃଙ୍ଖଳିତ ଆଚରଣ ସେମାନଙ୍କ ଭବିଷ୍ୟତ ଜୀବନ ଶୈଳୀ ଓ ଆଚାର ବ୍ୟବହାର ଉପରେ ନିଶ୍ଚୟ ଭାବରେ ପ୍ରଭାବ ପକାଇବ ଓ ସମାଜକୁ ଏକ ନୂତନ ସମ୍ଭାବନା ଆଣିବାରେ ସହାୟକ ହେବ । ଶେଷରେ ସେ ଏକ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ ଯେ ଆଗାମୀ ଦିନରେ ନିଜର ବିଧାୟକ ପାଣ୍ଠିରୁ ଏହି ମହାବିଦ୍ୟାଳୟରେ ପିଲାଙ୍କ ସାଇକେଲ ରଖିବା ପାଇଁ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ ଓ ପାଚେରୀ ଉଚ୍ଚା ନିମନ୍ତେ ଅର୍ଥ ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ । ମୁଖ୍ୟ ବକ୍ତା ଶ୍ରୀ ଖେମୁଣ୍ଡୁ ନିଜର ଅତିତର ଅଭିଜ୍ଞତା ପ୍ରକାଶ କରି କହିଛନ୍ତି ଯେ ଜ୍ଞାନର କୂଟୀର କୌଣସି ନିର୍ଧାରିତ ବିନ୍ଦୁ ପର୍ଯ୍ୟନ୍ତ ହିଁ ସିମୀତ ନୁହେଁ, ସେ ଆହୁରି ମଧ୍ୟ କହିଛନ୍ତି ଯେ ବର୍ତ୍ତମାନର ଜ୍ଞାନର ଆହୋରଣ ଓ ଅତୀତର ଆହୋରଣରେ ଆକାଶ ପାତାଳ ପ୍ରଭେଦ ରହିଛି, କାରଣ ଯାନ୍ତ୍ରିକ ଯୁଗରେ ନିଜର ଅନ୍ତର୍ନିହିତ ଗୁଣର ଆକଳନ ଓ ମନର ଭାଷାକୁ ଶାବ୍ଦିକ ରୂପ ଦେବାରେ ଯେମିତି ଆମେ ସମସ୍ତେ ଅସମର୍ଥ ହୋଇପଡିଛୁ ଓ କଥା କଥାକେ ଗୁଗଲ ବିକଶିତ ଜ୍ଞାନ ଉପରେ ହିଁ ବହୁଳ ଭାବରେ ନିର୍ଭରଶୀଳ ହୋଇପଡିଛୁ । ଏହି ଅବସରରେ ସେ ଦୃଷ୍ଟାନ୍ତ ସ୍ୱରୂପ କହିଛନ୍ତି ଯେ ଜିଲ୍ଲାର ଅନ୍ୟ ମହାବିଦ୍ୟାଳୟ ଅପେକ୍ଷା ଏହି ମହାବିଦ୍ୟାଳୟର ଶୈକ୍ଷିକ ବାତାବରଣ ସୃଷ୍ଟି ପାଇଁ ଅଧ୍ୟାପକ ଓ ଅଧ୍ୟାପିକା ମାନଙ୍କ ପରସ୍ପର ମଧ୍ୟରେ ଥିବା ସମନ୍ୱୟ ଅଦ୍ୱିତୀୟ । ଶେଷରେ ସେ ଏହି ଜିଲ୍ଲାର ପ୍ରଶାସନିକ ଉପ ମୁଖ୍ୟ ହିସାବରେ ବିଭିନ୍ନ ସମସ୍ୟା ଗୁଡ଼ିକୁ ହୃଦୟଙ୍ଗମ କରି କହିଥିଲେ ଯେ ଆଗାମୀ ଦିନରେ ମହାବିଦ୍ୟାଳୟରେ ଝିଅ ପିଲାଙ୍କ ରହିବା ସମସ୍ୟାକୁ ଧ୍ୟାନ ଦେଇ ପରିସର ନିକଟରେ ଥିବା ଛାତ୍ରୀବାସ ଉପରେ ଆଉଏକ କୋଠାଘର ନିର୍ମାଣ ସହ ଏକ ଉନ୍ନତମାନର ବିଦ୍ୟାଳୟ ଗୃହ ନିର୍ମାଣ ସକାଶେ ନିଜର ପ୍ରାଥମିକତା ଦେବେ । କାର୍ଯ୍ୟକ୍ରମ ଶେଷରେ ଅତିଥି ମାନେ ଏହି ମହାବିଦ୍ୟାଳୟ ର ବିଭିନ୍ନ କୃତିତ୍ୱ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକୁ ମନଭରି ଉପଭୋଗ କରିଥିଲେ ।




PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455


## ମେ’ ପହିଲାରୁ ପଛୁଆ ବର୍ଗ ସର୍ଭେ

**ଭୁବନେଶ୍ୱର :** ଖୁବ୍ ଶୀଘ୍ର ପଛୁଆ ବର୍ଗର ଲୋକଙ୍କୁ ମିଳିବ ସମସ୍ତ ସୁବିଧା ସୁଯୋଗ । ସେଥିପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ ଆରମ୍ଭ ହେବାକୁ ଯାଉଛି । ଯେଉଁଥିରେ ପଛୁଆ ବର୍ଗର ଲୋକ ନିଜର ସମସ୍ତ ତଥ୍ୟ ରାଜ୍ୟସରକାରଙ୍କୁ ଦେଇ ପାରିବେ । ପୂର୍ବରୁ କେନ୍ଦ୍ର ସରକାର ଜନଗଣନାରେ ପଛୁଆ ବର୍ଗଙ୍କୁ ଗୁରୁତ୍ୱ ଦେଉ ନ ଥିବାରୁ ରାଜ୍ୟସରକାର ଏହି ସର୍ଭେ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେଥିପାଇଁ ମେ ୧ ରୁ ୨୭ ପର୍ଯ୍ୟନ୍ତ ଏହି ସର୍ଭେ କରାଯିବ ବୋଲି ରାଜ୍ୟ



ସରକାର ଘୋଷଣା କରିଛନ୍ତି । ଏହି ସର୍ଭେରେ ସମସ୍ତ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ଏହି ସର୍ଭେ ମାଧ୍ୟମରେ ତଥ୍ୟ ଗ୍ରହଣ କରାଯିବ । ଏଥିରେ କେବଳ ଓଡ଼ିଶା ସରକାରଙ୍କ ଦ୍ୱାରା ଅଧିସୂଚିତ ୨୦୮ ପ୍ରକାର ପଛୁଆ ବର୍ଗର ଲୋକଙ୍କ ପାଇଁ ଉଦ୍ଦିଷ୍ଟ । ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ ଯେକୌଣସି ଗୋଟିଏ ପରିଚୟ ପତ୍ର ତଥା ଆଧାରକାର୍ଡ କିମ୍ବା ଭୋଟର ପରିଚୟ ପତ୍ର ବା ପ୍ୟାନ୍ କାର୍ଡ ଯୋଗେ ତଥ୍ୟ ଦେଇ ପାରିବେ । ଏତତ୍ ବ୍ୟତୀତ ରାସନ କାର୍ଡ ନ ଥିବା ପଛୁଆ ବର୍ଗ ପରିବାରର ସଦସ୍ୟ ମଧ୍ୟ ସର୍ଭେ ସେଣ୍ଟରରେ ତଥ୍ୟ ପ୍ରଦାନ କରିପାରିବେ । ପଛୁଆ ବର୍ଗର ଲୋକଙ୍କୁ କିଭଳି ତାଙ୍କର ନାର୍ଯ୍ୟ ଅଧିକାର ମିଳିବ ସେନେଇ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industrial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି